ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com




ଯା ଦେବୀ ସର୍ବଭୂତେଷୁ............


ପ୍ରକାଶ ଅପେକ୍ଷାରେ

ରଥ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



ବାଲେଶ୍ୱର ■ ସୋମବାର ୧୭ ମଇ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 17 MAY 2021

Vol.No. 32 ■ No. 125 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019


## କରୋନାରେ ଦେଶରେ ଗତ ୨୪ ଘଂଟାରେ ୩,୧୧,୧୭୦ ନୂଆ ମାମଲା

ନୂଆଦିଲ୍ଲୀ,୧୬/୦୫ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୩,୧୧,୧୭୦ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଏହି ସମୟ ମଧ୍ୟରେ ମୋଟ ୪,୦୭୭ ଜଣ କରୋନା ରୋଗୀ ପ୍ରାଣ ହରାଇଛନ୍ତି । ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨,୪୬,୮୪,୦୭୭ ପହଂଚିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ସଂଖ୍ୟା ୩୬,୧୮,୪୫୮ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୨,୭୦,୨୮୪ ଜଣ ମୃତ୍ୟୁ ବରଣ କରିଛନ୍ତି ।

## କରୋନାରେ ଝାରପଡା ଜେଲ କଏଦୀର ମୃତ୍ୟୁ

ଭୁବନେଶ୍ୱର,୧୬/୦୫ (ନି.ପ୍ର): ଝାରପଡ଼ା ଜେଲର ଜଣେ ବିଚାରାଧୀନ କଏଦୀଙ୍କର କରୋନାରେ ମୃତ୍ୟୁ ଘଟିଛି । ମୃତ କଏଦୀ ଜଣକ ହେଲେ ତ୍ରିପତି ମହାନ୍ତି । ନିଶା କାରବାର ମାମଲାରେ ଗିରଫ ହୋଇ ଜେଲରେ ଥିବା ତ୍ରିପତି କିଛିଦିନ ତଳେ କରୋନାରେ ଆକ୍ରାନ୍ତ ହୋଇଥିଲେ । ଏହାପରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ଓ ପରେ କଟକ ବଡ଼ ମେଡିକାଲରେ ଭର୍ତି କରାଯାଇଥିଲା । ପରେ ତାଙ୍କୁ କଟକର କୋଭିଡ୍ କେୟାର ହସ୍ପିଟାଲରେ ଭର୍ତି କରାଯାଇଥିଲା । ସେ ମଧୁମେହ ଓ ଉଚ୍ଚ ରକ୍ତଚାପ ରୋଗରେ ପୀଡ଼ିତ ଥିଲେ । ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇ ଥିବା ଜେଲ୍ ଡିଆଇଜି ଶୁଭକାନ୍ତ ମିଶ୍ର କହିଛନ୍ତି ।

# ଭୟଙ୍କର ରୂପନେବ ସାମୁଦ୍ରିକ ଝଡ ତୌକତ

## ୬ ରାଜ୍ୟରେ ନିୟୋଜିତ ହେଲେ ଉଦ୍ଧାରକାରୀ ଦଳ



ଭୁବନେଶ୍ୱର,୧୬/୦୫(ନି.ପ୍ର): ସାମୁଦ୍ରିକ ଝଡ ତୌକତ ଆସନ୍ତା ୨୪ ଘଂଟା ମଧ୍ୟରେ ଆହୁରି ଭୟଙ୍କର ରୂପ ଧାରଣ କରିବ ବୋଲି ଅନୁମାନ କରାଯାଇଛି । ପାଣିପାଗ ବିଭାଗର ସୂଚନା ମୁତାବକ ଏହି ଝଡ ଗୁଜୁରାଟ ଉପକୂଳରେ ମେ ୧୭ ତାରିଖ ସନ୍ଧ୍ୟା ସୁଦ୍ଧା ପହଂଚିବ ବୋଲି ପୂର୍ବାନୁମାନ କରିଛି । ସାମୁଦ୍ରିକ ଝଡ ତୌକାତ ମେ ୧୮ ତାରିଖ ସକାଳେ ଗୁଜୁରାଟର ପୋରବନ୍ଦର ଓ ମହୁଆ ମଧ ଦେଇ ଅତିକ୍ରମ କରିବ । ଏହି ସମୟରେ ଏହାର ବେଗ ଘଂଟାପ୍ରତି ୧୭୫ କିଲୋମିଟର ରହିପାରେ ବୋଲି କୁହାଯାଇଛି । ଗୁଜୁରାଟର ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କରେ ଏହି ସମୟରେ ପ୍ରବଳ ବର୍ଷାର ହେବ ବୋଲି ଅନୁମାନ କରାଯାଇଛି । ସାମୁଦ୍ରିକ ଝଡ ତୌକାତର ଭୟଙ୍କର ରୂପକୁ ନଜରରେ ରଖି ୬ ଟି ରାଜ୍ୟରେ ଏନଡିଆରଏଫ୍ ର ୪୨ ଟି ଟିମ୍ ନିୟୋଜିତ କରାଯାଇଛି । ସେମାନେ ଡଙ୍ଗା ସଜାଡିବା, ଗଛ କାଟିବା, ଦୂରସଂଚାର ଉପକରଣ ଆଦି ସାଙ୍ଗରେ ନେଇ ପ୍ରହରା ଦେଉଛନ୍ତି । ଏହାସହ ତୁରନ୍ତ ଆବଶ୍ୟକତା ପାଇଁ ୨୬ ଟି ଟିମ୍ କୁ ପ୍ରସ୍ତୁତ କରି ରଖାଯାଇଛି । ଅନ୍ୟପଟେ ନୌସେନା ତରଫରୁ ଉଦ୍ଧାର, ଖୋଜା ଖୋଜି କାର୍ଯ୍ୟ ପାଇଁ ଜଳ ଜାହଜ ଉପରେ ହେଲିକ୍ୟାପ୍ଟର ପ୍ରସ୍ତୁତ କରି ରହିଛନ୍ତି । ସେନା ତରଫରୁ ବାୟୁସେନା ଓ ଇଂଜିନିୟର କର୍ମଚାରୀଙ୍କୁ ଡକା ଯାଇଛି । ସେପଟେ ପଶ୍ଚିମ ରେଳ ବିଭାଗ ପକ୍ଷରୁ ଗୁଜୁରାଟର ତଟୀୟ ଅଞ୍ଚଳ ଦେଇ ଯା ଆସ କରୁଥିବା ୫୬ ଟି ରେଳକୁ ମେ ୧୭ ଓ ୧୮ ତାରିଖ ପାଇଁ ରଦ୍ଦ କରିଛି । ଏହାସହ ଗୃହମନ୍ତ୍ରଣାଳୟ ତରଫରୁ ଉତ୍ତର-ପଶ୍ଚିମ ଆରବ ସାଗର ଓ ଗୁଜୁରାଟ ଉପକୂଳରେ ମତ୍ସ୍ୟ ଧରାଳୀଙ୍କୁ ସମୁଦ୍ର ଭିତରକୁ ଯିବା ପାଇଁ ବାରଣ କରିଛି । ଅନ୍ୟପଟେ ଯେଉଁ ଯେଉଁ ଅଞ୍ଚଳରେ ତୌକାତର ସମ୍ଭାବନା ରହିଛି ସେହି ଅଞ୍ଚଳ ମାନଙ୍କରେ ଥିବା କୋଭିଡ ହସ୍ପିଟାଲରେ ବିଦ୍ୟୁତ, ଔଷଧର ବନ୍ଦୋବସ୍ତ କରିବାକୁ ନର୍ଦ୍ଦେଶ ଦେଇଛନ୍ତି ।

## କମିବା ନାଁ ଧରୁନି ମହାମାରୀ କରୋନା

# ବନ୍ଦ ହେଲା ସିରିଏଲ, ଚଳଚ୍ଚିତ୍ର ସୁଟିଂ



ଭୁବନେଶ୍ୱର,୧୬/୦୫(ନି.ପ୍ର): ଲକଡାଉନରେ ଘରେ ବସି ପ୍ରିୟ ଟିଭି ସିରିଏଲ ଦେଖୁଥିବା ଲୋକଙ୍କୁ ଏଣିକି ରିପିଟ୍ ଟେଲିକାଷ୍ଟ ଦେଖିବାକୁ ପଡିପାରେ । କାରଣ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି କ୍ରମେ ଫିଲ୍ମ ଓ ଟିଭି ସିରିଏଲ ସୁଟିଂକୁ ବନ୍ଦ କରିଦେଇଛନ୍ତି ରାଜ୍ୟ ସରକାର । କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଉଭୟ ଇନଡୋର ଓ ଆଉଟଡୋର ସୁଟିଂକୁ ବନ୍ଦ କରିବା ପାଇଁ ସାନି ନିର୍ଦ୍ଦେଶ ଜାରି କରିଛନ୍ତି ସ୍ୱତନ୍ତ୍ର ରିଲିଫ କମିଶନର । ପୂର୍ବରୁ ଜାରି ହୋଇଥିବା କଟକଣାରେ ସଂଶୋଧନ କରାଯାଇ ଏହି ନୂଆ ନିୟମକୁ ଯୋଡା ଯାଇଛି । ତେଣୁ ସୁଟିଂ ବନ୍ଦହେଲେ ଆପଣଙ୍କୁ ଆଉ ନୂଆ ଏପିସୋଡ୍ ଦେଖିବାକୁ ମିଳିନପାରେ । ବରଂ ରିପିଟ ଟେଲିକାଷ୍ଟରେ ସନ୍ତୁଷ୍ଟ ହେବାକୁ ପଡିବ ବୋଲି ଅନୁମାନ କରାଯାଉଛି । ଦିନକୁ ଦିନ କରୋନା ସଂକ୍ରମଣ ଭୟଙ୍କର ବେଗରେ ବ୍ୟାପିଚାଲିଥିବା ବେଳେ ସଂକ୍ରମଣର ଚେନକୁ ଭାଙ୍ଗିବା ପାଇଁ ସରକାର ଏଭଳି ନିଷ୍ପତ୍ତି ଗ୍ରହଣ କରିଛନ୍ତି ।

# ହରିୟାଣାରେ ପାନିପଥ ରିଫାଇନାରୀ ପକ୍ଷରୁ ବୃହତ କୋଭିଡ୍ ହସ୍ପିଟାଲର ଲୋକାର୍ପିତ

## ସଞ୍ଜିବନୀ ହସ୍ପିଟାଲ୍‌ରେ ପ୍ରତ୍ୟେକ ଶଯ୍ୟାକୁ ଅକ୍ସିଜେନ୍ ଯୋଗାଇବ ଇଣ୍ଡିଆନ ଅଏଲ : ଧର୍ମେନ୍ଦ୍ର



ହରିୟାଣା/ନୂଆଦିଲ୍ଲୀ/ଭୁବନେଶ୍ୱର,୧୬/୦୫ (ନି.ପ୍ର): କୋଭିଡ-୧୯ର ଦ୍ୱିତୀୟ ଲହରର ସଂକ୍ରମଣ ବୃଦ୍ଧି ପରିପ୍ରେକ୍ଷୀରେ ହରିୟାଣାବାସୀଙ୍କୁ ସଠିକ୍ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ପାନିପଥ ଠାରେ ଇଣ୍ଡିଆନ ଅଏଲର ବିଶୋଧନାଗାର ପକ୍ଷରୁ ଲୋକାର୍ପିତ ହୋଇଯାଇଥିବା ୫୦୦ ଶଯ୍ୟା ବିଶିଷ୍ଟ ବୃହତ କୋଭିଡ୍ କେୟାର ସେଂଟର ତଥା ଗୁରୁ ତେଜ୍ ବାହାଦୁର ସଞ୍ଜିବନୀ ହସ୍ପିଟାଲ୍‌କୁ ଇଣ୍ଡିଆନ ଅଏଲ ମାଗଣାରେ ଦୈନିକ ୧୫ ମେଟ୍ରିକ୍ ଟନ ଗ୍ୟାସୀୟସ ଅକ୍ସିଜେନ୍ ଯୋଗାଇବ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ରବିବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ହରିୟାଣାର ସ୍ୱାସ୍ଥ୍ୟ ମନ୍ତ୍ରୀ ଅନିଲ ବିଜ୍‌ଙ୍କ ଉପସ୍ଥିତିରେ ହରିୟାଣା ମୁଖ୍ୟମନ୍ତ୍ରୀ ମନୋହର ଲାଲ ଖଟ୍ଟର ଇଣ୍ଡିଆନ ଅଏଲର ଏହି ୫୦୦ ଶଯ୍ୟା ▶▶ପୃଷ୍ଠା ୭

# ଗ୍ରାମାଞ୍ଚଳ ପାଇଁ କେନ୍ଦ୍ର ଜାରି କଲା ନୂଆ ଗାଇଡଲାଇନ



ଭୁବନେଶ୍ୱର,୧୬/୦୫(ନି.ପ୍ର): କିଛି ଦିନ ହେଲା ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ କରୋନା ସଂକ୍ରମଣ ବଢିବାରେ ଲାଗିଛି । ଅନୁମାନ କରାଯାଉଛି ଦେଶର ସହରାଞ୍ଚଳରେ କରୋନା ଶୀର୍ଷରେ ପହଂଚି ସାରିଥିବା ବେଳେ ଗାଁ ଗହଳିରେ ଶୀର୍ଷ ଛୁଇଁବାକୁ ଆହୁରି ବାକି ଅଛି । ଓଡ଼ିଶାର ଆଦିବାସୀ ଅଧୁଷିତ ନିୟମଗିରି ଓ ମାଲକାନଗିରିର ବଣ୍ଡା ଜନଜାତିଙ୍କ ଭିତରେ କରୋନା ସଂକ୍ରମଣ ଦେଖା ଦେବା ପରେ ଏହା ସରକାରଙ୍କୁ ଚିନ୍ତାରେ ପକାଇଛି । ପ୍ରଶ୍ନ ଉଠୁଛି କରୋନା ସଂକ୍ରମଣର ଏହି ଚାପ ସମ୍ଭାଳିବାକୁ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ଅଛି ତ ? ଏହାକୁ ଦୃଷ୍ଟିରେ ରଖି ଗ୍ରାମାଞ୍ଚଳ ପାଇଁ ନୂଆ ଗାଇଡଲାଇନ ଜାରି କରିଛି କେନ୍ଦ୍ର । ଏଥିରେ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ପ୍ରସ୍ତୁତ ରଖିବାକୁ କୁହାଯାଇଛି । ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ କରୋନା ଆକ୍ରାନ୍ତଙ୍କ ଚିକିତ୍ସା ପାଇଁ ବନ୍ଦୋବସ୍ତ କରିବାକୁ କୁହାଯାଇଛି ।

## ଭୁବନେଶ୍ୱରରେ ୫୦ ହଜାର ଟଙ୍କାରେ ଶିଶୁ ବିକ୍ରି : ଶିଶୁପୁତ୍ରକୁ କିଣିଥିବା ବ୍ୟକ୍ତି ଗିରଫ

ଭୁବନେଶ୍ୱର,୧୬/୦୫(ନି.ପ୍ର): ଭୁବନେଶ୍ୱରରେ ୫୦ ହଜାର ଟଙ୍କାରେ ଶିଶୁ ବିକ୍ରି । ବର୍ଷକର ଶିଶୁପୁତ୍ରକୁ କିଣିଥିବା ବ୍ୟକ୍ତିଙ୍କୁ ଗିରଫ କଲା ପୋଲିସ । ନୟାଗଡରୁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କଲା ନୟପଲ୍ଲୀ ଥାନା ପୋଲିସ । ଗିରଫ ହୋଇଥିବା ଯୁବକଙ୍କ ▶▶ପୃଷ୍ଠା ୭

# ଜୁନ୍ ୧୫ ଯାଏଁ ଭକ୍ତଙ୍କ ପାଇଁ ବନ୍ଦ ରହିବ ଶ୍ରୀମନ୍ଦିର



ପୁରୀ,୧୬/୦୫(ନି.ପ୍ର): ରାଜ୍ୟରେ କରୋନାର ଦୈନିକ ସଂକ୍ରମଣ ୧୦ ହଜାର ଉପରେ ରହିଥିବାବେଳେ ପୁରୀରୁ ଆସିଛି ବଡ ଖବର । ଜୁନ୍ ୧୫ ଯାଏଁ ଭକ୍ତଙ୍କ ପାଇଁ ବନ୍ଦ ରହିବ ଶ୍ରୀମନ୍ଦିର । କରୋନା ସଂକ୍ରମଣ ରାଜ୍ୟରେ ବଢୁଥିବା ଦେଖି ଏପରି ଏକ ବଡ ନିଷ୍ପତ୍ତି ନେଇଛି ଶ୍ରୀମନ୍ଦିର ପ୍ରଶାସନ । ତେବେ ଏହି ସମୟରେ ଯଥାରୀତି ମହାପ୍ରଭୁଙ୍କର ନୀତି ସମ୍ପନ୍ନ ହେବ ବୋଲି କୁହାଯାଇଛି । ଆଜି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ପୁରୀ ଜିଲ୍ଲାପାଳ, ଏସପି ଏବଂ ଶ୍ରୀମନ୍ଦିର ଅଫିସିଆଲଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା । ଏହି ବୈଠକରେ ସଂକ୍ରମଣକୁ ଆଖି ଆଗରେ ରଖି ଶ୍ରୀମନ୍ଦିରକୁ ଜୁନ୍ ୧୫ ଯାଏଁ ଭକ୍ତଙ୍କ ପ୍ରବେଶ ନିଷେଧ କରାଯାଇଛି । ତେବେ ଆଗକୁ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ହେବାକୁ ଯାଉଛି । ଏହାକୁ ଆଖି ଆଗରେ ରଖି ଶ୍ରୀମନ୍ଦିର ପ୍ରଶାସନ ଏଭଳି ଆଗୁଆ ନିଷ୍ପତ୍ତି ନେଇଥିବା କୁହାଯାଉଛି । ଏପଟେ ଏବେ ପୁରୀରେ ମହାପ୍ରଭୁଙ୍କର ଚନ୍ଦନ ଯାତ୍ରା ମଧ କୋଭିଡ୍ କଟକଣାରେ ପାଳନ ହେଉଛି ।

# ଆଜିଠୁ ବରିଷ୍ଠ ନାଗରିକଙ୍କ ଘରକୁ ଯାଇ ନମୂନା ସଂଗ୍ରହ କରିବ ବିଏମସି

ଭୁବନେଶ୍ୱର,୧୬/୦୫ (ନି.ପ୍ର): ଆସନ୍ତାକାଲି(ସୋମବାର) ଠାରୁ ବରିଷ୍ଠ ନାଗରିକଙ୍କ ଘରକୁ ଯାଇ ନମୂନା ସଂଗ୍ରହ କରିବ ବିଏମସି । ଏହାସହ ଏକାକି ରହୁଥିବା ବରିଷ୍ଠ ନାଗରିକଙ୍କୁ ଟିକାଦେବା ଲାଗି ବିଏମସି ନେବା ଆଣିବା କରିବ । କରୋନା ସମୟରେ ସମସ୍ୟାର ସମ୍ମୁଖୀନ ହେଉଥିବା ବରିଷ୍ଠ ନାଗରିକଙ୍କ ପାଇଁ ନୂତନ ବ୍ୟବସ୍ଥା କରିଛି ଭୁବନେଶ୍ୱର ମହାନଗର ନିଗମ (ବିଏମସି) । ଭୁବନେଶ୍ୱର ଅଂଚଳରେ ସଂକ୍ରମିତ ହୋଇଥିବା ସନ୍ଦେହ କରୁଥିବା ବରିଷ୍ଠ ନାଗରିକଙ୍କ ଘରକୁ ଯାଇ ସାମ୍ପୁଲ ସଂଗ୍ରହ କରାଯିବ । ଲକ୍ଷଣ ଥିବା ବରିଷ୍ଠ ନାଗରିକ ୧୯୨୯କୁ ଫୋନ୍ କରି ନିଜର ନାଁ ଏବଂ ଘର ଠିକଣା ଦେବେ । ଏହା ପରେ ଘରକୁ ଭ୍ୟାନ୍ ସେମାନଙ୍କର ନମୂନା ସଂଗ୍ରହ କରି ଆଣିବ । ସୋମବାରଠାରୁ ଏହି ପ୍ରକ୍ରିୟା ଆରମ୍ଭ ହେବ ବୋଲି ବିଏମସି କମିଶନର ସଂଜୟ ସିଂ ଶନିବାର ସୂଚନା ଦେଇଥିଲେ । ସେହିପରି ଟିକା ପାଇଁ ସମସ୍ୟାରେ ପଡୁଥିବା ବରିଷ୍ଠ ନାଗରିକଙ୍କୁ ଘରୁ ଆଣି ଟିକାକରଣ କେନ୍ଦ୍ରରେ ଟିକା ଦେଇ ପୁଣି ଘରେ ଛାଡ଼ିବ ବିଏମସି । ଘରେ ଏକୁଟିଆ ରହୁଥିବା ବରିଷ୍ଠ ନାଗରିକଙ୍କୁ ଏଥିପାଇଁ ୧୯୨୯ ନମ୍ବରରେ ଫୋନ୍ କରିବାକୁ ହେବ ବୋଲି ଶ୍ରୀ ସିଂ ସୂଚନା ଦେଇଛନ୍ତି ।

## ଗୋଟିଏ ଦିନରେ ୧୧୭୩୨ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୬/୦୫(ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୧୭୩୨ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୬୧୨୨୨୪ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୫୦୨୪୫୫ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୧୦୭୪୦୩ ରହିଛି । ଆଜି ଚିହ୍ନଟ ହୋଇଥିବା ୧୧୭୩୨ ଜଣଙ୍କ ମଧ୍ୟରୁ ୬୫୬୯ ଜଣ ସଂଗରୋଧରୁ ହୋଇଥିବା ବେଳେ ୫୧୬୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୧୭୧୦ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ▶▶ପୃଷ୍ଠା ୭

## ନିୟମଗିରି ଓ ବଣ୍ଡାଘାଟିରେ ପଶିଲା କରୋନା

# ୧୨ ବଣ୍ଡା ଜନଜାତି ଓ ୬ ଡଙ୍ଗରିଆ ପଜିଟିଭ୍ ଚିହ୍ନଟ



ଭୁବନେଶ୍ୱର,୧୬/୦୫(ନି.ପ୍ର): ଆଦିମ ଜନଜାତିଙ୍କ ବଣ୍ଡାଘାଟିକୁ ଛୁଇଁଲା କରୋନା । ଆଦିମ ବଣ୍ଡା ଜନଜାତିର ପ୍ରାୟ ୧୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ମାଲକାନଗିରିର ମୁଦୁଲିପଡା ଏବଂ ଅଣ୍ଡ୍ରାହଲର କିଛି ଲୋକେ ଅନକାଡେଲି ସାପ୍ତାହିକ ହାଟକୁ ଯାଇଥିବା ବେଳେ ଆନ୍ଧ୍ରର ବ୍ୟବସାୟୀଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଥିବା ସନ୍ଦେହ କରୁଛି ଜିଲ୍ଲା ପ୍ରଶାସନ । ପ୍ରଥମ ଥର ଲାଗି ବଣ୍ଡାଘାଟିରେ ଏକାଥରକେ ୧୨ ଜଣ ସଂକ୍ରମିତଙ୍କୁ ଚିହ୍ନଟ କରିବାରୁ ପ୍ରଶାସନ ପାଇଁ ମୁଣ୍ଡ ବିନ୍ଧାର କାରଣ ହୋଇଛି । ବଣ୍ଡାଘାଟିର ବଡବେଲ ଗାଁକୁ ସଂମ୍ପୂର୍ଣ୍ଣ କଂଟେନମେଂଟ ଜୋନ ଘୋଷଣା କରିବା ସହିତ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କୁ ମଧ କରୋନା ପରୀକ୍ଷା କରାଉଛି ମେଡିକାଲ ଟିମ୍ । ଏପଟେ ଅନକାଡେଲିରୁ ବଣ୍ଡାଘାଟିକୁ ପ୍ରବେଶ ପଥରେ ପ୍ରଶାସନ ରୋକ ଲଗାଇଥିବା ସୂଚନା ମିଳିଛି । ସେପଟେ ନିୟମଗିରି ଡଙ୍ଗରିଆଙ୍କୁ କରୋନା । ସପ୍ତାହକ ମଧ୍ୟରେ ୬ ଡଙ୍ଗରିଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସାରାବିଶ୍ୱରରେ ମହାମାରୀ କରୋନା ନିଜର କାୟା ବିସ୍ତାର କରିଥିବାବେଳେ ବର୍ତମାନ ରାୟଗଡା ଜିଲ୍ଲା ନିୟମଗିରି ପାହାଡରେ ▶▶ପୃଷ୍ଠା ୭

## ଗଞ୍ଜାମରେ ବାହାଭୋଜି ପାଇଁ ନୂଆ ନିୟମ

# ବିବାହ ଆୟୋଜନ କଲେ ପରିବାର ସଦସ୍ୟଙ୍କ ହେବ କରୋନା ଟେଷ୍ଟ



ଗଞ୍ଜାମ,୧୬/୦୫(ନି.ପ୍ର): ଗଞ୍ଜାମରେ ବାହା ଭୋଜି ପାଇଁ ନୂଆ ନିୟମ । ଜିଲ୍ଲାରେ ଏଣିକି ବିବାହ ଆୟୋଜନ କଲେ ପରିବାର ସଦସ୍ୟଙ୍କ ହେବ କରୋନା ଟେଷ୍ଟ । ଏପରିକି ପଜିଟିଭ ଆସିଲେ ବିବାହ ଆୟୋଜନ ପାଇଁ ମିଳିବ ନାହିଁ ଅନୁମତି । କରୋନା ସଂକ୍ରମଣ ବଢୁଥିବାରୁ କଟକଣା ଭିତରେ ବିବାହ କାର୍ଯ୍ୟକ୍ରମ ଆୟୋଜନ ପାଇଁ ସରକାର ଅନମତି ଦେଇଛନ୍ତି । ବିବାହରେ ସର୍ବାଧିକ ୫୦ ଜଣ ସାମିଲ ହୋଇପାରିବେ ବୋଲି ଅନୁମତି ରହିଛି । ହେଲେ ଗଞ୍ଜାମ ଜିଲ୍ଲା ପ୍ରଶାସନ ଅଧିକ ସତର୍କ ହୋଇଛନ୍ତି । ବିବାହ ଆୟୋଜନ କରୁଥିବା ପରିବାର ସଦସ୍ୟଙ୍କ ଆଂଟିଜେନ ଟେଷ୍ଟ କରିବା ସହ ପଜିଟିଭ ଚିହ୍ନଟ ହେଲେ ବିବାହ ଆୟୋଜନ ପାଇଁ ଅନୁମତି ମିଳିବ ନାହିଁ ବୋଲି କହିଛନ୍ତି ଜିଲ୍ଲାପାଳ ବିଜୟ ଅମୃତ କୁଲାଙ୍ଗେ । ଏନେଇ ଜିଲ୍ଲାପାଳମାନଙ୍କୁ ଜଣାଇ ଦିଆଯାଇଛି । ସେହିପରି ବିବାହ ବେଳେ କୋଭିଡ ଗାଇଡଲାଇନକୁ ଉଲ୍ଲଂଘନ କଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାଇ ଦିଆଯାଇଛି ।

# ଯାଜପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ଅକ୍ଷୟ ତୃତୀୟା ପାଳିତ

ଧର୍ମଶାଳା, ୧୬/୫ (ନି.ପ୍ର): ଯାଜପୁର ଜିଲାର ବିଭିନ୍ନ ସ୍ଥାନରେ ଆଜି ଚାଷୀମାନଙ୍କ ପକ୍ଷରୁ ପବିତ୍ର ଅକ୍ଷୟତୃତୀୟା ପାଳିତ ହୋଇଯାଇଛି। ଆଜିର ଦିନରେ ଚାଷୀମାନେ ନିଜନିଜ କ୍ଷେତରେ ପୂଜାର୍ଚ୍ଚନା କରି ଅଖିମୁଠି କାର୍ଯ୍ୟକୁ ଶୁଭାରମ୍ଭ କରିଛନ୍ତି। ଚାଷୀମାନେ ନିଜ ଘରେ ଗଉଣୀରେ ଧାନ ରଖି ପୂଜାର୍ଚ୍ଚନା କରିବା ପରେ ଘରର ମୁଖ୍ୟ ଏହି ଧାନକୁ ନେଇ ନିଜର କ୍ଷେତକୁ ଯାଇଥାନ୍ତି ଏବଂ ସେଠାରେ ପୂଜା କରିବାପରେ କ୍ଷେତରେ ଧାନ ବୁଣା କାର୍ଯ୍ୟ ଆରମ୍ଭ କରିଥାନ୍ତି। ତେବେ ରାଜ୍ୟର କୋଭିଡ-୧୯ ଲହର ଚାଲିଥିବାରୁ ଧର୍ମଶାଳା ବ୍ଲକର ଧର୍ମଶାଳା, କାଏମା, ଦେଓଦା, ମଙ୍ଗଳପୁର, ଥାନୁଆଳ ପଂଚାୟତ, ବଡଚଣା ବ୍ଲକର ବଡଚଣା, ଚଣ୍ଡିତଳ, ବନ୍ତଳା, କାଇମାଟିଆ, ଧାନମଣ୍ଡଳ, ବନ୍ଦାଳ, ବଡଘୁମୁରୀ, ରାଧାଦେଇପୁର, ଖଇରା, ସିହା, ଦର୍ପଣ ଓ ରସୁଲପୁର ବ୍ଲକର ବଡକଇଁଚି, ରସୁଲପୁର, ବ୍ରହ୍ମବରଦା, ମଙ୍ଗରାଜପୁର, ସାମନ୍ତରାପୁର, ପ୍ରଥମାଖଣ୍ଡ, ଅତଲାପୁର ଆଦି ପଂଚାୟତରେ ପବିତ୍ର ଅକ୍ଷୟତୃତୀୟା ଅନୁଷ୍ଠିତ ହୋଇଯାଇଛି। ଚାଷୀଟିଏ ନିଜ କ୍ଷେତରେ ଧାନ ବୁଣିବା କାର୍ଯ୍ୟ ଆରମ୍ଭ କରିବା ପରେ ପାଗଦେଖି ଆଜି ଠାରୁ ଧାନ ବୁଣିଥାନ୍ତି। ବହୁ ଚାଷୀ ଆଜି ଅକ୍ଷି ମୁଠି ଆରମ୍ଭ କରିଥିବା ସୂଚନା ମିଳିଛି। ଅକ୍ଷିମୁଠି ଦେଲାପରେ ଚାଷୀମାନେ ଆଜି ନିଜ ଘରେ ନିରାମିଷ ଖାଦ୍ୟ ଖାଇଥାନ୍ତି। ଅକ୍ଷୟତୃତୀୟା ଦିନ ଧାନ ବୁଣାକାମ ଆରମ୍ଭ କଲେ କ୍ଷେତରେ ଭଲଧାନ ଫଳିବାର ଚାଷୀଙ୍କ ମଧ୍ୟରେ ଆଶା ରହିଥାଏ। ତେବେ କରୋନା କଟକଣା ଥିବାରୁ ଚାଷୀମାନେ ନିଜ କ୍ଷେତକୁ ଶଙ୍ଖ, ଘଂଟି ପ୍ରଭୃତି ନ ନେଇ ଏକୁଟିଆ ଯାଉଥିବା ଦେଖାଯାଇଥିଲା।

## ରେଳଧାରଣା କଡରେ ଶିଶୁକନ୍ୟାର ରକ୍ତାକ୍ତ ଶବ: ସ୍ଥାନୀୟ ଲୋକଙ୍କ ସନ୍ଦେହ

ଭଦ୍ରକ,୧୬/୫ (ହି.ସ.) - ମଞ୍ଜୁରୀରୋଡ ରେଳଷ୍ଟେସନ ଅନ୍ତର୍ଗତ ବୈତରଣୀ ନଦୀବନ୍ଧ ନିକଟ ବିରିଡି ଛପୋଲିଆ ନିକଟରେ ଡାଉନଲାଇନ ପାର୍ଶ୍ୱ ବୁଦାମୂଳେ ଏକ ଶିଶୁକନ୍ୟାର ମୃତଦେହ ଯତ୍ନ ସହକାରେ ପଡିଥିବା ଜଣାଯାଇଛି। ଶନିବାର ସକାଳେ ଶୌଚ ପାଇଁ ଯାଇଥିବା ଲୋକେ ଦେଖିଥିଲେ। ଶିଶୁକନ୍ୟା ଦୁଇମାସର ହେବ ବୋଲି ଅନୁମାନ କରାଯାଉଛି। ଉପଯୁକ୍ତ ଶଯ୍ୟାରେ ଶିଶୁକୁ ଶୁଆଇଦିଆଯାଇଛି ଓ ଶିଶୁର ମୁଖମଣ୍ଡଳ ରକ୍ତାକ୍ତ ହୋଇଛି। ଶିଶୁର ପିତାମାତା ଶବକୁ ଯଥାବିଧି ସତ୍କାର କରିବା ପରିବର୍ତ୍ତେ ବୁଦାମୂଳେ ଶୁଆଇ ଦେବା ଓ ମୁଖମଣ୍ଡଳ ରକ୍ତପୂର୍ଣ୍ଣ ହେବା ଘଟଣାକୁ ନେଇ ଶିଶୁର ମୃତ୍ୟୁକୁ ନେଇ ନାନା ଆଲୋଚନା ହେଉଛି। ତେବେ ରିପୋର୍ଟ ପ୍ରସ୍ତୁତ ପର୍ଯ୍ୟନ୍ତ ମଞ୍ଜୁରୀରୋଡ ଫାଣ୍ଡି ପୁଲିସ କିମ୍ବା ଜିଆରପି ଶିଶୁର ଶବକୁ ଉଦ୍ଧାର କରିନଥିବା ଜଣାଯାଇଛି।

# ନରେନ୍ଦ୍ର ପୁଷ୍କରିଣୀରେ ଚନ୍ଦନ ଯାତ୍ରା ଆରମ୍ଭ

ପୁରୀ, ୧୬/୫ (ନି.ପ୍ର): ଆଜି ପବିତ୍ର ଅକ୍ଷୟ ତୃତୀୟା । ଏହି ବିଶେଷ ତିଥିରେ ଆଜି ଅପରାହ୍ନରେ ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରା ନରେନ୍ଦ୍ର ପୁଷ୍କରିଣୀ ଠାରେ ଆରମ୍ଭ ହୋଇଛି। ଏହି ଚନ୍ଦନ ଯାତ୍ରା ୨୧ ଦିନ ବ୍ୟାପୀ ଚାଲିବ । ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ ମଣି ବିମାନରେ ଆସି ନରେନ୍ଦ୍ର ପୁଷ୍କରିଣୀର ଚନ୍ଦନ ଗୃହରେ ବିଜେ କରିଛନ୍ତି । ମଦନମୋହନଙ୍କ ସହ ଭୂଦେବୀ, ଶ୍ରୀଦେବୀ, ରାମକୃଷ୍ଣ ଓ ପଚଂ ମହାଦେବ ଚନ୍ଦନ ଚକଡ଼ାରେ ବିଜେ କରିଛନ୍ତି । ପରେ ପରେ ଦିନ ଚାପ ଅନୁଷ୍ଠିତ ହୋଇଛି । ନନ୍ଦା, ଭଦ୍ରା ନୌକା ଯୋଗେ ଦିନ ଚାପ ଖେଳିଛନ୍ତି ମହାପ୍ରଭୁ । ଏହାପରେ ଅନ୍ୟାନ୍ୟ ନୀତିକାନ୍ତି ସମ୍ପନ୍ନ ହେବା ସହ ରାତି ଚାପ ଅନୁଷ୍ଠିତ ହେବ । ଏବଂ ରାତି ୧୦ ଟା ପୂର୍ବରୁ ମଦନମୋହନ ମଣି ବିମାନ ଯୋଗେ ଶ୍ରୀମନ୍ଦିରକୁ ବାହୁଡ଼ିବେ । ପ୍ରଶାସନର କୋଭିଡ୍ କଟକଣା ପାଇଁ ମାତ୍ର ୫୦ ରୁ ୬୫ ଜଣ ସେବାୟତ ଏହି ନୀତିକାନ୍ତିରେ ନିୟୋଜିତ ରହିଛନ୍ତି । ଏଥର ବିନା ଭକ୍ତରେ ନରେନ୍ଦ୍ର ପୁଷ୍କରିଣୀରେ ଚନ୍ଦନ ଯାତ୍ରା ଅନୁଷ୍ଠିତ ହେଉଛି । ଭକ୍ତ ସମାଗମ ଉପରେ ରୋକ୍ ଲଗାଇବା ପାଇଁ ପ୍ରଶାସନ ପକ୍ଷରୁ ସିଂହଦ୍ୱାର ଠାରୁ ଚନ୍ଦନ ପୋଖରୀ ପର୍ଯ୍ୟନ୍ତ ବିମାନ ରୁଟ୍ କୁ ବ୍ୟାରିକେଡ଼ କରାଯିବା ସହ ବ୍ୟାରିକେଟ ଅଂଚଳରେ ୧୪୪ ଧାରା ଜାରି କରାଯାଇଛି । ଏହା ବ୍ୟତୀତ ନରେନ୍ଦ୍ର ପୁଷ୍କରିଣୀ ଚର୍ତୁପାର୍ଶ୍ୱରେ ମଧ ୧୪୪ ଧାରା ଜାରୀ ହୋଇଛି । ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ସେଠାରେ ୧୦ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ରହିଛି । ଜଣେ ଆଡ଼ିସିନାଲ ଏସପି, ୪ ଜଣ ଡ଼ିଏସପି, ୧୦ ଜଣ ଇନ୍ସପେକ୍ଟର, ୨୮ ଜଣ ଏସଆଇ ଓ ଏଏସଆଇ, ୪୮ ଜଣ ହାବିଲଦାର ଓ କନେଷ୍ଟବଳ ନିୟୋଜିତ ହୋଇଛନ୍ତି ।

## ଜିଲ୍ଲାପାଳ ଓ ଏସପିଙ୍କ କଣ୍ଟେନମେଂଟ ଜୋନ୍ ଗସ୍ତ

ଝାରସୁଗୁଡା, ୧୬/୫ (ନି.ପ୍ର): ଝାରସୁଗୁଡା ଜିଲ୍ଲାର କଂଟେନମେଂଟ ଅଂଚଳ ବୁଲି ଦେଖିଲେ ଏସପି ଓ ଜିଲ୍ଲାପାଳ।ଝାରସୁଗୁଡ଼ା ଜିଲାପାଳ ସରୋଜ କୁମାର ସାମଲ ଏବଂ ଏସପି ବିକାଶ ଚଂଦ୍ର ଦାସ ଆଜି ମିଳିତ ଭାବେ ଝାରସୁଗୁଡା ଓ ବ୍ରଜରାଜନଗର ର କଂଟେନମେଂଟ ଜୋନ୍ ଗସ୍ତ କରି ସେଠି ରହୁଥିବା ଲୋକଙ୍କ ଅସୁବିଧା ସମ୍ପର୍କରେ ବୁଝାବୁଝି କରିଥିଲେ । ଜିଲାପାଳ ଙ୍କ ସହିତ ଜିଲା ର ଅନେକ ଅଫିସର ଏହି ଗସ୍ତରେ ସାମିଲ ଥି। କଂଟେନମେଂଟ ଜୋନ ଗସ୍ତ ପରେ ଜିଲାପାଳ ବ୍ରଜରାଜନଗର ଥାନା ରେ ଗୋଟିଏ ସମୀକ୍ଷା ବୈଠକ କରିବା ପରେ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାର କ୍ରମବର୍ଦ୍ଧିଷ୍ଣୁ କରୋନା ସ୍ଥିତି ସମ୍ପର୍କରେ ନିଜର ମତ ରଖି ଖୁବଶୀଘ୍ର ଏହା ନିୟନ୍ତ୍ରଣ କୁ ଆସିବ ବୋଲି କହିଲେ। ଝାରସୁଗୁଡ଼ା ରେ କୋବିଡ୍ ରୋଗୀଙ୍କର ସଂଖ୍ୟାକୁ କେମିତି କମ କରା ଯିବ ଓ କେମିତି ତାଙ୍କୁ ସ୍ୱାସ୍ଥ୍ୟ ସୁବିଧା ଓ ଚିକିତ୍ସା ଦିଆଯିବ ତା ବ୍ୟବସ୍ଥା କରାଯାଇଛି। ସେଥିପାଇଁ ୧୦ ଜଣିଆ ଡାକ୍ତରି ଟିମ ଝାରସୁଗୁଡ଼ା ରୁ ଆସି ବୁଝାବୁଝି କରିବା ସହ ହୋମ ଆଇସଲେସନରେ ରହୁଥିବା ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ଉପରେ ନଜର ରଖିବେ ବୋଲି ସୂଚନା ଦେଇଥିଲେ।ଏହି ଅବସରରେ ପୁଲିସ ପ୍ରଶାସନ କେମିତି ତାଙ୍କର କାର୍ଯ୍ୟ କରିବେ ତା ବିଷୟ ରେ ପୁଲିସ ଅଧିକ୍ଷକ ବିଭାଗୀୟ ଅଧିକାରୀ ଙ୍କୁ ଅବଗତ କରାଇଥିଲେ।

# ଲକ ଡାଉନର କୋହଳ ବେଳେ ଲୋକେ ଅଥୟ: ବଜାର ଦର ଲଗାମ ନାହିଁ

ରାଉରକେଲା, ୧୬/୫ (ନି.ପ୍ର): କରୋନାର ଦ୍ୱିତୀୟ ଲହର ବେଳେ ରାଉରକେଲା ସମେତ ସୁନ୍ଦରଗଡ ଜିଲ୍ଲାରେ ଆକ୍ରାନ୍ତଙ୍କ ସଂଖ୍ୟା ଅନେକ ରହୁଛି। ଏତିକିବେଳେ ସରକାର ରାଜ୍ୟରେ ଲକଡାଉନ କରି ସକାଳୁ ଦିନ ୧୨ଟା ଯାଏ କୋହଳ କରି ଲୋକଙ୍କ ବଜାର ଆଦି କରିବାକୁ ସୁଯୋଗ ଦେଇଛନ୍ତି। ଏତିକି ବେଳେ ଏହି ସୁଯୋଗ ୪ଦିନ ଥିବା ସତ୍ୱେ ଲୋକେ ବଜାର ରେ ସାମାଜିକ ଦୂରତା କୁ ଫୁଙ୍କରି ବୁଲୁଥିବାବେଳେ ଅନେକ ଙ୍କ ମାସ୍କ ନାକ ତଳେ ରହୁଥିବା ଦେଖାଯାଇଛି। ସେପଟେ ପରିବା ରାସନ ଦର ମଧ ଲାଗାମ ହୀନ ହୋଇ ପଡିଛି । ଆଜି ସୁକ୍ରବାର, ତେଣୁ ଆସନ୍ତା ଦୁଇଦିନ ପୁରା ଲକଡାଉନ ରହିବ, ତେଣୁ ଲୋକେ ବଜାରକୁ ବାହାରିଥିଲେ । ରାସ୍ତାକଡ ପରିବା ହାଟରେ ସାମାଜିକ ଦୁରତାକୁ ଲୋକେ ଫୁ କରିଥିବା ବେଳେ ମାଛ ବଜାର କଥା ନକହିବା ଭଲ । ପ୍ରତି ରାସନ ଦୋକାନରେ ଭିଡା ଭିଡି। ବଜାରରେ ପରିବା ଦର ଦେଖିବାବେଳେ ଜଣାପଡିଛି ଯେ, ପୋଟଳ କିଲୋ ୬୦ କୁ ବାଇଗଣ ୪୦ । ଏହିଭଳି ପରିବା ବଜାର ଚାଲିଥିବା ବେଳେ, ମୁଗ ବିରି ଡାଲିର ଦର କିଲୋ ପିଛା ୧୦୬ ହୋଇଛି। ଖାଇବା ତେଲର ଦର ଆକାଶ ଛୁଆଁ। ଫଳ ବଜାରକୁ ଲୋକେ ଜିବା ଭୁଲିଲେଣି। ୧୦ ୦ରୁ ୩୦୦ ଯାଏ ବିଭିନ୍ନ କିସମର ଫଳ ବିକା ଚାଲିଛି ।ଅଣ୍ଡା ୧୨ଟାକୁ ୮୦ ଟଙ୍କାରେ ବିକା ଚାଲିଛି। ଏନେଇ ଅଭିଯୋଗ ହେବା ପରେ ଯୋଗାଣ ବିଭାଗ ରାଉରକେଲା ମହାନଗର ପକ୍ଷରୁ କିଛି ଦିନ ତଳେ ହୋଲ ସେଲ ବଜାର ଉପରେ ଚଢାଉ କରାଯାଇଥିଲା ତେବେ ତା ପରେ ସବୁ ଚୁପ । କରୋନା କୁ ନେଇ ମହାନଗରର ମଇଳା ଉଠା ଗାଡି ପ୍ରତିଦିନ ସଚେତନତା ର କଥା ପ୍ରଚାର କରୁଥିବା ବେଳେ ବଜାର ଦର, ବେଆଇନ ଗଚ୍ଛିତ ରଖିବା, ଚଢା ଦରରେ ସାମଗ୍ରୀ ବିକିବା ନେଇ କୌଣସି ସଚେତନତା ବାର୍ତା ଦିଆଯାଉନି । ଏହା ଦ୍ୱାରା ବିଭିନ୍ନ କଲୋନୀରେ ଥିବା ଖୁଚୁରା ବ୍ୟବସାୟୀ ମନଇଛା ଲୋକଙ୍କୁ ଲୁଟୁଛନ୍ତି ।ଅବଶ୍ୟ ଏଭଳି ବାର୍ତା ପ୍ରଶାସକ ମାନେ ନିଜ ଏସି ରୁମରୁ ଥାଇ ଟିଭି ଆଗରେ କହୁଛନ୍ତି, ବିଭିନ୍ନ ମିଡିଆ ଗ୍ରୁପରେ ସେସବୁ ସେୟାର ହେଉଛି, ହେଲେ ବାସ୍ତବରେ ଯେଉଁ ବେପାରୀ ମାନେ ଲୋକଙ୍କୁ ସିଧାସଳଖ ସାମଗ୍ରୀ ବିକୁଛନ୍ତି ସେମାନଙ୍କ ପାଖରେ ଏହା ପହଂଚି ପାରୁନାହିଁ ଏହା ତହାର ଜ୍ୱଳନ୍ତ ଉଦାହରଣ । କରୋନା ସମୟରେ ଲୋକେ କାମ ଧନ୍ଦା ଛାଡି ଘରେ ବସିଛନ୍ତି, ଏତିକିବେଳେ ଏଭଳି ଦାଉ ଲୋକଙ୍କ ଲାଗି ଆସହ୍ୟ ହୋଇଛି । ଏଭଳି କାରବାର ରାଉରକେଲାରେ କରୋନା ଚାଲିଥିବାରୁ ବିଭିନ୍ନ ମହଲରେ ବ୍ୟବସ୍ଥା ଉପରେ ଆଙ୍ଗୁଠି ଉଠାଜିବା ସହ କହିବା କରିବା ମଧ କେତେ ଫରକ ତାହା ମଧ ସୁଚାଉଛି । ରାଜ୍ୟ ସରକାର ଏଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଛି ।

## ତୁମୁଡିବନ୍ଧ ମଦଦୋକାନ ଲୁଟ୍ ଘଟଣା : ଲୁଟ୍ ହୋଇଥିବା ଜିନିଷ ସମେତ ୯ଜଣ ଗିରଫ, ଜଣେ ଫେରାର

କନ୍ଧମାଳ, ୧୬/୫ (ନି.ପ୍ର): କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ଥାନା ଅଂଚଳରେ ଥିବା ଏକ ବିଦେଶୀ ମଦ ଦୋକାନର ମ୍ୟାନେଜରକୁ ବାନ୍ଧି ମାଡମାରିବା ସହିତ ଦୋକାନରୁ ପ୍ରାୟ ଛଅ ଲକ୍ଷ ଟଙ୍କାର ବିଦେଶୀ ପୋଲିସକୁ ମିଳିଛି ବଡ ସଫଳତା ତିନି ଦିନ ମଧ୍ୟରେ ଲୁଟେରା ଗ୍ୟାଙ୍ଗକୁ ଧରିବାରେ ସକ୍ଷମ ହୋଇଛି ପୋଲିସ । ତୁମୁଡିବନ୍ଧ ମଦ ଦୋକାନରୁ ବଡ ଧରଣର ଲୁଟ ଘଟଣାର ପରଦାଫାଶ କଲା ତୁମୁଡିବନ୍ଧ ପୋଲିସ । ଗତ ୧୧ ତାରିଖ ରାତିରେ ତୁମୁଡିବନ୍ଧ ଥାନା ରାମପୁର ଛକରେ ଥିବା ନୂଆ ମଦଦେକାନରୁ ଲଟ କରିଥିଲେ କିଛି ଦୁର୍ବୃର୍ତ୍ତ । ଏ ନେଇ ମଦ ଦୋକାନୀ ଲଡୁକିଶୋର ସାହୁ ତୁମୁଡିବନ୍ଧ ଥାନାରେ ଏକ ଅଭିଯୋଗ କରିଥିଲେ । ଅଭିଯୋଗ ପ୍ରକାରେ ତୁମୁଡିବନ୍ଧ ଥାନା ପୋଲିସ ଏକ ମାମଲା ୨୯/୨୧ ରୁଜୁ କରି ସହିତ ଲୁଟେରା ଗ୍ୟାଙ୍ଗକୁ ଧରିବା ପାଇଁ ବାଲିଗୁଡା ଏସଡିପିଓ ମନୋଜ ପୁଜାରୀ ଏବଂ ତୁମୁଡିବନ୍ଧ ଥାନା ଅଧିକାରୀ ବାବଶଙ୍କର ଶରାଫଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଗଠନ କରିଥିଲା । ସମସ୍ତ ଲୁଟ ହୋଇଥିବା ମଦ ସବୁକୁ ଜବତ କରିବା ସହ ଲୁଟରେ ବ୍ୟବହୃତ ଅଟୋକୁ ଜବତ କରିଛି ପୋଲିସ । ଘଟଣାରେ ସମ୍ପୃକ୍ତ ଲୁଟେରା ଗ୍ୟାଙ୍ଗର ୯ଜଣକୁ ପୋଲିସ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଏବେବି ଫେରାର ଥିବା ଜଣାପଡିଛି । ସମସ୍ତ ଲୁଟେରା ତୁମୁଡିବନ୍ଧ ଓ ବାଲିଗୁଡା ଅଂଚଳର ହୋଇଥିବା ବେଳେ ସେମାନଙ୍କ ବିରୋଧରେ ଅନେକ ମାମଲାଥିବା ପୋଲିସ ପକ୍ଷରୁ ସୁଚନା ମିଳିଛି । ଏଥି ସହିତ ସେମାନଙ୍କୁ ନିକଟରୁ ମୋବାଇଲ, ଗୋଟିଏ ଖେଳଣା ପିସ୍ତଲ, ଗୋଟିଏ ଧାରୁଆ ଛୁରି ପୋଲିସ ଜବତ କରିଥିବା ଜଣାପଡିଛି । ଗତ ୧୦ତାରିଖ ରାତିରେ ସେଲ୍ସମ୍ୟାନ ଓ ତାଙ୍କ ସହଯୋଗୀଙ୍କୁ ଖଟରେ ବାନ୍ଧି ମଦ ଦୋକାନରେ ଥିବା ପାଖାପାଖି ୬ଲକ୍ଷ ଟଙ୍କାର ମଦ ସହ ଦୋକାନରେ ଥିବା ଇନଭର୍ଟର ୟୁପିଆଇ ମେସିନ ସହ ସେଲ୍ସମ୍ୟାନଙ୍କ ସ୍କୁଟି ଓ ସିସି କ୍ୟାମରାର ହାର୍ଡଡିସ୍କ ମଧ ଲୁଟ କରିଥିବା ଅଭିଯୋଗ ହୋଇଥିଲା । ଏହା ତୁମୁଡିବନ୍ଧ ପୋଲିସ ପାଇଁ ଏକ ଚ୍ୟାଲେଞ୍ଜ ଥିଲା । ଗ୍ୟାଙ୍ଗକୁ ଧରିବା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ ହୋଇଥିଲା । ସମସ୍ତଙ୍କ ଚେଷ୍ଟା ବଳରେ ଘଟଣାର ତିନିଦିନ ମଧ୍ୟରେ ଆମେ ଲୁଟେରା ଗ୍ୟାଙ୍ଗକୁ ଧରିବାରେ ସକ୍ଷମ ହୋଇଛୁ ବୋଲି କହିଛନ୍ତି ବାଲିଗୁଡା ଏସଡିପିଓ ମନୋଜ ପୁଜାରୀ । ଅନ୍ୟପଟେ ଆଖପାଖ ଥାନାରେ ଏହି ଗ୍ୟାଙ୍ଗର ଏଭଳି ପୂର୍ବରୁ ଅନେକ ମାମଲା ରହିଛି ଯାହାର ବର୍ତମାନ ସମୟରେ ଆମେ ଅଧିକ ତଦନ୍ତ ଜାରି ରଖିଛୁ ବୋଲି କହିଛନ୍ତି ବାଲିଗୁଡା ଏସଡିପିଓ ମନୋଜ ପୁଜାରୀ ।

## ପ୍ରଶାସନିକ କଟକଣା ଅଭାବରୁ ସଂକ୍ରମିତମାନେ ବଢାଉଛନ୍ତି ସଂକ୍ରମଣ

କେନ୍ଦ୍ରାପଡ଼ା, ୧୬/୫ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ କରୋନା ଟେଷ୍ଟ ପାଇଁ ଆସୁଥିବା ବ୍ୟକ୍ତିମାନେ ଟେଷ୍ଟ ପରେ ସଂକ୍ରମିତ ହୋଇଥିବା ଜାଣିଥିଲେ ମଧ ବଜାର ସାରା ଓ ଦୋକାନ ଦୋକାନ ବୁଲୁଥିବା ଦେଖିବାକୁ ମିଳିଛି । ଡାକ୍ତରଖାନା କର୍ତୃପକ୍ଷ ଟେଷ୍ଟ କରି ସାରିଲା ପରେ ପଜିଟିଭ ହୋଇଥିବା ରିପୋର୍ଟ ସଂପୃକ୍ତ ବ୍ୟକ୍ତିକୁ ଦେଇଥିଲେ । ଯାଜପୁର ଜିଲ୍ଲା ବେଣିପୁର ବାଲିପଡିଆ ଅଂଚଳର ଏହି ବ୍ୟକ୍ତିଜଣକ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟକୁ ଶନିବାର କରୋନା ପରୀକ୍ଷା ପାଇଁ ଆସିଥିଲେ । ପରୀକ୍ଷା ପରେ ସଂପୃକ୍ତ ବ୍ୟକ୍ତିଙ୍କୁ ପଜିଟିଭ ରିପୋର୍ଟ ଦେଇ କର୍ମଚାରୀ ଜଣକ ସଂକ୍ରମଣ ହୋଇଛି ଘରେ ରହିବ ଯାଅ ବୋଲି କହିବା ସହ ବିଦା କରି ଦେଇଥିଲେ । ବ୍ୟକ୍ତି ଜଣକ ସେହି ରିପୋର୍ଟକୁ ଧରି ବଜାରର ଥିବା ଏକ ଔଷଧ ଦୋକାନରେ କିଛି ସମୟ ବସି ରହିଥିଲେ। ଦୋକାନୀ ଜଣକ ସଂପୃକ୍ତ ବ୍ୟକ୍ତିଙ୍କୁ ବସିବାର କାରଣ ପଚାରିବାରୁ ମୁଁ ସଂକ୍ରମିତ ହୋଇଛି, ଔଷଧ ନେବାକୁ ଆସିଛି କହି ଦୋକାନୀ ନିକଟକୁ ଯାଇଥିଲେ। ଏହିଭଳି ଅନେକ ସଂକ୍ରମଣ ଚିହ୍ନଟ ବ୍ୟକ୍ତି ବିଭିନ୍ନ ଦୋକାନ ଏବଂ ସାହି ବସ୍ତିରେ ବୁଲି ଖାମ ଖିଆଲି ଭାବେ ଲୋକଙ୍କ ସହିତ ମିଳାମିଶା କରୁଥିବାରୁ ସଂକ୍ରମଣର ହାର ଜିଲ୍ଲାରେ ବଢୁଥିବାର ସାଧାରଣରେ ଆଲୋଚନା ହେଉଛି ।

## ପ୍ରାକ୍ ମୌସୁମୀ ଆସିବା ପୂର୍ବରୁ ଘାଇ ଓ ଦୁର୍ବଳ ନଦୀ ବନ୍ଧ ମରାମତି ଦାବି

### ଜିଲା ପ୍ରଶାସନ ଓ ଜଳସମ୍ପଦ ବିଭାଗର ମୁକୁଳା ଘାଇ ପ୍ରତି ନଜର ପଡିବ କେବେ !

ଧର୍ମଶାଳା, ୧୬/୫ (ନି.ପ୍ର): ମୌସୁମୀ ଆସିବା ନେଇ ପାଣିପାଗ ବିଭାଗ ସୂଚନା ଦେଲାଣି । ଅନ୍ୟ ପକ୍ଷେ ସରକାରଙ୍କ ପକ୍ଷରୁ ଘାଇ ଓ ଦୃବଳ ନଦୀ ବନ୍ଧକୁ ତୁରନ୍ତ ମରାମତି ନେଇ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଁ ଦେଲେଣି । ହେଲେ ଏବେ ବି ଅନେକ ସ୍ଥାନରେ ଘାଇ ମରାମତି ଓ ଦୃବଳ ନଦୀ ବନ୍ଧ ମରାମତି ନ ହେଉ ପଡି ରହିଛି । ଗୋଟିଏ ଦୁଇଟି ସ୍ଥାନରେ ଯେଉଁ ମରାମତି ଚାଲିଛି ତାହ ପୁଣି ମନ୍ଥର ଗତିରେ ଚାଲିଛି । ଏବେଠୁଁ ନଦୀ କୂଳିଆ ଲୋକେ ଛାନିଆ ହେଲେଣି । ତୁରନ୍ତ ନଦୀ ବନ୍ଧ ମରାମତି ଦାବି ଜୋର ଧରିଲାଣି । ସୂଚନା ଥାଉକି ୨୦୨୦ ମସିହା ଅଗଷ୍ଟ ମାସରେ ଜିଲାର ଧର୍ମଶାଳା ବ୍ଲକର ବ୍ରାହ୍ମଣୀ ନଦୀର ଶାଖା କେଲୁଅ ନଦୀ, ରସୁଲପୁର ଓ ଯାଜପୁର ବ୍ଲକର ବ୍ରାହ୍ମଣୀ ନଦୀରେ ପ୍ରଳୟଙ୍କରୀ ବନ୍ୟା ଆସିଥିଲା । ଫଳରେ ଧର୍ମଶାଳା ବ୍ଲକର ଦେଓଦା ପଂଚାୟତସ୍ଥ ନୀରହାଟ, କୋତପୁର ପଂଚାୟତ ଭଗବାନପୁରସ୍ଥ ରାମାପୁରଠାରେ ଓ ରସୁଲପୁର ବ୍ଲକ ମଙ୍ଗରାଜପୁର ପଂଚାୟତସ୍ଥ ଖଣ୍ଡାସ, ବାଲିଗୁଡା ଓ ବ୍ରହ୍ମବରଦା ପଂଚାୟତସ୍ଥ ଦାଣ୍ଡିଠାରେ ଓ ବନ୍ଧଡିହ ପଂଚାୟତସ୍ଥ ସାହାପଡାଠାରେ ଏବଂ ଯାଜପୁର ବ୍ଲକ ଝାଲପଡା ପଂଚାୟତସ୍ଥ କାକୁଡିକୁଦଠାରେ ବିରାଟ ବିରାଟ ଘାଇ ସୃଷ୍ଟି ହୋଇଥିଲା । ଏବଂ ଅନେକ ସ୍ଥାନମାନଙ୍କରେ ଭଳିଆ ପଡିଥିଲା । ଘଳରେ ୨୦ରୁ ଉର୍ଦ୍ଧ ପଂଚାୟତର ନଦୀ କୂଳିଆ ଲୋକେ ପ୍ରଭାବିତ ହେବା ସହ ଭୟଭିତ ହୋଇଥିଲେ । ଘାଇ ସମୟରେ ତତ୍କାଳୀନ ଜିଲାପାଳ ରଂଜନ କୁମାର ଦାସ ଆଦି ଘାଇ ସ୍ଥାନ ବୁଲି ତୁରନ୍ତ ମରାମତି ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏବଂ ଏହାର କିଛି ଦିନ ପରେ ଏହି ଘାଇ ସ୍ଥାନକୁ କେନ୍ଦ୍ରୀୟ ଟିମ୍ ମଧ୍ୟ ପଂହଚି ଘାଇ ସ୍ଥାନ ତଦନ୍ତ ଓ ଏହାର ତୁରନ୍ତ ମରାମତି ପାଇଁ ନିର୍ଦ୍ଦେଶ ଦେଇଥିଲେ । ହେଲେ ଆଜକୁ ୧୦ମାସୁ ଉର୍ଦ୍ଧ ସମୟ ବିତିଯାଇଥିଲେ ମଧ୍ୟ ଅନେକ ସ୍ଥାନରେ ଘାଇ ମୁକୁଳା ଘାଇ ପଡି ରହିଥିବା ବେଳେ ଅନେକ ସ୍ଥାନରେ କଚ୍ଛପ ଗତିରେ ଘାଇ ମରାମତି ଚାଲିଛି । ହେଲେ ତାହା ଅଦ୍ୟବଧି ସମ୍ପୂର୍ଣ୍ଣ ହୋଇ ପାରିନାହିଁ । ଯାହାକୁ ନେଇ ନଦୀ କୂଳିଆ ଲୋକେ ଏବେଠାରୁ ଭୟଭିତ ହେଲେଣି । ହାତ ଗଣତି ଆଉ କେଇ ଦିନ ପରେ ନଦୀରେ ବନ୍ୟା ଆସିବ । ନଦୀ କୂଳିଆ ଲୋକଙ୍କ ଆଖିରୁ ଲୁହ ଶୁଖି ନଥିବା ବେଳେ ପୁଣି ସାମ୍ଭବ୍ୟ ବନ୍ୟା ଆସିବ ନେଇ ଚିନ୍ତିତ ହୋଇପଡିଲେଣି । ଏନେଇ ଜିଲା ପ୍ରଶାସନ ଓ ଜାରକା ଜଳସେଚନ ବିଭାଗୀୟ ଅଧିକାରୀ ତୁରନ୍ତ ଦୃଷ୍ଟି ଦେଇ ଘାଇ ଓ ଦୃବଳ ନଦୀ ବନ୍ଧକୁ ମରାମତି କରିବାକୁ ଅଂଚଳବାସୀ ଦାବି କରିଛନ୍ତି ।

## ଦିଲ୍ଲୀ : ସର୍ଦ୍ଦାର ପଟେଲ କୋଭିଡ଼ କେୟାର ସେଂଟରରେ ସୁସ୍ଥ ହେଲେ ୭୭୫ ରୋଗୀ

ନୂଆଦିଲ୍ଲୀ, ୧୬/୫ (ନି.ପ୍ର): ଆଇଟିବିପି ଦ୍ୱାରା ପରିଚାଳିତ ଛତରପୁର ସ୍ଥିତ ୫୦୦ ଶଯ୍ୟା ବିଶିଷ୍ଟ କୋଭିଡ଼ କେୟାର ସେଂଟରରେ କୋଭିଡ଼ ୧୯ ରୁ ସୁସ୍ଥ ହେବା ପରେ ରୋଗୀ ମାନଙ୍କୁ ଲଗାତର ଡିସଚାର୍ଜ କରାଯାଉଛି । ଆଇଟିବିପିର ପ୍ରବକ୍ତା ବିବେକ ପାଣ୍ଡେଙ୍କ କହିବା ଅନୁସାରେ ଏହି କେନ୍ଦ୍ରରେ ଏବେ ସୁଦ୍ଧା ମୋଟ ୭୭୫ ରୋଗୀଙ୍କୁ ଡିସଚାର୍ଜ କରା ସରିଲାଣି । ଏହି କେନ୍ଦ୍ର ରାଷ୍ଟ୍ରୀୟ ରାଜଧାନୀର ଏକ ମୁଖ୍ୟ କୋଭିଡ଼ କେୟାର ସୁବିଧା ବୋଲି ପ୍ରମାଣିତ ହୋଇଛି । ସୁସ୍ଥ ହେଉଥିବା ରୋଗୀଙ୍କୁ ଶୁଭ କାମନା ଜଣାଇବା ପାଇଁ ଆଟିବିପିର ଯବାନ କେନ୍ଦ୍ରର ଗେଟ୍ ସମ୍ମୁଖରେ ତାଳି ବଜାଇବାର ନଜର ଆସିଛି । ଡିସଚାର୍ଯ୍ୟ କରାଯାଇଥିବା କେତେକ ରୋଗୀ ଏହି ସୁବ୍ୟବସ୍ଥିତ ଦେଖାରଖା ସୁବିଧା ବିଷୟରେ ତାଙ୍କର ପ୍ରତିକ୍ରିୟା ଦେଇଛନ୍ତି । ଏବେ ସୁଦ୍ଧ ୧୧୫୦ ରୁ ଅଧିକ କୋଭିଡ଼ ରୋଗୀ ଯାହାଙ୍କୁ ଅକ୍ସିଜେନର ଆବଶ୍ୟକତା ରହିଛି ତାଙ୍କୁ ଏହି କେନ୍ଦ୍ରରେ ଭର୍ତି କରାଯାଇଛି । କେତେକ ମାମଲାରେ ରୋଗୀମାନଙ୍କୁ ଡାକ୍ତରଙ୍କ ଦ୍ୱାରା କ୍ରିଟିକାଲ କେୟାର ରେ ମଧ୍ୟ ଚିକିତ୍ସା କରାଯାଇ ସୁସ୍ଥ କରାଯାଉଛି ଯାହାଙ୍କର ଅକ୍ସିଜେନ ସ୍ତର ବହୁତ କମ୍ ରହିଛି ।

# କୋଭିଡ଼-୧୯ ପରିଚାଳନାରେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ବିଫଳ: ପ୍ରକାଶ ସୋରେନ

ବାରିପଦା, ୧୬/୫ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାରେ କୋଭିଡ଼-୧୯ ପରିଚାଳନା କ୍ଷେତ୍ରରେ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛନ୍ତି। ଚିକିତ୍ସା ହେବାକୁ ରୋଗୀ ଯାଉଛନ୍ତି, ହେଲେ ସେମାନଙ୍କ କଥା ଶୁଣିବା, ବୁଝିବା ଓ ଯତ୍ନ ନେବାକୁ କେହି ନାହାନ୍ତି । ବାଙ୍କିଶୋଳ କୋଭିଡ଼ ହସପିଟାଲ ଓ ବାରିପଦା ପିଆରଏମ ମେଡ଼ିକାଲ କଲେଜ ଓ ହସପିଟାଲରେ ରହିଥିବା ସ୍ୱତନ୍ତ୍ର ଆଇସୋଲେସନ ୱାର୍ଡ଼ର ଦୂରାବସ୍ଥା କହିଲେ ନ ସରେ । ଜିଲ୍ଲାରେ କରୋନାରେ ଆକ୍ରାନ୍ତ ହୋଇ ଯେତିକି ନ ମରୁଛନ୍ତି, ତାର ୯୦ ପ୍ରତିଶତରୁ ଅଧିକ ରୋଗୀ ସଠିକ୍ ସମୟରେ ଔଷଧ, ଅକ୍ସିଜେନ, ଖାଦ୍ୟ, ପାଣି ଆଦି ନ ପାଇ ମରୁଛନ୍ତି। ରୋଗୀର କୌଣସି ଯତ୍ନ ନିଆଯାଉ ନାହିଁ। ରୋଗୀର ଅବସ୍ଥା କିପରି ଅଛି ସେ ସମ୍ପର୍କରେ ପରିବାରର ସଦସ୍ୟମାନେ ପ୍ରଶ୍ନ କଲେ ସଠିକ୍ ଓ ସନ୍ତୋଷ ଜନକ ଉତର ମିଳିପାରୁ ନାହିଁ । କୋଭିଡ଼ ହସପିଟାଲରେ ହେଲପ୍ ଲାଇନ ଖୋଲା ଯାଇଛି, କିନ୍ତୁ ସେଠାରୁ କୌଣସି ହେଲପ ମିଳିପାରୁ ନାହିଁ । କେବଳ ନାମକୁ ମାତ୍ର ହେଲପ ଲାଇନ ରହିଛି । ରୋଗୀର ମୃତ୍ୟୁ ହେବାପରେ ତାକୁ ଦାହ ପାଇଁ ନିଆଯାଉଥିବା ସମୟରେ ପରିବାରର ଲୋକଙ୍କୁ ସ୍ୱାସ୍ଥ୍ୟ ଅବସ୍ଥା ଭଲ ରହିଛି, କାଲି ଡ଼ିସଚାର୍ଯ୍ୟ କରାଇ ଦିଆଯିବ ବୋଲି ସୂଚନା ଦିଆଯାଉଛି ବୋଲି ସଙ୍ଗୀନ ଅଭିଯୋଗ ଆଣିଛନ୍ତି ବାରିପଦା ବିଧାୟକ ପ୍ରକାଶ ସୋରେନ । ଏଥି ସହିତ ବିଧାୟକ ଶ୍ରୀ ସୋରେନ କହିଛନ୍ତି, କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ କୋଭିଡ଼-୧୯ ପରିଚାଳନା କିପରି ଚାଲିଛି ସେ ସମ୍ପର୍କରେ ଜିଲ୍ଲା ପ୍ରଶାସନ ସହିତ ଏକ ସମୀକ୍ଷା ବୈଠକରେ ବସିଥିବା ବେଳେ ମୟୂରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ସହିତ ପରିଚାଳନା ଦାୟିତ୍ୱରେ ରହିଥିବା ଅନ୍ୟ ପଦାଧିକାରୀ ଓ ଅଧିକାରୀମାନେ ଯେଉଁ ତଥ୍ୟ ଉପସ୍ଥାପନ କରାଇଥିଲେ, ସେଥିରୁ ଓଡ଼ିଶାରେ ମୟୂରଭଞ୍ଜ ଜିଲ୍ଲା କୋଭିଡ଼-୧୯ ପରିଚାଳନାରେ ସର୍ବଶ୍ରେଷ୍ଠ ଜିଲ୍ଲା ବୋଲି ମନେ କରାଯାଇଥିଲା । ମାତ୍ର ବାସ୍ତବରେ ହାତୀର ଦାନ୍ତ ଦେଖିବାରେ ଗୋଟାଏ ଓ କାର୍ଯ୍ୟରେ ଅନ୍ୟ କିଛି ସାବ୍ୟସ୍ତ ହୋଇଛି । କୋଭିଡ଼ ହସପିଟାଲକୁ ରୋଗୀ ଥରେ ଗଲେ ଫେରିଆସିବାର ସମ୍ଭାବନା ନାହିଁ । ସ୍ୱାସ୍ଥ୍ୟ ସେବା ଉପରୁ ଜିଲ୍ଲାବାସୀଙ୍କ ଭରସା ତୁଟି ଯାଇଛି ଓ ଭଗବାନଙ୍କ ଭରସାରେ ଜିଲ୍ଲାବାସୀ ରହିଛନ୍ତି । ସେମାନେ ଯେପରି ମେଡ଼ିକାଲକୁ ନ ଯାଆନ୍ତି ସେଥିନିମନ୍ତେ ଭଗବାନଙ୍କୁ ଡ଼ାକୁଛନ୍ତି । ବାରିପଦା ପିଆରଏମ ମେଡ଼ିକାଲର ସୁପରିଟେଣ୍ଡେଂଟ ଓ ମ୍ୟାନେଜର ନିଜର ଦାୟିତ୍ୱକୁ ସଠିକ୍ ଭାବେ ତୁଲାଇବାରେ ବିଫଳ ହୋଇଛନ୍ତି । ବିଭିନ୍ନ ସମୟରେ ଜିଲ୍ଲାପାଳଙ୍କୁ ଏମାନଙ୍କୁ ତୁରନ୍ତ ବଦଳି କରାଯିବା ନିମନ୍ତେ ଜଣାଇ ଆସୁଥିଲେ ମଧ କୌଣସି ସୁଫଳ ମିଳିପାରି ନାହିଁ । ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ କରୋନା ସମ୍ପର୍କରେ କୌଣସି ସୂଚନା ଜନସାଧାରଣଙ୍କୁ ଦିଆନଯାଇ ଅନ୍ଧକାର ମଧରେ ରଖାଯାଇ ଆସୁଛି । ପୁଣି, ଟୀକା କରଣରେ ବ୍ୟାପକ ଅବ୍ୟବସ୍ଥାକୁ ନେଇ ବିଧାୟକ ଶ୍ରୀ ସୋରେନ ପ୍ରଶ୍ନ ଉଠାଇଛନ୍ତି । ଜନସାଧାରଣଙ୍କ ସୁବିଧା ଅନୁସାରେ ଟୀକା କରଣ କେନ୍ଦ୍ର ଖୋଲା ଯାଇନଥିବାରୁ କେତେକ ଟୀକାକରଣ କେନ୍ଦ୍ରକୁ ଟୀକା ନେବା ପାଇଁ ଜନସାଧାରଣଙ୍କୁ ପ୍ରାୟ ୪୦ କିଲୋମିଟରରୁ ଅଧିକ ଦୂରରୁ ଆସିବାକୁ ପଡୁଛି । ଏହି ପ୍ରକାରର ସମସ୍ୟା ମଧ ଦେଇ ମୟୂରଭଞ୍ଜବାସୀ ଗତି କରୁଛନ୍ତି । ଏଥି ସହିତ ସେମାନଙ୍କର ସରକାର ଓ ଜିଲ୍ଲା ପ୍ରଶାସନ ଉପରୁ ଆସ୍ଥା ହରାଇ ନିଜ କର୍ମକୁ ଆଦରି ବଂଚି ରହିବାକୁ ବାଧ ହୋଇଛନ୍ତି ବୋଲି ବାରିପଦା ବିଧାୟକ ଶ୍ରୀସୋରେନ ପ୍ରକାଶ କରିଛନ୍ତି ।

# କରୋନା ପୀଡ଼ିତଙ୍କ ପାଇଁ ସହାୟତାର ହାତ ବଢ଼ାଇଲା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉତ୍ସର୍ଗ

### ଅମୂଲ୍ୟ ଆହାର ଯୋଜନା ମାଧ୍ୟମରେ ରନ୍ଧାଖାଦ୍ୟ ଯୋଗାଣ

ବୌଦ୍ଧ, ୧୬/୫ (ନି.ପ୍ର): ଦେଶରେ ପ୍ରତିଦିନ କରୋନା ମହାମାରୀ ନିଜର କାୟା ବିସ୍ତାର କରିଚାଲିଛି । କରୋନା ଦ୍ୱାରା ଆକ୍ରାନ୍ତ ହୋଇ ହଜାର ହଜାର ଲୋକେ ନିଜ ଘରେ ଏକା ଏକା ହେଉ ଅବା ପରିବାର ସହ ଘର ଭିତରେ ଗୃହ ସଙ୍ଗରୋଧରେ ରହୁଛନ୍ତି । ଏହିପରି ସମୟରେ ପାଖପଡିଶା ଏପରିକି ଜ୍ଞାତିକୁଟୁମ୍ବ ମଧ ପାଖ ମାଡୁନାହାନ୍ତି । ଘରୁ ବାହାରକୁ ବାହାରିବା ନେଇ ରହିଥିବା କଟକଣା ଫଳରେ ଅନେକ ସମସ୍ୟାର ସମ୍ମୁଖିନ ହେଉଛନ୍ତି ଗୃହ ସଙ୍ଗରୋଧରେ ରହୁଥିବା ବ୍ୟକ୍ତି ଓ ପରିବାର। ଗୃହ ସଙ୍ଗରୋଧରେ ରହୁଥିବା ବ୍ୟକ୍ତି ଓ ପରିବାର ସଦସ୍ୟଙ୍କ ପାଇଁ ଦୁଇ ବେଳି ଖାଦ୍ୟ ମିଳିବା କଷ୍ଟ ହୋଇପଡୁଛି । ଘର ଭିତରେ ଅତ୍ୟନ୍ତ ଦୟନିୟସ୍ଥିତିରେ ରହିବାକୁ ବାଧ ହେଉଛନ୍ତି । କରୋନା ଦ୍ୱାରା ଆକ୍ରାନ୍ତ ବୋଲି କୌଣସି ବ୍ୟକ୍ତି ପାଖ ମାଡୁନାହାନ୍ତି , ଏପରିକି ହୋମ ଡେଲିଭରି ବାଲା ମଧ ମନା କରିଦେଉଛନ୍ତି । ଏପରି ଏକ ଅଛୁଆଁ ଭାବ ବେଳେ କରୋନା ପିଡିତଙ୍କ ପାଇଁ ସହାୟତାର ହାତ ବଢ଼ାଇଛି ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ଉତ୍ସର୍ଗ’। ଅମୂଲ୍ୟ ଆହାର ଯୋଜନା ମାଧ୍ୟମରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ଉତ୍ସର୍ଗ’ ରନ୍ଧାଖାଦ୍ୟ ଯୋଗାଇ ଦେଉଛି । ବୌଦ୍ଧର ଉତ୍ସର୍ଗ ଅନୁଷ୍ଠାନ ପକ୍ଷରୁ କରୋନା ମହମାରୀ ଦ୍ୱାରା ପିଡିତ ହୋଇ ଗୃହ ସଙ୍ଗରୋଧରେ ରହିଥିବା ଅସହାୟ ରୋଗୀଙ୍କ ପାଇଁ ଅମୂଲ୍ୟ ଆହାର ଯୋଜନା ଆରମ୍ଭ କରାଯାଇଛି। ଅନୁଷ୍ଠାନ ପକ୍ଷରୁ ପିଡିତ ରୋଗୀମାନଙ୍କ ପାଇଁ ଦୁଇଓଳି ରନ୍ଧାଖାଦ୍ୟର ବ୍ୟବସ୍ଥା କରାଯିବା ସହିତ ଏଥିପାଇଁ ସହାୟତା ଆବଶ୍ୟକ କରୁଥିବା ବ୍ୟକ୍ତିମାନଙ୍କ ପାଇଁ ଫୋନ ନମ୍ବର ମଧ ଜାରି କରାଯାଇଛି। ୯୯୩୭୨୦୬୮୪୧/ ୯୧୭୮୪୫୪୭୦୪/ ୯୯୩୭୦୬୦୧୯୬ ଆଦି ନମ୍ବର ଅନୁଷ୍ଠାନ ପକ୍ଷରୁ ଜାରି କରାଯିବା ସହିତ ଖାଦ୍ୟ ଆବଶ୍ୟକ କରୁଥିବା ବ୍ୟକ୍ତିବିଶେଷ ଚାରିଘଣ୍ଟା ପୂର୍ବରୁ ନମ୍ବରରେ ଯୋଗାଯୋଗ କଲେ ସେମାନଙ୍କ ନିକଟକୁ ଅନୁଷ୍ଠାନର ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ମାଗଣାରେ ଖାଦ୍ୟ ପହଂଚାଇ ଦିଆଯିବ ବୋଲି ଅନୁଷ୍ଠାନର ପ୍ରତିଷ୍ଠାତା ଓ ଆବାହକ ସଂପଦ କୁମାର ଅଗ୍ରୱାଲା ସୂଚନା ଦେଇଛନ୍ତି। ବିଗତ କିଛିଦିନ ହେଲା ଆରମ୍ଭ ହୋଇଥିବା ଏହି ଯୋଜନାରେ ଅନୁଷ୍ଠାନର ସ୍ୱେଚ୍ଛାସେବୀମାନେ ବିଭିନ୍ନ ସ୍ଥାନରେ ଖାଦ୍ୟ ପ୍ରସ୍ତୁତ ଓ ପ୍ୟାକିଙ୍ଗ କରି ପାନୀୟ ଜଳ ସହିତ ପିଡିତ ରୋଗୀମାନଙ୍କ ଘରକୁ ଦୁଇଓଳି ପହଁଚାଇ ଦେଉଥିବା କହିଛନ୍ତି ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଦେବାଶିଷ ପୁରୋହିତ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ଉତ୍ସର୍ଗ’ ପକ୍ଷରୁ ଗତବର୍ଷ କରୋନା ସମୟରେ ଗ୍ରାମାଚଂଳରେ ସଚେତନତା କାର୍ଯ୍ୟକ୍ରମ ସହିତ ମାସ୍କ ବଂଟନ, ଅସହାୟ ଓ ନିରାଶ୍ରୟଙ୍କୁ ଶୁଖିଲା ଖାଦ୍ୟ ଓ ରନ୍ଧାଖାଦ୍ୟ ବଂଟନ, କରୋନା ଯୋଦ୍ଧାଙ୍କୁ ଉତ୍ସାହିତ କରିବା ପାଇଁ କରୋନା ଯୋଦ୍ଧା ପଦକ ଓ ପୁଷ୍ପ ଦେଇ ସମ୍ମାନୀତ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ସମୟରେ ଗରିବ, ଅସହାୟ ଓ ନିରାଶ୍ରୟଙ୍କୁ ମାନଙ୍କୁ ଶୀତବସ୍ତ୍ର, ନୂତନ ବସ୍ତ୍ର ବଂଟନ ସହିତ ବିଭିନ୍ନ ସେବାକାର୍ଯ୍ୟ କରାଯାଇଥାଏ।

## ବିଶ୍ୱକର୍ମା ମହାରଣାଙ୍କ ଦ୍ୱାରା ତିନି ରଥର ନିର୍ମାଣ କାର୍ଯ୍ୟ ଅନୁକୂଳ

ପୁରୀ, ୧୬/୫ (ନି.ପ୍ର): ଆଜି ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଅପରାହ୍ନରେ ମହାପ୍ରଭୁଙ୍କ ତିନି ରଥର ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ ହୋଇଛି । ଆଜ୍ଞାମାଳ ଅପରାହ୍ନ ୩ଟା ୪୦ରେ ପହଂଚିବା ପରେ ତିନି ରଥର ମୁଖ୍ୟ ମହାରଣା ଏହି ଆଜ୍ଞାମାଳକୁ ଗ୍ରହଣ କରିଥିଲେ । ପରେ ପରେ ଶ୍ରୋତିୟ ବ୍ରାହ୍ମଣ ମାନେ ପଚଂବିଧି ଉପଚାରରେ ତିନି ରଥ ପାଇଁ ଉଦ୍ଦିଷ୍ଟ ତିନୋଟି ୧୨ ଫୁଟିଆ ଧଉରା କାଠକୁ ପୂଜାର୍ଚ୍ଚନା କରିଥିଲେ । ପୂଜାର୍ଚ୍ଚନା ପରେ ତିନି ରଥର ମହାରଣା ସୁନା ଓ ରୂପା କୁରାଢ଼ୀରେ ରଥ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ କରିଥିଲେ । ଆସନ୍ତାକାଲିଠାରୁ ରଥ ଖଳାରେ ରଥ ନିର୍ମାଣରେ ବିଶ୍ୱକର୍ମା ମହାରଣା ମାନେ ନିୟୋଜିତ ହେବେ । କୋଭିଡ୍ କଟକଣାକୁ ଅନୁପାଳନ କରି ରଥ ନିର୍ମାଣ କାର୍ଯ୍ୟ ଚାଲୁ ରହିବ ।

# ଇ ଡେଟିଂ ଆପ୍ସ: ବଢୁଛି କ୍ରେଜ୍

**ଏବେ ଆଉ ଦେଖିବାକୁ ମିଳୁନି ପାର୍କ, ସିନେମାହଲ୍, ଶପିଂ ମଲ କି କାଫେ ଅବା ଫୁଡହବ୍‌ଗୁଡ଼ିକରେ ହଳ ହଳ ହୋଇ ବୁଲୁଥିବା ପ୍ରେମୀଯୁଗଳଙ୍କ ଦୃଶ୍ୟ । କାରଣ ଘରୁ ବାହାରିଲେ କରୋନା ସଂକ୍ରମଣର ଭୟ ସେମାନଙ୍କ ପାଦରେ ବି ଲଗାଇଛି ବେଡ଼ି ; ଯେଉଁଥି ପାଇଁ ବର୍ତ୍ତମାନ ଅଧିକାଂଶ ଯୁବତୀମାନଙ୍କ ଠାରେ ବଢ଼ିବାରେ ଲାଗିଛି ବିଭିନ୍ନ ଅନ୍‌ଲାଇନ୍ ଡେଟିଂ ଆପ୍‌ର କ୍ରେଜ୍...**

ବର୍ତ୍ତମାନ କରୋନା ଭୟରେ ଅତ୍ୟାବଶ୍ୟକ ନ ଥିଲେ ସଭିଙ୍କର ଘରୁ ବାହାରିବା ଏକପ୍ରକାର ବନ୍ଦ ହୋଇଯାଇଛି । ଯେଉଁଥିରୁ ବାଦ୍ ପଡ଼ି ନାହାନ୍ତି ପ୍ରେମୀଯୁଗଳ । ହେଲେ ଏ ସମୟରେ ଭେଟ ହେବା ଏକ ପ୍ରକାର ମୁସ୍କିଲ୍ ହୋଇଥିଲେ ହେଁ ସୋସିଆଲ୍ ସାଇଟ୍‌ଗୁଡ଼ିକ ଏହି ସମସ୍ୟା ଦୂର କରିବାରେ ସାହାଯ୍ୟ କରୁଛି । ଏହା ଦ୍ୱାରା କେବଳ ନିଜ ଚିହ୍ନା ପରିଚିତ ନୁହଁନ୍ତି ଅପରିଚିତଙ୍କ ସହ ମଧ ଧୀରେ ଧୀରେ ବନ୍ଧୁତାର ସମ୍ପର୍କ ଯୋଡ଼ି ପାରୁଛି । ତେବେ ବର୍ତ୍ତମାନ ଯୁବପିଢ଼ିଙ୍କ ମଧରେ ବିଭିନ୍ନ ଅନ୍‌ଲାଇନ୍ ଡେଟିଂ ଆପ୍ସର କ୍ରେଜ୍ ବଢୁଥିବା ଦେଖିବାକୁ ମିଳୁଛି । ଯାହାଦ୍ୱାରା ପରସ୍ପରଠାରୁ ସମ୍ପୂର୍ଣ୍ଣ ଅଚିହ୍ନା ଥିବା ଅନେକ ଯୁବତୀଯୁବକଙ୍କ ମଧରେ ଫ୍ରେଣ୍ଡଶିପ୍, ଚାଟିଂ, ଭିଡିଓ କଲିଂ ହୋଇପାରୁଛି । କେବଳ ଏତିକି ନୁହେଁ କେହି କେହି ପରସ୍ପରକୁ ଭେଟିବା ବା ଡେଟ୍‌ରେ ଯିବାକୁ ବି ପଛାଉ ନାହାନ୍ତି । ଏମିତିକି କେତେକଙ୍କ ଲାଗି ଏହା ନିଜ ଲାଇଫ୍ ପାର୍ଟନର ବାଛିବାର ବି ମାଧମ ପାଲଟିଛି । ତେବେ ଏହି ଇ-ଡେଟିଂ ଆପ୍ସ ଦ୍ୱାରା ଅନେକେ ଉପକୃତ ହେଉଥିଲେ ହେଁ ଏଥିରେ ବିପଦର ଆଶଙ୍କା ବି କିଛି କମ୍ ନୁହେଁ । କାରଣ ଏଥିଯୋଗୁଁ କେହି କେହି ଠକାମି, ପ୍ରତାରଣା ଏବଂ ଅନ୍ୟାନ୍ୟ ଅପରାଧର ଶିକାର ହେଉଥିବାର ବି ନଜିର





ରହିଛି । ତେଣୁ ଅନ୍‌ଲାଇନ୍ ଡେଟିଂ କରୁଥିଲେ କେତୋଟି ଦିଗ ପ୍ରତି ସଜାଗ ରହିବା ଆବଶ୍ୟକ...

**ସର୍ବାଧିକ ବ୍ୟବହୃତ ଇ-ଡେଟିଂ ସାଇଟ:**

ସର୍ବାଧିକ ବ୍ୟବହୃତ ଫେସ୍‌ବୁକ୍, ହ୍ୱାଟ୍ସଆପ୍, ଟ୍ୱିଟର ଭଳି ସୋସିଆଲ୍ ସାଇଟ୍‌କୁ ଛାଡ଼ିଦେଲେ ବର୍ତ୍ତମାନ ଟିଣ୍ଡର୍, ବମ୍ବଲ୍, ହିଞ୍ଜ, ଓକେକ୍ୟୁପିଡ୍, କଫି ମିଟ୍ସ ବାଗ୍ଲ, ହାପ୍ନ, ଦି ଲିଗ୍, ହର, କ୍ଲଭର, ପ୍ଲେଣ୍ଟି ଅଫ୍ ଫିସ୍, ମ୍ୟାଚ୍ ଭଳି ବିଭିନ୍ନ ଅନ୍‌ଲାଇନ୍ ଡେଟିଂ ଆପ୍‌ଗୁଡ଼ିକ ଅଧିକ ବ୍ୟବହାର ହେଉଥିବା ଦେଖିବାକୁ ମିଳୁଛି । ତେବେ ବିଶ୍ୱସ୍ତରୀୟ ହୋଇଥିବା ଏକ ସର୍ଭେ ରିପୋର୍ଟ ମୁତାବକ ସମଗ୍ର ପୃଥିବୀରେ ଏଭଳି ଆପ୍ ବ୍ୟବହାର କରିବାରେ ଆମେରିକା ପ୍ରଥମ ସ୍ଥାନରେ ଥିବା ବେଳେ ଦ୍ୱିତୀୟରେ ଭାରତ ରହିଛି ।

**ତଥ୍ୟର ଗୋପନିୟତା ଆବଶ୍ୟକ:**

କୌଣସି ଡେଟିଂ ସାଇଟ୍‌ରେ ନିଜ ପ୍ରୋଫାଇଲ୍ କ୍ରିଏଟ୍ କରୁଥିଲେ ପ୍ରଥମେ ତାହା ରେଜିଷ୍ଟର୍ଡ ସାଇଟ୍ କି ନୁହେଁ ଜାଣନ୍ତୁ । ଏକାଧିକ ଏଭଳି ସାଇଟ୍‌ରେ ନିଜର ସମସ୍ତ ତଥ୍ୟ ଦେବାର ଭୁଲ୍ ଆଦୌ କରନ୍ତୁ ନାହିଁ । ସୁରକ୍ଷା ଦୃଷ୍ଟିରୁ ଯଥା ସମ୍ଭବ ପ୍ରାଇଭେସି ମେଣ୍ଟେନ୍ କରିବା ଆବଶ୍ୟକ । ଏଭଳି ସାଇଟ୍‌ରେ ଆସୁଥିବା ଫ୍ରେଣ୍ଡ ରିକ୍ୱେଷ୍ଟ ଗ୍ରହଣ କରିବା ସମୟରେ ତାହା ଫେକ୍ ନା ବାସ୍ତବ ଜାଣିବାକୁ ଚେଷ୍ଟା କରନ୍ତୁ । ତାହା ଲୋକାଲ କିମ୍ବା ଗ୍ଲୋବାଲ ମଧ ପ୍ରଥମେ ଜାଣନ୍ତୁ । କାରଣ କେହି କେହି ଅନ୍ୟର ଭାବନା ସହିତ ଖେଳିବାର ମଜା ନେବା ଲାଗି ଫେକ୍ ପ୍ରୋଫାଇଲ୍ ପ୍ରସ୍ତୁତ କରିଥାନ୍ତି ଏବଂ ଡେଟିଂ ବାହାନାରେ ଡାକି ବିଭିନ୍ନ ଅପରାଧ ଘଟାଇଥାନ୍ତି । ଯଦି ଆପଣଙ୍କ ଅନ୍‌ଲାଇନ୍ ବନ୍ଧୁ କମ୍ ଦିନ ମଧରେ ନିବିଡ଼ ହେବାକୁ ଚେଷ୍ଟା କରୁଛନ୍ତି, କିମ୍ବା ଆପଣଙ୍କ ଫଟୋର ଆବଶ୍ୟକରୁ ଅଧିକ ପ୍ରଶଂସା କରୁଛନ୍ତି,



ଆପଣଙ୍କ ନିଜ ଜୀବନ ବିଷୟରେ ସମସ୍ତ ତଥ୍ୟ ଜାଣିବା ଲାଗି ଇଚ୍ଛା ପ୍ରକାଶ କରୁଛନ୍ତି ଏବଂ ନିଜ ସମ୍ପର୍କରେ ଠିକ୍ ତଥ୍ୟ ଦେବା କିମ୍ବା କହିବାରେ କର୍ଣ୍ଣାବୋଧ କରୁଛନ୍ତି ତେବେ ସତର୍କ ହୋଇଯାଆନ୍ତୁ । ସନ୍ଦେହ ହେବା ମାତ୍ରେ ଉକ୍ତ ପ୍ରୋଫାଇଲ୍‌କୁ ବ୍ଲକ୍ କରିଦିଅନ୍ତୁ । ନୂଆ ନୂଆ ବନ୍ଧୁ ହୋଇଥିବା କୌଣସି ଯୁବତୀ ଅବା ଯୁବକଙ୍କୁ ବିଶ୍ୱାସରେ ହଠାତ୍ ନିଜର ଠିକ ପରିଚୟ, ଠିକଣା, ଫଟୋ ଏବଂ ଅନ୍ୟାନ୍ୟ ବ୍ୟକ୍ତିଗତ ସୂଚନା ଦେଇ ଦିଅନ୍ତୁ ନାହିଁ । ଯଦି କିଛି ଦିନ କଥା ହେବା, ପରସ୍ପରକୁ ଭଲ ଭାବେ ଜାଣିବା ଲାଗି ସମୟ ନ ଦେଇ କେହି ହଠାତ୍ ଡେଟିଂ ପାଇଁ ପ୍ରସ୍ତାବ ଦିଅନ୍ତି ତେବେ ତତ୍‌କ୍ଷଣାତ୍ ରାଜି ହୋଇଯିବା ବୁଦ୍ଧିମତ୍ତାର କାମ ନୁହେଁ । ଯଦି କେହି ଖୁବ୍ କମ୍ ସମୟରେ ଭାବନାତ୍ମକ ଭାବେ ଆପଣଙ୍କ ସହ ନିବିଡ଼ ହେବାକୁ ଚେଷ୍ଟା କରନ୍ତି, ବାରମ୍ବାର ଡେଟ୍ ପ୍ରସ୍ତାବ ଦିଅନ୍ତି ଏବଂ ଏପରି ବ୍ୟବହାରକୁ ନେଇ ଆପଣଙ୍କ ମନରେ କିଛି ବି ସନ୍ଦେହ ଆସେ ତେବେ ପ୍ରଥମେ ସମୟ ନେଇ ସତ କ'ଣ ଜାଣିବାକୁ ଚେଷ୍ଟା କରନ୍ତୁ । ମନା କରିବା ଦ୍ୱାରା ଅନ୍ୟକୁ ଦୁଃଖ ହେବ ଭାବି ଭାବପ୍ରବଣତା ବଶତଃ କୌଣସି ଭୁଲ ନିଷ୍ପତ୍ତି ନିଅନ୍ତୁ ନାହିଁ ।

**ବ୍ୟକ୍ତିଗତ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ:**

କିଛିଦିନ କଥା ହେବା ପରେ ଯଦି ଡେଟିଂରେ ଯିବାକୁ ନିଷ୍ପତ୍ତି ନିଅନ୍ତି ତେବେ ଏହି କରୋନା ସମୟ ଏଥିପାଇଁ ଉପଯୁକ୍ତ ନୁହେଁ । ତଥାପି ଯଦି ଦେଖା କରିବାକୁ ଚାହାନ୍ତି ତେବେ ସୁରକ୍ଷା ଦୃଷ୍ଟିରୁ ମାସ୍କ ପିନ୍ଧି ପରସ୍ପର ଦୂରରେ ରହି କଥା ହୁଅନ୍ତୁ । ହ୍ୟାଣ୍ଡସେକ୍ କରିବା, ଏକାଠି ଖାଇବା, ଗାଡ଼ିରେ ବୁଲିବା ଆଦି ଠାରୁ ଦୂରେଇ ରୁହନ୍ତୁ । ମନେରଖନ୍ତୁ ପ୍ରଥମ ଦେଖା ଲାଗି କୌଣସି ନିରୋଳା ସ୍ଥାନ ପରିବର୍ତ୍ତେ ସାର୍ବଜନୀନ ସ୍ଥାନ ବାଛନ୍ତୁ । ତେବେ ସୁରକ୍ଷା ଦୃଷ୍ଟିରୁ ସାଙ୍ଗରେ କେହି ପରିବାର ସଦସ୍ୟ କିମ୍ବା ସାଙ୍ଗକୁ ନେଇ ଯିବା ମଧ ଭଲ ।



## ଆଖି ନଥିବା ଜୀବ



ଦୁନିଆରେ ଏପରି ଅନେକ ଜୀବ ରହୁଛନ୍ତି ଯେଉଁମାନଙ୍କୁ ଦେଖିଲେ ଆଶ୍ଚର୍ଯ୍ୟ ଲାଗେ । ଏହିପରି ଜୀବଜନ୍ତୁଙ୍କ ଉପରେ ବୈଜ୍ଞାନିକମାନେ ଗବେଷଣା କରୁଛନ୍ତି । ସେହିପରି ଏ ଅଜବ ଜୀବ ମେକ୍ସିକୋରେ ଦେଖିବାକୁ ମିଳିଛି । ମେକ୍ସିକୋର ସମୁଦ୍ର କୂଳରେ ଏହି ଅଜବ ଜୀବକୁ ଲୋକମାନେ ଦେଖିଥିଲେ ଓ ତା'ର ଆଖିନାହିଁ ଓ ତାର ଦାନ୍ତ ମୁନିଆଁ । ତାର ମୁଣ୍ଡ ଡଲ୍‌ଫିନ୍ ପରି କିନ୍ତୁ ତାର ଲାଞ୍ଜ ବେଙ୍ଗ ଛୁଆ ପରି । ସ୍ଥାନୀୟ ଲୋକମାନଙ୍କ ଅନୁସାରେ ପ୍ରଶାନ୍ତ ମହାସାଗରର ଗଭୀରତମ ପ୍ରଦେଶରୁ ଏହା ବାହାରକୁ ଚାଲି ଆସିଛି ଓ ପାଣିର ସ୍ରୋତରେ କୂଳକୁ ଆସିଯାଇଛି । କୁହାଯାଉଛି ଯେ ପାଣିର ଗଭୀରତାକୁ ସୂର୍ଯ୍ୟଙ୍କ କିରଣ ପହଂଚିପାରେ ନାହିଁ । ସେଥିପାଇଁ ସେଠାରେ ବିନା ଆଖି ଥିବା ଜୀବ ରହନ୍ତି । ପ୍ରଥମରୁ ଲୋକମାନେ ଏହାକୁ ଏକ ମୃତ ଡଲ୍‌ଫିନ ବୋଲି ଭାବିଥିଲେ । ପ୍ୟୁର୍ଟୋ ଭାଲାର୍ଟାର ଏକ ହଜାର ମିଟରର ଗଭୀରତାରେ ଏକ ସମୁଦ୍ରୀ କ୍ଷେତ୍ର ରହିଛି । ସେହି ସ୍ଥାନରୁ ଏହି ଜୀବଟି ଆସିଥିବାର ଅନୁମାନ କରାଯାଉଛି । କିଛି ଦିନ ପୂର୍ବରୁ କାଲିଫର୍ଣ୍ଣିଆର ୟୁସୀ ସାନ୍ତା ବାରବରାର ଆମେରିକାନ ରିଭିଏରା କୂଳରେ ୭ଫୁଟ ଲମ୍ବାର ଏକ ଅଜବ ମାଛ ଦେଖାଯାଇଥିଲା । ଅନ୍ୱେଷଣକାରୀମାନେ ତାହା ହୁଡଓ୍ୱିଙ୍କର ସନଫିସ ବୋଲି କହିଥିଲେ । ସେମାନଙ୍କର ଅଧିକ ସମୟ ଲୁଚି ରହିବାର କ୍ଷମତା ଥାଏ ।

## ଚକ୍କି ସବ୍‌ଜି



ଆମେ ଏଥର ରାଜସ୍ଥାନର ଏକ ପାରମ୍ପରିକ ଖାଦ୍ୟ ବିଷୟରେ ଉଲ୍ଲେଖ କରିଛୁ । ଆଶା କରୁଛୁ ପାଠକମାନଙ୍କୁ ଏହାର ରେସିପି ନିଶ୍ଚିତ ଭାବ ପସନ୍ଦ ଆସିବ । ଏହାକୁ ରାଜସ୍ଥାନୀ ଚକ୍କି କି ସବ୍‌ଜି ବୋଲି କୁହାଯାଏ । ଏହା କୌଣସି ପନିପରିବା ନୁହେଁ, ବରଂ ଅଟାରେ ପ୍ରସ୍ତୁତ ହୋଇଥାଏ । ରାଜସ୍ଥାନର ଗ୍ରାମାଞ୍ଚଳର ଲୋକମାନେ ଏହାକୁ ବିଶେଷ ଭାବେ ପ୍ରସ୍ତୁତ କରିଥାଆନ୍ତି । ପୂଜା ପର୍ବ ଅବସରରେ ଅଧିକାଂଶ ରାଜସ୍ଥାନୀ ପରିବାରରେ ପ୍ରସ୍ତୁତ ହୋଇଥାଏ ଏହି ତରକାରୀ । ଏହାର ସ୍ୱାଦ ମଧ ବେଶ୍ ବଢ଼ିଆ । ତା' ହେଲେ ଆସନ୍ତୁ ଜାଣିବା କିଭଳି ଭାବେ ପ୍ରସ୍ତୁତ ହୋଇଥାଏ ଚକ୍କି କି ସବ୍‌ଜି ।

**ପ୍ରସ୍ତୁତି:**

ଚକ୍କି କି ସବ୍‌ଜି ତିଆରି କରିବା ପାଇଁ ମୁଖ୍ୟ ଉପାଦାନ ଅଟା । ଏହାକୁ ସ୍ୱାଦିଷ୍ଟ କରିବା ପାଇଁ ଏଥିରେ ଆଉ କିଛି ଉପାଦାନ ମିଶିଥାଏ । ଯାହା ତରକାରୀର ସ୍ୱାଦକୁ ବଢ଼ାଇଥାଏ । ଏଥର ଆସନ୍ତୁ ଜାଣିବା କେଉଁ ଉପାଦାନ କେତେ ପରିମାଣରେ ନେବାକୁ ହେବ । ଚକ୍କି ସବ୍‌ଜି ତିଆରି କରିବାକୁ ଚାହୁଁଥିଲେ ଆପଣମାନେ ଏହି ଭାଗମାପ ଉପରେ ନଜର ପକାନ୍ତୁ । ଅଟା ୪ କପ୍, ତେଲ ୩ ରୁ ୪ ବଡ଼ ଚାମଚ, ଜୀରା ୧/୪ ଛୋଟ ଚାମଚ, ଡାଲଚିନି ୧ ଇଞ୍ଚ, ଗୋଲମରିଚ ୭/୮ଟା, ଲବଙ୍ଗ ୩ଟି, ବଡ଼ ଅଳେଇଚ ୧ଟି, ହେଙ୍ଗୁ ଚିମୁଟାଏ, ଟମାଟୋ ୨ଟା, କଞ୍ଚାଲଙ୍କା ୨ଟା (ଚୁନା କରିଦେବେ), ଅଦା ଅଧଇଞ୍ଚ, ହଳଦୀ ଗୁଣ୍ଡ ଅଧ ଛୋଟ ଚାମଚ, ଧନିଆ ଗୁଣ୍ଡ ୧ ଛୋଟ ଚାମଚ, କାଶ୍ମିରୀ ଲଙ୍କାଗୁଣ୍ଡ ୧ ଛୋଟ ଚାମଚ, କସୁରି ମେଥି ୧ ବଡ଼ ଚାମଚ, ଦହି ଚଉଠେ କପ୍, ମଲେଇ ବା କ୍ରିମ୍ ଚଉଠେ ଚାମଚ, ଲୁଣ ସ୍ୱାଦ ଅନୁସାରେ, ଗରମ ମସଲା ଚଉଠେ ଚାମଚ, ଧନିଆ ପତ୍ର ୨ ବଡ଼ ଚାମଚ, ଚିନି ଅଧା ଚାମଚ, ବେକିଂ ସୋଡ଼ା ଚଉଠେ ଚାମଚ, ଧଳାରାଶି ଚଉଠେ ଚାମଚ, ଘିଅ ୧ ଛୋଟ ଚାମଚ ।

ଅଟାର ଚକ୍କି ତିଆରି କରିବା ପାଇଁ ପ୍ରଥମେ ଯେ କୌଣସି ବଡ଼ ପାତ୍ରରେ ୪ କପ୍ ଅଟା ନିଅନ୍ତୁ । ଏହାପରେ ସେଥିରେ ଆବଶ୍ୟକ ଅନୁସାରେ ପାଣି ଦେଇ ଅଟାକୁ ଭଲ କରି ଚକଟି ରଖନ୍ତୁ । ଅଧିକ ପାଣିଆ ଯେମିତି ନହୁଏ ଖିଆଲ ରଖିବେ । ଅଧଘଣ୍ଟା ପରେ ଆଉ ଏକ ବଡ଼ ପାତ୍ରରେ ଚକଟା ହୋଇଥିବା ଅଟା ରଖି ତାକୁ ୪ରୁ ୫ ଥର ଧୋଇଦିଅନ୍ତୁ । ଏହାପରେ ସେହି ଅଟା ଉପରେ ୧୦ ମିନିଟ୍ ପର୍ଯ୍ୟନ୍ତ କୌଣସି ଓଜନିଆ ଜିନିଷ ଚାପି ରଖନ୍ତୁ । ଏପରି କରିବା ଦ୍ୱାରା ଅଟାରୁ ସବୁତକ ପାଣି ବାହାରିଯିବ । ଏଥର ସେହି ଅଟାକୁ ୪ରୁ ୫ ପିସ୍ କାଟି ଦିଅନ୍ତୁ । ଏହାପରେ ଗ୍ୟାସ୍ ଅନ୍ କରି ଏକ ପାତ୍ରରେ ପାଣି ଗରମ କରନ୍ତୁ । ପାଣି ଫୁଟି ଆସିଲେ କଟା ହୋଇଥିବା ଅଟା ଦଳାକୁ ତା' ମଧରେ ପକାନ୍ତୁ । ୨୦ ମିନିଟ ମଧମ ଆଞ୍ଚରେ ଫୁଟିଲା ପରେ ଦେଖିବେ ଅଟା ପିସ୍‌ଗୁଡ଼ିକୁ ଫୁଲିଯାଇଥିବ । ଏଥର ସେହି ପିସ୍‌ଗୁଡ଼ିକୁ ପାଣିରୁ ଛାଣି ଅଲଗା ରଖିବାକୁ ହେବ ।

ସେହି ପିସ୍‌କୁ ଆହୁରି ଛୋଟ ଛୋଟ କରି କାଟି ଦିଅନ୍ତୁ । ଏହାପରେ କରେଇରେ ତେଲ ଗରମ କରି ଏହି ପିସ୍‌ଗୁଡ଼ିକ ସୁନେଲି ରଙ୍ଗର ହେବାଯାଏ ଭାଜନ୍ତୁ । ଏଥର ସବ୍‌ଜିର ମସଲା ପ୍ରସ୍ତୁତ କରିବାର ପାଳି । ଏକ ପ୍ୟାନ୍‌ରେ ୨ ଛୋଟ ଚାମଚ ତେଲ ଗରରମ କରି ସେଥିରେ ଜୀରା, ତେଜପତ୍ର, ଡାଲଚିନି, ଗୋଲମରିଚ, ଲବଙ୍ଗ, ବଡ଼ ଅଳେଇ ଏବଂ ହେଙ୍ଗୁ ପକାନ୍ତୁ । ଏହି ମସଲାକୁ ହାଲୁକା ଭାଜି ଦିଅନ୍ତୁ । ଏହାପରେ ୨ଟି ଟମାଟୋ, କଞ୍ଚାଲଙ୍କା, ଅଦାର ପେଷ୍ଟ ତିଆରି କରନ୍ତୁ । ଏହି ପେଷ୍ଟକୁ ମସଲା ଭଜା କରେଇରେ ମିଶାଇ ହାଲୁକା ଆଞ୍ଚରେ କଷନ୍ତୁ । ଟିକେ କଷି ହୋଇଆସିଲେ ସେଥିରେ ହଳଦି, ଧନିଆ ଗୁଣ୍ଡ, କାଶ୍ମିରୀ ଲଙ୍କାଗୁଣ୍ଡ, କସୁରି ମେଥି ପକାଇ ମସଲାକୁ ଭଲ କରି ଫେଣ୍ଟନ୍ତୁ । ଏହା ପରେ ସେଥିରେ ମଲାଇ ନହେଲେ କ୍ରିମ୍ ମିଶାଇ ଟିକେ ଏପଟ ସେପଟ କରି ଦରକାର ଅନୁସାରେ ପାଣି ମିଶାନ୍ତୁ । ମସଲା ଫୁଟି ଆସିଲେ ଆଗରୁ ଛାଣି ରଖିଥିବା ଅଟାର ଚକ୍କିଗୁଡ଼ିକୁ ମିଶାନ୍ତୁ । ସ୍ୱାଦ ଅନୁସାରେ ଲୁଣ ଏବଂ ଗରମ ମସଲା ମିଶାନ୍ତୁ । ହାଲୁକା ଆଞ୍ଚରେ ୬ରୁ ୭ ମିଟର ପର୍ଯ୍ୟନ୍ତ ଫୁଟିବାକୁ ଛାଡ଼ିଦିଅନ୍ତୁ । ଶେଷରେ ଧନିଆ ପତ୍ର ପକାଇ ରୁଟି କିମ୍ବା ପୁରି ସହିତ ପରିବେଷଣ କରନ୍ତୁ ।

## ସ୍ୱର୍ଣ୍ଣିମ ଐତିହ୍ୟର ଗାଥା ଗାଇବ ରାନି ବଖ୍‌ରି



ଛତ୍ରି ଶୈଳୀରେ ନିର୍ମିତ ଏହି ମହଲ ଅନେକ ଇତିହାସକୁ ବହନ କରି ଆସିଛି । ରାଜତନ୍ତ୍ର ଯିବା ପରେ କାଳକ୍ରମେ ସଂପୃକ୍ତ କୋଠା ଅବହେଳିତ ଅବସ୍ଥାରେ ପଡ଼ି ସଂପୂର୍ଣ୍ଣ ଜରାଜୀର୍ଣ୍ଣ ହୋଇପଡ଼ିଥିଲା । ତେବେ ୨୦୦୧ ମସିହାରେ ପ୍ରଜେକ୍ଟ ଓଡ଼ିଶା ସ୍କିମ୍ ଜରିଆରେ କେନ୍ଦ୍ରୀୟ ଅନୁଦାନରେ ଏହାର ଛାତ ମରାମତି କରି ପୁନରୁଦ୍ଧାର କାମ ଆରମ୍ଭ ହୋଇ ମଧ ଅଟକି ଯାଇଥିଲା । ୨୦୦୯ ମସିହାରେ ସମ୍ବଲପୁର ଇନ୍‌ଟାକ୍ ଚାପଟର୍ ହେବାପରେ ଇନଟାକ୍ ଏହାର ପୁନରୁଦ୍ଧାର କାମକୁ ଗୁରୁତ୍ୱ ଦେଇ ପ୍ରୟାସ ଆରମ୍ଭ କରିଥିଲା । ୨୦୧୪-୧୫ ମସିହାରେ ତତ୍କାଳୀନ

ଦେଶର ପୂର୍ବ ଭୂଖଣ୍ଡର ପ୍ରାଚୀନ ଇତିହାସରୁ ଆରମ୍ଭ କରି ବିଂଶ ଶତାବ୍ଦୀର ସ୍ୱାଧୀନତା ସଂଗ୍ରାମ ପର୍ଯ୍ୟନ୍ତ ପ୍ରତିଟି ପୃଷ୍ଠାରେ ସମ୍ବଲପୁରର ସ୍ୱର୍ଣ୍ଣିମ ଐତିହ୍ୟ ସ୍ୱତନ୍ତ୍ର ସ୍ଥାନ ପାଇ ଆସିଛି । ତଥାପି ମଧ ଦଶନ୍ଧି ଧରି ସମ୍ବଲପୁରର ଅନେକ କୀର୍ତ୍ତିରାଜି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି । ସମ୍ବଲପୁରର ଶେଷ ରାଜବଂଶ ଭାବେ ପରିଚିତ ଚୌହାନ ସାମାଜ୍ୟର ଅନେକ କୀର୍ତ୍ତି ଇତିମଧ୍ୟରେ ଲୋପ ପାଇଥିବା ବେଳେ ଅଳ୍ପ କିଛି ବିଲୋପର ଦ୍ୱାରଦେଶରେ । ଯେମିତିକି ରାଣୀ ମହଲ ବା ରାନି ବଖ୍‌ରି ଯାହା କି ଶତାଧିକ ବର୍ଷ ଧରି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଥିଲା । କିନ୍ତୁ ଏହି ରାନି ବଖ୍‌ରି ପୁଣି ଥରେ ତାର ପୂର୍ବ ଐତିହ୍ୟର ଗାଥାକୁ ଦୁନିଆଁ ଆଗରେ ବଖାଣିବା ପାଇଁ ରାଣୀ ବେଶରେ ଝଟକି ଉଠିଲାଣି । ଦୀର୍ଘ ବର୍ଷ ଦରି ଚାଲିଥିବା ଏହାର ପୁନଃଉଦ୍ଧାର କାମ ଇତିମଧ୍ୟରେ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଖୁବ୍ ଶୀଘ୍ର ଏଠାରେ ଆର୍ଟ ଏବଂ ଫଟୋଗ୍ରାଫି ଗ୍ୟାଲେରି ଉଦ୍‌ଘାଟନ ହେବାକୁ ଯାଉଛି । ଐତିହାସିକ ତଥ୍ୟ ଅନୁସାରେ ପ୍ରାୟ ୧୬୬୦ ମସିହାରେ ରାଜା ବଳିୟାର୍ ସିଂ ତାଙ୍କ ଝିଅ ଜେମାଦେଇଙ୍କ ନାମରେ ରାଣୀଙ୍କ ରହିବା ପାଇଁ ଉକ୍ତ କୋଠା ନିର୍ମାଣ କରିଥିଲେ । ତିନି ମହଲା ବିଶିଷ୍ଟ ଉକ୍ତ କୋଠାରେ ୧୬ଟି କୋଠରୀ ରହିଛି । ରାଜସ୍ଥାନୀ ଗମ୍ବୁଜ ଏବଂ



ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଦ୍ୱାରା ରାଜ୍ୟ ସରକାରଙ୍କ ପକ୍ଷରୁ ଏହାର ପୁନଃଉଦ୍ଧାର କାମ ପାଇଁ ଦେଢ଼ କୋଟି ଟଙ୍କା ଯୋଗାଇ ଦିଆଯାଇଥିଲା । ତତ୍କାଳୀନ ଜିଲ୍ଲାପାଳ ବଲଓ୍ୱନ୍ତ ସିଂଙ୍କ ପ୍ରଚେଷ୍ଟାରେ ଓଡ଼ିଶା ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ଇନଟାକ୍ ଦ୍ୱାରା ପୁନରୁଦ୍ଧାର କାମ ଚାଲିଥିବା ବେଳେ ଏବେ ଏହା ସଂପୂର୍ଣ୍ଣ ହେବା ସ୍ଥିତିରେ । ମଲ୍ଲିକା ମିତ୍ର ନାମକ ବିଶେଷଜ୍ଞଙ୍କ ତତ୍ତ୍ୱାବଧାନରେ ଚାଲିଥିବା ପୁନରୁଦ୍ଧାର କାମରେ ସପ୍ତଦଶ ଶତାବ୍ଦୀର କିଛି ପାରମ୍ପରିକ ସାମଗ୍ରୀ ବ୍ୟବହାର କରାଯାଇଛି । ମରାମତି କାମରେ ସିମେଣ୍ଟ କିମ୍ବା କୌଣସି ରାସାୟନିକ ପଦାର୍ଥ ବ୍ୟବହାର ହୋଇନଥିବା ବେଳେ ପ୍ଲାଷ୍ଟରିଂ କାମରେ ବିଭିନ୍ନ ଗଛର ମଞ୍ଜି, ରସ, ଚୂନ ଆଦି ବ୍ୟବହାର କରାଯାଇଛି । ଏହାର ମରାମତି କାମ ଚୂଡ଼ାନ୍ତ ପର୍ଯ୍ୟାୟରେର ପହଞ୍ଚିଥିବା ବେଳେ ଖୁବ୍ ଶୀଘ୍ର ଏକ ଆର୍ଟ ଏବଂ ଫଟୋଗ୍ରାଫି ଗ୍ୟାଲେରି କରାଯିବାକୁ ଯୋଜନା ରହିଛି । ଇତିମଧ୍ୟରେ ଏହି ରାନି ବଖ୍‌ରି ସତକୁ ସତ ରାଣୀ ପରି ଝଟକିଲାଣି । ଏଥିରେ ସମ୍ବଲପୁର ଇତିହାସ ସମ୍ବଳିତ ଫଟୋଗ୍ରାଫି ସାଙ୍ଗକୁ ଆର୍ଟ ଗ୍ୟାଲେରି ସ୍ଥାନ ପାଇବ ବୋଲି ଜଣାପଡ଼ିଛି ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଅଶାନ୍ତ ମଧ୍ୟପ୍ରାଚ୍ୟ....

ସମୟାନ୍ତରରେ ମଧ୍ୟପ୍ରାଚ୍ୟରେ ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଛି। ଇସ୍ରାଏଲ ଓ ପାଲେଷ୍ଟାଇନ୍ ଭିତରେ ସଂଘର୍ଷ ଚରମରୂପେ ନେଇଛି। ଗାଜାରେ ଇସ୍ରାଏଲ୍ ପକ୍ଷରୁ ରକେଟ୍ ମାଡ଼ ଓ ହମାସର ପାଲଟା କାର୍ଯ୍ୟାନୁଷ୍ଠାନ ଫଳରେ ଉଭୟପକ୍ଷର ବ୍ୟାପକ ଧନ-ଜୀବନ ହାନି ହୋଇଛି। ବଡ଼ ବଡ଼ କୋଠା, ଜନବସତି ଧ୍ୱଂସ ପାଇଯାଇଛି। ମଧ୍ୟପ୍ରାଚ୍ୟରେ ଯଦିଓ ଲଗାତାର କିଛି ବର୍ଷ ପାରମ୍ପରିକ ଶତ୍ରୁପକ୍ଷ ଭିତରେ ସଶସ୍ତ୍ର ସଂଘର୍ଷ ଲାଗି ବ୍ୟାପକ କ୍ଷତି ହୋଇଆସୁଥିଲା, ଏଥରକ ପରସ୍ଥିତି ଏପରି ହୋଇଛି, ଆଶଙ୍କା କରାଯାଉଛି ହୋଇପାରେ ଏହା ପୂରା ଦମ୍ ଯୁଦ୍ଧ ପାଇଁ ବାଟ କଢ଼ାଇପାରେ। ଇସ୍ରାଏଲଏ୍ ମୂଳରୁ ପାଲେଷ୍ଟାଇନ୍ର ଅସ୍ତିତ୍ୱକୁ ସ୍ୱୀକାର କରିନାହିଁ। ପାଲେଷ୍ଟାଇନ୍ ଲିବରେସନ୍ ଅର୍ଗାନାଇଜେସନ୍ (ପିଏଲ୍ଓ) ଦ୍ୱାରା ଇସ୍ରାଏଲ ଉପରେ ବିଭିନ୍ନ ସମୟରେ ଆକ୍ରମଣ ଏବଂ ଇସ୍ରାଏଲ୍ ଦ୍ୱାରା ତାହାର ପାଲଟା ଜବାବ ବିଶ୍ୱ ଇତିହାସରେ ରକ୍ତକ୍ଷୟୀ ଅଧ୍ୟାୟ ଯୋଡ଼ି ଆସିଛି। ଚଳିତ ସପ୍ତାହରେ ଆରମ୍ଭ ହୋଇଥିବା ସଂଘର୍ଷ ଫଳରେ ହୋଇଥିବା କ୍ଷୟକ୍ଷତି ବିଶ୍ୱବ୍ୟାପୀ ଉଦବେଗର କାରଣ ହୋଇ ଦେଖାଦେଇଛି। ଏକପକ୍ଷରେ ଯୁକ୍ତରାଷ୍ଟ୍ର ଆମେରିକା ଇସ୍ରାଏଲୀ ଆକ୍ରମଣ ଯଥାର୍ଥ ବୋଲି ଦର୍ଶାଇଥିବା ବେଳେ ଅନ୍ୟ ଦେଶଗୁଡ଼ିକ ଭିତରେ ଫ୍ରାନ୍ସ ଭଳି କିଛି ଦେଶ ଉତ୍ତେଜନାକୁ ଅଧିକ ନବଢ଼ାଇବାକୁ ଉଭୟ ପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି। ମଧ୍ୟପ୍ରାଚ୍ୟରେ ହିଂସା, ସଂଘର୍ଷର ରହିଛି ଲମ୍ବା ଇତିହାସ। ଅତୀତରେ ମିଶର ଓ ଇସ୍ରାଏଲ ଭିତରେ ଜଟିଳ ସମ୍ପର୍କଠାରୁ ଆରମ୍ଭ କରି ଏ ପର୍ଯ୍ୟନ୍ତ ବିଭିନ୍ନ ସମୟରେ ମଧ୍ୟସ୍ଥତା ଭିତରେ କେବେ ବି ଶାନ୍ତିପ୍ରତିଷ୍ଠା ସମ୍ଭବ ହୋଇପାରିନାହିଁ। କେତେବେଳେ ମିଳିତ ଜାତିସଂଘ, ଆଉ କେତେବେଳେ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ ପକ୍ଷରୁ ସଂଘର୍ଷରତ ପକ୍ଷଗୁଡ଼ିକ ଭିତରେ କଥାବାର୍ତ୍ତା ପାଇଁ ବୈଠକ କରାଯାଇଛି। ଏପରିକି ଯୁକ୍ତରାଷ୍ଟ୍ର ଆମେରିକା ଓ ଅନ୍ୟ ମହାଶକ୍ତି ପକ୍ଷରୁ ହସ୍ତକ୍ଷେପ ଲାଗି ଉଦ୍ୟମ ହୋଇଛି। ମଧ୍ୟପ୍ରାଚ୍ୟରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ଉଦ୍ୟମ ସବୁଥର ପାଣିଫୋଟକା ଭଳି ମିଳେଇ ଯାଇଛି। ହୋଇପାରେ, ଇସ୍ରାଏଲ ଭଳି ଦେଶକୁ ଯୁଦ୍ଧଖୋର ଭାବେ ଚିତ୍ରଣ କରୁଥିବା ପାଲେଷ୍ଟାଇନକୁ ବିଶ୍ୱସ୍ତରରେ ସେଭଳି ବିଧିବଦ୍ଧ ମାନ୍ୟତା ମିଳିନଥିବାରୁ କେହି ବିଷମ ସ୍ଥିତିର ସମାଧାନ ପାଇଁ ମୁଣ୍ଡ ଖେଳାଇବାକୁ ଚାହୁଁନଥିଲେ। ମାତ୍ର ବହୁ ଦଶନ୍ଧିର ବ୍ୟବଧାନରେ ମଧ୍ୟପ୍ରାଚ୍ୟରେ ପୁରୁଣା ଘାଆ କଂଚା ହୋଇଛି। ପାଲେଷ୍ଟାଇନକୁ ନିର୍ଦ୍ଦିଷ୍ଟ ରାଷ୍ଟ୍ର କୂଟନୈତିକ ସ୍ୱୀକୃତି ଦେଇଥିବା ଭିତରେ ତାହା ଇସ୍ରାଏଲ୍ ଓ ତାହାର ସମର୍ଥକଙ୍କୁ କ୍ଷୁର୍ଣ୍ଣ କରିଆସିଥିଲା। ପାଲେଷ୍ଟାଇନ୍ ସଂଗଠନ ସହିତ ଅବଲୁପ୍ତ ସୋଭିଏତ୍ ରାଷ୍ଟ୍ରସଂଘ ରହିଆସିଥିଲା। ତାହାର ବିଲୟ ପରେ ଅଙ୍ଗପ୍ରଜାତନ୍ତ୍ରମାନେ ମ୍ୟପ୍ରାଚ୍ୟ ନେଇ ଆଭିମୁଖ୍ୟ ପୂର୍ବଭଳି ରଖିବା ସମ୍ଭବ ହେଉନାହିଁ। କୂଟନୈତିକ ମାନଚିତ୍ରରେ ଗାଜାକ୍ଷେତ୍ରକୁ ଇସ୍ରାଏଲ କଂଟା ବୋଲି ବିଚାର କରିଆସୁଥିଲା। ଏବେକାର ସଂଘର୍ଷରେ ଗାଜା ସହର ଧ୍ୱଂସ ପାଇଯାଇଛି। ପାଖାପାଖି ଉଭୟ ପକ୍ଷରୁ ଶହେ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ସମସଂଖ୍ୟକ ଆହତ ହୋଇ ଜୀବନ-ମୃତ୍ୟୁ ସଂଘର୍ଷରେ ରହିଛନ୍ତି। ସମଗ୍ର ବିଶ୍ୱବାସୀ ଅଭୂତପୂର୍ବ ଭୂତାଣୁ ବିରୋଧରେ ସଂଘର୍ଷରେ ଲିପ୍ତ ଥିବା ସମୟରେ ଇସ୍ରାଏଲ-ପାଲେଷ୍ଟାଇନ୍ ସଂଘର୍ଷ ସମସ୍ତଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ଜନ ଓ ଧନର ଅମାପ କ୍ଷତି ପାଇଁ କେଉଁ ପକ୍ଷ ଦାୟୀ, ତାହା ବିଚାର କରିବାର କ୍ଷେତ୍ର ଏହା ନୁହେଁ। ମାତ୍ର ଶୀତଳଯୁଦ୍ଧ ଯୁଗର ଅବସାନ ପରେ କ'ଣ ପାଇଁ ମଧ୍ୟପ୍ରାଚ୍ୟରେ ଯୁଦ୍ଧର ଘନଘଟା ଉଙ୍କିମାରିଲା, ତାହାର ମୂଳ ହେତୁ କ'ଣ ଜାଣିବାର ଅଧିକାର ସମସ୍ତଙ୍କର ଅବଶ୍ୟ ଅଛି। ଦୁଇ ଦୁଇଟି ବିଶ୍ୱଯୁଦ୍ଧ ପରେ ମାନବ ସମାଜ ଶାନ୍ତିରେ ନିଃଶ୍ୱାସ ମାରିବାକୁ ଚାହୁଁଥିବା ସମୟରେ ଆଂଚଳିକ ଅଖଣ୍ଡତା ପାଇଁ ବିପଦ ଡାକିଆଣିବା ଭଳି ସ୍ଥିତିକୁ କେହି ବରଦାସ୍ତ କରିନପାରନ୍ତି। ସ୍ଥିତି ଏଭଳି ହୋଇଛି ଯେ, କୌଣସି ମହାଶକ୍ତି ଭାବେ କଥିତ ରାଷ୍ଟ୍ରଙ୍କର ହସ୍ତକ୍ଷେପ କଲାଭଳି କ୍ଷମତା ନାହିଁ। ଏଥିପାଇଁ ଏକାଧିକ କାରଣ ଦାୟୀ। ପ୍ରତି କଥାରେ ନାକ ଗଳାଇବାର ଦୂରଭ୍ୟାସ ରଖିଥିବା କେତେକ ଦେଶ ଦୂଷିତ କୂଟନୀତିର ଆଶ୍ରୟ ନେଉଥିବାରରୁ ବାସ୍ତବ ନ୍ୟାୟ ଦେବାବେଳକୁ ସେମାନଙ୍କୁ ବିଶ୍ୱ ସନ୍ଦେହ ନଜରରେ ଦେଖୁଛି। ବସ୍ତୁନିଷ୍ଠ କୂଟନୀତିକୁ ସମାଧି ଦିଆସରିଲାଣି। ନ୍ୟାୟ-ଅନ୍ୟାୟ ନିକିତିରେ ତଉଲି ଯଦି କାର୍ଯ୍ୟ କରାଯାଉଥାନ୍ତା, ତାହାହେଲେ ଏଭଳି ଅସ୍ୱାଭାବିକ ବାତାବରଣକୁ ଟଳାଯାଇ ପାରନ୍ତା ବୋଲି ତଦ୍‌ବିଦ୍ ମହଲ ମତ ଦେଉଛନ୍ତି।

## କବିତା କୋଣାର୍କ

### ଅଭିମନ୍ୟୁର ଇତିକଥା...

**ପୂର୍ଣ୍ଣେନ୍ଦୁ କର**

ନଇଁ ମୁଁ ପଡିଛି ଭାଙ୍ଗି ପଡି ନାହିଁ
ସମୟର ଦାଉ ସହି
ମା' ଦେଇଥିଲା ବକ୍ଷରୁ ଅମୃତ
ଭାଙ୍ଗିଯିବା ଶିଖି ନାହିଁ

ପିତା ମୋ ଅର୍ଜୁନ ଜ୍ୟେଷ୍ଠ ପିତା ଭୀମ
ରଣାଙ୍ଗନେ ବୀର ହସ୍ତୀ
ବକ୍ଷ ଚିରି ମୋର ରକ୍ତ ପିଇ ଦେଖ
ପାଇବ ବୀରର ଶକ୍ତି

ପୃଥ୍ୱୀ କୋଳେ ଆସି ଶସ୍ତ୍ର ଧରିଅଛ
ପୌରୁଷ କାହୁଁ ଶିଖିବ
ମା'ର ଗର୍ଭରୁ ଯୁଦ୍ଧ ଶିଖିଅଛି
ଗୁରୁ ମୋ ମାତୁଳ କେଶବ

ଲୋଡ଼ା ନାହିଁ ତୁମ ଦୟା କ୍ଷମା ସ୍ନେହ
କ୍ଷତ୍ରିୟର କର୍ମ କରିବି
ଭାବିଛକି ତୁମ ଚକ୍ରବ୍ୟୂହ ଦେଖି
କ୍ଷମା ପାଇଁ ହାତ ମେଲିବି

ପଛଘୁ । ନୁହେଁ କ୍ଷତ୍ରିୟ ର ଧର୍ମ
ରଣାଙ୍ଗନେ ଲଢ଼ି ମରିବି
ତୂଣୀର ମୋ ଆତ୍ମା ଯୁଦ୍ଧ ମୋ
ଜୀବନ
ଧନୁର୍ଦ୍ଧାରୀ କାହୁଁ ଡରିବି

ହାରିବା ଜିତିବା ମୂଲ୍ୟହୀନ ଏଠି
ସେତ ଫଳା ଫଳ ମାତ୍ର
ଯୁଦ୍ଧ ଭୂମିପରେ ଭାଗ ନେଇଥିଲି
ଏହିତ ଯୋଦ୍ଧାର ମନ୍ତ୍ର

ଜିତି ଯଦି ଯାଅ ଆଜିର ଯୁଦ୍ଧରେ
ସଂସାର ଚର୍ଚ୍ଚିବ ନାହିଁ
ତୁମ ଜୟ ଠାରୁ ମୋହ ପରାଜୟ
ଜଗତେ ଗୁଞ୍ଜିବ ଏହି

କୁନ୍ତୀ ପୁତ୍ର କର୍ଣ୍ଣ ଶଖା ଦୁର୍ଯ୍ୟୋଧନ
ଅସତ୍ୟ ର ଦ୍ୱାହି ଦେଇ
ଥାଉ ପରାକାଷ୍ଠା
ଯେତେ ବା ଯୋଗ୍ୟତା
ସତ୍ୟକୁ କି ହେବ ଲୁଚେଇ

ସପ୍ତରଥୀ ତୁମେ ଅନ୍ୟାୟ ଆଶ୍ରୟେ
କଳଙ୍କିତ ତୁମ ଅଧ୍ୟାୟ
ମାତୁଳ ମୋହର ଜଗତର ନ୍ୟନ୍ତା
ମିଳିବନି କେବେ ନ୍ୟାୟ।

+ ଚେନାଇ-୬୦୦୦୦୪
ମୋ: ୯୭୯୧୧୨୧୦୬୮



## ଓଡିଶା ଭକ୍ତି ଆନ୍ଦୋଳନରେ ଶ୍ରୀଶଙ୍କରାଚାର୍ଯ୍ୟ ଓ ଶ୍ରୀରାମାନୁଜ

**ଡକ୍ଟର ଶ୍ରୀହରି ପଣ୍ଡା**

'ଭଜସେବାୟମ' ରୁ ଭକ୍ତି ଶବ୍ଦ ଉଦ୍ଭବ ହୋଇଛି ଯାହାର ଅର୍ଥ 'ଭଗବାନଙ୍କୁ ସେବା କରିବା' । ଭକ୍ତିର ଅର୍ଥ ବିଭିନ୍ନଶାସ୍ତ୍ରରେ ଭିନ୍ନ ଭିନ୍ନ ଥିବାବେଳେ ସଂକ୍ଷେପରେ ଏହା କୁହାଯାଇପାରେ ଯେ, ଯାହା ନିତ୍ୟ ଓ ଚିରନ୍ତନ, ଯେଉଁଥିରେ କୌଣସି କାମନା ନଥାଏ, କୌଣସି ପ୍ରକାର ଫଳେଚ୍ଛା ନକରି ଭଗବାନଙ୍କଠାରେ ଐକାନ୍ତିକ ପ୍ରେମ ହିଁ ଭକ୍ତି ବୋଲି କୁହା ଯାଇପାରେ । ଆଚାର୍ଯ୍ୟଗଣ ବିଭିନ୍ନ ସମୟରେ ଭକ୍ତିର ବିଭିନ୍ନ ମାର୍ଗ ସ୍ୱ ସ୍ୱ ଦୃଷ୍ଟିକୋଣରୁ ଦେଇ ଯାଇଛନ୍ତି । ଭକ୍ତି ଆନ୍ଦୋଳନର ପରମ୍ପରାରେ ଏଗୁଡିକର ସ୍ୱତନ୍ତ୍ର ଭୂମିକା ରହିଛି । ଜଗନ୍ନାଥ ସଂସ୍କୃତି ଦେଶ ଓ ଦେଶ ବାହାରେ ତାର ପ୍ରଭାବ ବିସ୍ତାର କରିଥିବା କାରଣରୁ ବହୁ ଆଚାର୍ଯ୍ୟ ଜଗନ୍ନାଥ ଧାମକୁ ନିଜ ନିଜର ମତବାଦର ପ୍ରଚାର, ପ୍ରସାର ଓ ପରୀକ୍ଷା ଉଦ୍ଦେଶ୍ୟରେ ଆସି ଜଗନ୍ନାଥ ସଂସ୍କୃତିରେ ସମ୍ମିଳିତ ହୋଇଛନ୍ତି । ବିଭିନ୍ନ ଆଚାର୍ଯ୍ୟମାନଙ୍କର ଶ୍ରୀକ୍ଷେତ୍ରକୁ ଆଗମନ ଫଳରେ ଏଠାକାର ସାଧୁସନ୍ଥଙ୍କ ସହ ଶାସ୍ତ୍ର ଚର୍ଚ୍ଚା ହେଉଥିଲା ଏବଂ ସେମାନେ ଯେଉଁ ସିଦ୍ଧାନ୍ତରେ ଉପନୀତ ହେଉଥିଲେ ତାହାର ପ୍ରଚାର ହେଉଥିଲା । ମୋଟାମୋଟି ଭାବେ ଶ୍ରୀକ୍ଷେତ୍ର ସବୁ ଧର୍ମ ମତବାଦର ପ୍ରୟୋଗଶାଳା ଥିଲା । ସମସ୍ତ ପ୍ରଚାରକ ନିଜ ନିଜର ମତବାଦରେ ଜଗନ୍ନାଥଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇନଥିଲେ । ବରଂ ଜଗନ୍ନାଥ ସେ ସବୁ ମତବାଦର ଇଷ୍ଟ ନ ହୋଇ ଚିରଦିନ ଜଗତର ନାଥ ରୂପେ ରହିଆସିଛନ୍ତି ।

ଶ୍ରୀକ୍ଷେତ୍ରକୁ ଆସିଥିବା ବହୁ ଆଚାର୍ଯ୍ୟଙ୍କ ମଧ୍ୟରେ ଶ୍ରୀରାମାନୁଜ, ଶ୍ରୀମଧ୍ୱାଚାର୍ଯ୍ୟ ଶ୍ରୀକ୍ଷେତ୍ରକୁ ଆସି ନିଜ ସଂପ୍ରଦାୟର ଦେବତା ବୋଲି ଗ୍ରହଣ କରିନେଲେ ଏବଂ ନିଜ ମତବାଦର ପ୍ରଚାର ଓ ପ୍ରସାର କରିବା ସହ ବହୁ କାଳ ଶ୍ରୀକ୍ଷେତ୍ରେର ଅବସ୍ଥାନ କଲେ । ଏହାପରେ ଆଚାର୍ଯ୍ୟ ବିଷ୍ଣୁସ୍ୱାମୀ, ଶ୍ରୀରାମାନନ୍ଦ,ଶ୍ରୀନିମ୍ବାର୍କ,ଶ୍ରୀବଲ୍ଲଭାଚାର୍ଯ୍ୟ ଓ ଶ୍ରୀଚୈତନ୍ୟ ବୈଷ୍ଣବ ମତର ବିଭିନ୍ନ ଉପାସକ ଗଣ ଶ୍ରୀକ୍ଷେତ୍ରକୁ ଆସି ସ୍ୱକୀୟ ମତବାଦ ପ୍ରଚାର କରିବା ସହ ଏଠାକାର ଅଧିଷ୍ଠିତ ଦେବତା ଶ୍ରୀଜଗନ୍ନାଥଙ୍କୁ ସ୍ୱ ସଂପ୍ରଦାୟର ଆରାଧ୍ୟ ଦେବତା ଭାବରେ ସ୍ୱୀକାର କରିଯାଇଛନ୍ତି । ସମସ୍ତ ବୈଷ୍ଣବଚାର୍ଯ୍ୟଙ୍କ ଦ୍ୱାରା ଶ୍ରୀଜଗନ୍ନାଥ ଉପାସିତ ହୋଇଛନ୍ତି । ଏଣୁ ଏହା ନିଃସନ୍ଦେହ ଯେ ବହୁ ପ୍ରାଚୀନ କାଳରୁ ଉତ୍କଳଭୂମି ଥିଲା ନାନା ଧର୍ମ ଓ ସଂସ୍କୃତିର ମହାସଙ୍ଗମ ଓ ସମନ୍ୱୟ ସ୍ଥଳୀ । ଏଠାରେ ଅଦ୍ୱୈତବାଦ, ବିଶିଷ୍ଟା ଦ୍ୱୈତବାଦ, ଦ୍ୱୈତମତ, ଦ୍ୱୈତାଦ୍ୱୈତ ବାଦ,ଶ୍ରୀବିଷ୍ଣୁ ସ୍ୱାମୀ ମତ, ରାଗାନୁଗା ମାର୍ଗ ପ୍ରଭୃତି ବହୁ ମତବାଦର ପ୍ରଚାର ଓ ପ୍ରସାର ଘଟି ଭକ୍ତି ଆନ୍ଦୋଳନକୁ ସୁଦୃଢ଼ ଭିତ୍ତି ପ୍ରଦାନ କରିଛି । ସେହି ମତବାଦଗୁଡିକ ମଧ୍ୟରେ ଶଙ୍କରଙ୍କ ଅଦ୍ୱୈତବାଦ ଓ ରାମାନୁଜଙ୍କ ବିଶିଷ୍ଟା ଦ୍ୱୈତବାଦ ସମ୍ପର୍କରେ ସାମାନ୍ୟ ଆଲୋଚନା କରାଯାଇପାରେ ।

୧- ଅଦ୍ୱୈତବାଦ - ଶ୍ରୀ ଶଙ୍କରାଚାର୍ଯ୍ୟଙ୍କର ଦ୍ୱାରା ପ୍ରତିଷ୍ଠିତ ଏହି ମତବାଦ ବିଭିନ୍ନ ବେଦ ବିରୋଧୀ ମାର୍ଗ ଦ୍ୱାରା ତେଜହୀନ ହୋଇପଡିଥିବା ବୈଦିକ ଔପନିଷଦିକ ଧର୍ମକୁ ପୁନଃସ୍ଥାପନା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ଉପନିଷଦର ଆଧାମୃତତ୍ତ୍ୱର ଆଧାର ଉପରେ ପ୍ରତିଷ୍ଠିତ ଏହି ଅଦ୍ୱୈତବାଦର ସିଦ୍ଧାନ୍ତ ଅନୁସାରେ ସଂସାରରେ ଏକମାତ୍ର ପରମାତ୍ମାଙ୍କ ବ୍ୟତିରେକେ ଅନ୍ୟ କିଛି ସତ୍ ବସ୍ତୁ ନାହିଁ । ବ୍ରହ୍ମ ନିର୍ବିଶେଷ, ନିର୍ଗୁଣ, ନିରାକାର ବୋଲି କହିବା ସହ ସଂସାର ଅସତ୍ୟ ବୋଲି ସେ ବର୍ଣ୍ଣନା କରିଥିଲେ । ସେତେବେଳେ ଏହି ମତବାଦ ଲୋକାଦୃତ ହେବା ସହିତ ଅବୈଦିକ ସମ୍ପ୍ରଦାୟର ମତବାଦ ଲୋକଙ୍କ ଦ୍ୱାରା ପ୍ରତ୍ୟାକ୍ଷିତ ହୋଇଥିଲା । ୨- ବିଶିଷ୍ଟା ଦ୍ୱୈତବାଦ - ତାମିଲନାଡୁର ନାଥମୁନିଙ୍କ ଦ୍ୱାରା ଏହି ସିଦ୍ଧାନ୍ତ ପ୍ରଚଳିତ ହୋଇଥିଲା । ଆଠବାରରେ ପ୍ରଚଳିତ ଗୀତାକୁ ସଂଗ୍ରହ ଓ ସମ୍ପାଦନା କରି ସେ 'ନାଲୟିର ପ୍ରବନ୍ଧମ' ନାମରେ ନାମିତ କରିବା ସହ ଭକ୍ତି ପ୍ରଧାନ ବୈଷ୍ଣବ ମତକୁ ସେ ସଂଗଠନ କରିବାକୁ ପ୍ରୟାସ କରିଥିଲେ । ତାଙ୍କର ପୌତ୍ର ଯମୁନାଚାର୍ଯ୍ୟ ଏହି ମତବାଦକୁ କିଞ୍ଚିତ ଆଗେଇ ନେଇଥିବା ବେଳେ ତାଙ୍କପରେ ୧୦୧୨ ନେରୁକୁଟୁରେ ଜନ୍ମିତ ରାମାନୁଜାଚାର୍ଯ୍ୟ ଏହି ପରମ୍ପରାକୁ ସମୃଦ୍ଧ କରିଥିଲେ । ତାଙ୍କର ବ୍ୟକ୍ତିତ୍ୱ ଯୋଗୁଁ ଶ୍ରୀ ସମ୍ପ୍ରଦାୟ ଅଧିକ ଲୋକପ୍ରିୟତା ହାସଲ କଲା । ତାଙ୍କ ରଚିତ ବେଦାନ୍ତସାର, ବେଦାନ୍ତ ସଂଗ୍ରହ ଗୀତା, ବ୍ରହ୍ମସୂତ୍ରର ଭାଷ୍ୟ 'ଶ୍ରୀଭାଷ୍ୟ' ଇତ୍ୟାଦିରେ ଶଙ୍କରାଚାର୍ଯ୍ୟଙ୍କ ଅଦ୍ୱୈତବାଦର ମତବାଦକୁ ସମାଲୋଚନା କରାଯାଇଛି । ସେ ଶଙ୍କରଙ୍କ ମତକୁ ଖଣ୍ଡନ କରି କହିଥିଲେ, "ବ୍ରହ୍ମଙ୍କ ଏକତା ଅଦ୍ୱିତୀୟ ନୁହେଁ ; କିନ୍ତୁ ଏହା ଚିନ୍ମୟ ଆତ୍ମା, ତଥା ଜଡ ପ୍ରକୃତରେ ବିଶିଷ୍ଟ ।" ସେ ବ୍ରହ୍ମଙ୍କୁ ତ୍ରିଗୁଣାତ୍ମିକା ବୋଲି କହିଥିଲେ, ଯଥା ଚିତ୍ ଅର୍ଥାତ୍ ଭୋକ୍ତାଜୀବ, ଅଚିତ୍ ଅର୍ଥାତ୍ ଭୋଜ୍ୟ ଜଗତ ତଥା ଈଶ୍ୱର ଅର୍ଥାତ୍ ଅନ୍ତର୍ଯ୍ୟାମୀ ପରମେଶ୍ୱର । ବ୍ରହ୍ମ ଏହି ତିନିଗୁଣ ବିଶିଷ୍ଟ ହୋଇଥିବାରୁ ବିଶିଷ୍ଟାଦ୍ୱୈତ । ସଗୁଣ ଓ ସବିଶେଷ ବ୍ରହ୍ମ ହିଁ ଉପନିଷଦର ପ୍ରତିପାଦ୍ୟ ବିଷୟ। କାରଣ ଜଗତରେ ନିର୍ଗୁଣ ବସ୍ତୁର ପରିକଳ୍ପନା ଅସମ୍ଭବ । ତାଙ୍କ ମତରେ ଜୀବ ବ୍ରହ୍ମଙ୍କ ପ୍ରତିବିମ୍ବ ନୁହେଁ କିମ୍ବା ନିତ୍ୟ ମୁକ୍ତ ନୁହେଁ । ଜୀବ ଅଣୁ ଅର୍ଥାତ୍ କ୍ଷୁଦ୍ର ଓ ବ୍ରହ୍ମ ବିଭୁ ଅର୍ଥାତ୍ ମହାନ୍ । ଈଶ୍ୱର ଜୀବର ନିୟାମକ । ସେ ଭକ୍ତିକୁ ମୁକ୍ତିର ସାଧନ ରୂପେ ସ୍ୱୀକାର କରିବା ସହ ହୃଦୟପକ୍ଷ ଓ ବୁଦ୍ଧିପକ୍ଷ ସାମଞ୍ଜସ୍ୟ ସ୍ଥାପନ କରିଛନ୍ତି । ସ୍ମାର୍ତ୍ତଧର୍ମର ପଞ୍ଚଦେବ ପୂଜାକୁ ସେ ଅସ୍ୱୀକାର କରିବା ସହ ଏକମାତ୍ର ବିଷ୍ଣୁଙ୍କ ଉପାସନା ଉପରେ ଗୁରୁତ୍ୱ ଦେଇଛନ୍ତି । ସେ ଯାହାହେଉ ଆଧାତ୍ମିକତାସ୍ଥଳୀ ଶ୍ରୀକ୍ଷେତ୍ର ତଥା ଉଦାର ଶ୍ରୀଜଗନ୍ନାଥ ଧାମକୁ ଆଚାର୍ଯ୍ୟଗଣ ଆସି ଏଠାରେ ନିଜ ମତବାଦର ପରୀକ୍ଷା ନିରୀକ୍ଷା କରି ନିଜ ମତବାଦର ପ୍ରଚାର କରୁଥିଲେ । ଅତଏବ ଭାରତର ଧର୍ମ ଆନ୍ଦୋଳନର ପରୀକ୍ଷା କ୍ଷେତ୍ର ଥିଲା ଶ୍ରୀକ୍ଷେତ୍ର । ସମସ୍ତ ମତବାଦକୁ ନିଜ ଭିତରେ ଗ୍ରହଣ କରିନେଇ ଜଗନ୍ନାଥ ପାଲଟିଗଲେ ସର୍ବଧର୍ମ ସମନ୍ୱୟର ଦେବତା ।

॥ ଜୟ ଜଗନ୍ନାଥ ॥

+ଗୌଡ଼ଗାଁ, କପ୍ତିପଦା,
ମୟୂରଭଞ୍ଜ
ମୋ.୯୮୫୩୯୪୮୪୫୮

## ସଂକ୍ଷିପ୍ତ ରାମାୟଣ

**ଶଙ୍କର ଚରଣ ରାଉତ**

ଭାଗ -୧୪



ଶ୍ରୀ ଶଙ୍କର ଚରଣ ରାଉତ ଏକାଧାରାରେ ଜଣେ କବି ଓ ଲେଖକ । ଉତ୍କଳ ସମ୍ମିଳନି ଓ ଉତ୍ତର ଓଡ଼ିଶା ସାହିତ୍ୟ ସମ୍ମିଳନୀର ସଭ୍ୟ । ଭାଗବତଗୀତାରେ ପତ୍ର ମାଧ୍ୟମରେ ପଢ଼ି ସାର୍ଟିଫିକେଟ୍ ପାଇବାରେ ଯୋଗ୍ୟ ବ୍ୟକ୍ତି । ଧର୍ମ ବିଷୟରେ ସେ ଦଶଖଣ୍ଡ ପୁସ୍ତକ ରଚନା କରି ପରିଚିତ ହୋଇପାରିଛନ୍ତି । ରାମଚରିତ ମାନସ ଓ ଭାଗବତ ପ୍ରବଚନର ସେ ଜଣେ ପ୍ରବକ୍ତା । ଏହି ସଂକ୍ଷିପ୍ତ ରାମାୟଣକୁ ସେ ବୃହତ୍ ଆକାରରେ ବହୁ ପୂର୍ବରୁ ଲେଖିଥିଲେ । ଯାହାକି ତତ୍କାଳିନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମାନ୍ୟବର ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ଭୁବନେଶ୍ୱର ଠାରେ ଉଦ୍‌ଘାଟିତ ହୋଇଥିଲା । ବର୍ତ୍ତମାନ ସଂକ୍ଷିପ୍ତ ଆକାରରେ ତାହା ପ୍ରକାଶିତ ହେଉଛି ।

ଏହାପରେ ଗୁରୁ ବଶିଷ୍ଠ ଏବଂ ବିଶ୍ୱାମିତ୍ରଙ୍କ ପରାମର୍ଶରେ ଜନକ ଅଯୋଧ୍ୟାର ରାଜା ଦଶରଥଙ୍କ ନିକଟକୁ ସମସ୍ତ ବିଷୟ ଜଣାଇ ତାଙ୍କର ଅନ୍ୟ ଦୁଇ ପୁତ୍ର ଭରତ ଏବଂ ଶତ୍ରୁଘ୍ନ ସଙ୍ଗେ ରାଣୀ ଏବଂ ପ୍ରଜାଙ୍କୁ ନେଇ ମିଥିଳାକୁ ଆସିବା ପାଇଁ ନିମନ୍ତ୍ରଣ କଲେ।

ଦୂତଠାରୁ ସମସ୍ତ ଖବର ପାଇ ରାଜା ଦଶରଥ ସମସ୍ତଙ୍କୁ ଧରି ମିଥିଳାରେ ପହଂଚିଲେ। ଜନକ ସେମାନଙ୍କୁ ସମ୍ବର୍ଦ୍ଧିତ କରାଇବା ପରେ ଚାରି ଭାଇଙ୍କର ବିବାହ କାର୍ଯ୍ୟ ଚାଲିଲା।

ଶ୍ରୀରାମଙ୍କ ସହିତ ସୀତା-ଲକ୍ଷ୍ମଣଙ୍କ ସହ ଉର୍ମିଳା- ଭରତଙ୍କ ସହ ଜନକର ଭାଇ କୁଶଧ୍ୱଜଙ୍କ କନ୍ୟା ମାଣ୍ଡବୀ ଓ ଶତ୍ରୁଘ୍ନଙ୍କ ସହିତ ଶତ୍ରୁକୀର୍ତ୍ତିଙ୍କର ବିବାହ ସରିବା ପରେ ରାଜା ଜନକ ଦଶରଥଙ୍କୁ ବହୁ ଧନରତ୍ନ ପ୍ରଦାନ କଲେ ଏବଂ ଅଯୋଧ୍ୟାରେ ମହାଆଡ଼ମ୍ବରରେ ବିବାହ ପର କାର୍ଯ୍ୟକୁ ସମ୍ପନ୍ନ କରାଗଲା। ଏହିପରି ସାତବର୍ଷ ବିତିଗଲା।

ଦଶରଥ ଦିନେ ରାଜସଭାରେ ବସିଥିବା ବେଳେ ତାଙ୍କର ମଥାରେ ଥିବା ମୁକୁଟକୁ ଉଠାଇ ଦେଖିଲେ- ତାଙ୍କର ବାଳ ପାଚି ଯାଇଛି ଏବଂ ମୁହଁର ରଙ୍ଗ ସମ୍ପୂର୍ଣ୍ଣ ଭାବେ ବଦଳି ଯାଇଛି। ତେଣୁ ସେ ରାଜଗାଦୀରେ ରାମଚନ୍ଦ୍ରଙ୍କୁ ବସାଇବା ପାଇଁ ସ୍ଥିର କଲେ।

**ସ୍ୱର୍ଗରେ ଦେବତାମାନଙ୍କ ମଧ୍ୟରେ ଚିନ୍ତା**

ରାମଙ୍କ ରାଜାଭିଷେକ ସମାଚାର ପାଇ ସ୍ୱର୍ଗର ଦେବତାମାନଙ୍କ ମଧ୍ୟରେ ଭାଳେଣି ପଡିଲା। ଲଂକାର ରାବଣ ଯୋଗୁଁ ସମସ୍ତ ଦେବତାମାନେ ଏବଂ ପୃଥିବୀର ଲୋକମାନେ ତାର ଅତ୍ୟାଚାର ଯୋଗୁଁ ଅତିଷ୍ଠ ହୋଇଯାଇଛନ୍ତି। ୧୪ ବର୍ଷପରେ ରାବଣର ମୃତ୍ୟୁ ପଣିବ ରାଶି ଅନୁସାରେ। ଶ୍ରୀରାମଙ୍କର ଜୀବନରେ ଆଜିଠାରୁ ବିପଦ ପଡିଲା ଏବଂ ସେ ବନବାସ ଯିବାର ବିଷୟ ତାଙ୍କ ଭାଗ୍ୟରେ ଅଛି। ବର୍ତ୍ତମାନ ଶ୍ରୀରାମ ରାଜା ହୋଇଗଲେ ଦେଶ ଉପରେ ପ୍ରଭାବ କଣ ପଡିବ? ବ୍ରହ୍ମା କହିଲେ ଏହା କେବଳ କୈକେୟୀ ଏବଂ ତାଙ୍କ ଦାସୀ ମନ୍ଥରା ଦ୍ୱାରା ସମ୍ପନ୍ନ ହୋଇପାରିବ। କୈକେୟୀ ପ୍ରଥମେ ଶ୍ରୀରାମଙ୍କ ରାଜ୍ୟର ରାଜା ହେବା ଶୁଣି ଭାରି ଆନନ୍ଦିତ ହୋଇଯାଇଥିଲେ। ତେଣୁ, ଦେବତା ମାନେ ସରସ୍ୱତୀଙ୍କୁ ମନ୍ଥରା ନିକଟକୁ ପଠାଇ ତାକୁ ପ୍ରଥମେ ବିଭ୍ରାଟ କରିବାରୁ ସେ କୈକେୟୀଙ୍କ ନିକଟକୁ ଯାଇ (ସରସ୍ୱତୀ ମଧ କୈକେୟୀଙ୍କ ମଥାରେ ପ୍ରବେଶ କଲେ।) ପ୍ରଥମେ ମନ୍ଥରା ଠାରୁ କୈକେୟୀ ଜାଣିଲେ ରାମ ଯଦି ରାଜା ହୋଇଯାନ୍ତି ତା ହେଲେ ତାଙ୍କ ପୁଅ ଭରତ ଆଉ ରାଜା ହୋଇପାରିବନି। ତେଣୁ ତୁମେ ଦଶରଥଙ୍କୁ ଦୁଇ ବର ଯାହା ପୂର୍ବରୁ ପାଇଥିଲ, ସେହି ଦୁଇ ବରରୁ- ପ୍ରଥମରେ ରାମଚନ୍ଦ୍ର ବନକୁ ଯାଆନ୍ତୁ ଓ ଦ୍ୱିତୀୟ ବରରେ ଭରତ ୧୪ ବର୍ଷ ରାଜ୍ୟରେ ରାଜା ହେବେ-ଏହି ବର ମାଗ। କୈକେୟୀ ଏହି କଥା ଚିନ୍ତାକରି କିପରି ଦଶରଥଙ୍କ ଠାରୁ ଏହି ଦୁଇ ବର ପାଇବେ ଏହା ଚିନ୍ତାକରି କୋପ ଭବନରେ ଯାଇ ଶୋଇଲେ ।

ଏହାପରେ ରାଜା ଦଶରଥ ରାମ ଯେ ରାଜା ହେବେ ଏହି ବିଷୟ ତାଙ୍କର ପ୍ରିୟ ରାଣୀ କୈକେୟୀଙ୍କ ନିକଟକୁ ଯାଇ ଶୁଣିଲେ ସେ କୋପ ଭବନରେ ଶୋଇଛନ୍ତି । ତେଣୁ ଦଶରଥ କୋପ ଭବନକୁ ଯାଇ କୈକେୟୀଙ୍କୁ ନାନା କଷ୍ଟରେ ତାଙ୍କୁ ଉଠାଇ ତାଙ୍କର କୋପ ଭବନରେ ଶୋଇବାର କାରଣ ପଚାରିଲେ। ତା'ପରେ କୈକେୟୀ କହିଲେ ତୁମେ ମୋତେ ଦୁଇଟି ବର ଦେବ ବୋଲି କହିଥିଲ । ବର୍ତ୍ତମାନ ସତ୍ୟକର ସେହି ବର ଦୁଇଟି ମୋତେ ଦେବ। ରାଜା ସତ୍ୟ କରିବାରୁ କୈକେୟୀ କହିଲେ ପ୍ରଥମ ବରରେ ରାମ ୧୪ ବର୍ଷ ବନବାସ ଯିବେ ଦ୍ୱିତୀୟ ବରରେ ଭରତ ୧୪ ବର୍ଷ ରାଜା ହେବେ।

(କ୍ରମଶଃ)

+ମଣ୍ଡଗାଁ, ବରୁଣସିଂ,
ବାଲେଶ୍ୱର

## ରାଜ୍ୟର ମୁଖିଆ ପୁଣି ବାଲେଶ୍ୱରକୁ ଅଣଦେଖା କଲେ

**ସୁବ୍ରତ କର**



ଗତ ୭-୮ ଦିନ ତଳେ ରାଜ୍ୟରେ ମୁଖିଆ ଦୁଇଟି କୋଭିଡ୍ ହସ୍ପିଟାଲ ପାଇଁ ଦୁଇଟି ଭଲ ପଦକ୍ଷେପ ନେଲେ ଏବଂ ଏହାକୁ ରାଜ୍ୟବାସୀ ସ୍ୱାଗତ କରିବା କଥା। ବଢ଼ିଆ ହେଲା ଅନ୍ୟ ରାଜ୍ୟରେ ଅମ୍ଳଜାନ ପାଇଁ ଲୋକେ ମରୁଥିବାବେଳେ, ଆମ ରାଜ୍ୟର ମୁଖିଆ ବିଭିନ୍ନ ପ୍ରଦେଶକୁ ଅମ୍ଳଜାନ ଯୋଗାଇ ଦେଇ କାମରେ ଦେଖେଇଦେଲେ ଏବଂ ଶହ ଶହ ଲୋକଙ୍କର ଜୀବନ ବଂଚାଇବାରେ ସାହାଯ୍ୟ କଲେ। ଏବେ ଆସିବା ଆମ ମୁଖିଆ ଆମ ଜିଲ୍ଲାକୁ କାହିଁକି ବାରମ୍ବାର ଅଣଦେଖା କରୁଛନ୍ତି? ବାଇ ଇଲେକସନ ପୂର୍ବରୁ କହିଆସିଥିଲେ ବାଲେଶ୍ୱର ଜିଲ୍ଲାର ଦାୟିତ୍ୱ ତାଙ୍କର, କିନ୍ତୁ ଇଲେକସନ ହେବାର ୨-୪ ମାସ ହୋଇଗଲାଣି ସେମିତି କିଛି ଆଖିଦୃଶିଆ କରିପାରିନାହାଁନ୍ତି। ଅଳ୍ପଦିନ ତଳେ ମୁଖ୍ୟ ସଚିବ ଏବଂ ୫ଟି ସଚିବ ବାଲେଶ୍ୱରକୁ ୨ ଘଂଟା (ସକାଳ ୭ଟାରୁ ଦିନ ୯ଟା ପର୍ଯ୍ୟନ୍ତ) ହେଲିକେପଟରେ ୩-୪ଟା ଜାଗା ଦେଖି ଭୁବନେଶ୍ୱର ଫେରି ଯାଇଥିଲେ ଏବଂ ଯାହା ଶୁଣିବାକୁ ମିଳିଥିଲା ୨-୩ କୋଟିର ପ୍ରଜେକ୍ଟ କାମ ହେବ। ଅନ୍ୟ ଜିଲ୍ଲାମାନଙ୍କୁ ଶହ ଶହ କୋଟି ଟଙ୍କା ଦିଆ ହୋଇପାରୁଛି କିନ୍ତୁ ବାଲେଶ୍ୱର ବେଳକୁ ୨-୩ କୋଟି। ଏହା କିନ୍ତୁ ବାଲେଶ୍ୱର ବାସିଙ୍କ ପାଇଁ ଲଜ୍ଜାର ବିଷୟ ଏବଂ ତାହାଠୁ ବେଶି ବାଲେଶ୍ୱରରୁ ଭୋଟ ପାଇଥିବା ଜନ ପ୍ରତିନିଧି ମାନଙ୍କ ପାଇଁ ଏବଂ ଦଳୀୟ ନେତା ପାଇଁ। ଏବେ ଆସିବା ମୂଳ କଥାକୁ ଯେ କିଛି ଜିଲ୍ଲାକୁ ଅମ୍ଳଜାନ ସେଂଟର କରିବା ପାଇଁ ସ୍ଥିର କରାହେଲା। କିନ୍ତୁ ସେ ଜିଲ୍ଲାମାନଙ୍କ ମଧ୍ୟରେ ବାଲେଶ୍ୱରର ସ୍ଥାନ ନାହିଁ। ଦୁଃଖର କଥା ହେଲା ଏହି ପ୍ଲାଟଗୁଡ଼ିକ ଡି.ଆର.ଡି.ଓ ତରଫରୁ ହେବା କଥା ଏବଂ ବାଲେଶ୍ୱରର ଚାନ୍ଦିପୁରଠାରେ ଡିଆରଡିଓର ସେଂଟର ଅଛି ଏବଂ ଏହାର ଦାୟିତ୍ୱରେ ଜଣେ ଡାଇରେକ୍ଟର ଯାହାର ଭଲ ପଦସ୍ଥ ଅଫିସର ଅଛନ୍ତି। କିନ୍ତୁ ବାଲେଶ୍ୱର ପାଇଁ କିଛି ହୋଇପାରିଲା ନାହିଁ। ଏବେ ବି ସମୟ ଅଛି ମୋର ଜାଣିବାରେ ଭାରତ ସରକାର ଓଡ଼ିଶାର ୨୧ ଜିଲ୍ଲାରେ ହୋବାପାଇଁ ସ୍ଥିର କରିଛନ୍ତି କିନ୍ତୁ ଏଥିରେ ବାଲେଶ୍ୱର ସ୍ଥାନ ପାଇଲା ନାହିଁ। ଦ୍ୱିତୀୟଟି ହେଉଛି ଯଦି ବି ବାଲେଶ୍ୱର ପରେ ବର୍ଷେ ତଳେ ଆରଟିପିସିଆର ଦ୍ୱାରା ରକ୍ତ ପରୀକ୍ଷା କରାହେଲା ପଜେଟିଭ୍ ନେଗେଟିଭକ ଜାଣି ହେଉଛି କିନ୍ତୁ ପୁଣି ଦୁଇଥର କଥା ଏହାର ପରୀକ୍ଷା ମୂଳ ଡାକ୍ତରଖାନାଠାରେ ନ ହୋଇ ରେମୁଣାଠାରେ ଥିବା ମେଡିକାଲ କଲେଜର ମାଇକ୍ରୋବାଇଲଜି ବିଭାଗରେ ହେଉଛି। ବାଲେଶ୍ୱରର ଏ ବିଷୟରେ ବହୁତ ଲୋକଙ୍କୁ ଜଣାନାହିଁ ଏବଂ ଲୋକେ ସଚେତନ ନହୋଇ ଟେଷ୍ଟ ପାଇଁ ଭୁବନେଶ୍ୱର ପଠାଉଛନ୍ତି। ଏହାକୁ ଯଥାଶୀଘ୍ର ଲୋକଙ୍କ ପାଖରେ ପହଂଚା କରାଇବା ଚେଷ୍ଟା ହେବା ଦରକାର। ଏଇଠି ପ୍ରଶ୍ନ ହେଉଛି ଏସବୁ ବିଷୟରେ ମୁଖିଆଙ୍କୁ କହିବ କିଏ। ମୋ ଜାଣିବାରେ ଜିଲ୍ଲାରେ ଏମିତି ନେତା ନାହାନ୍ତି ଏ ସବୁ ଯୁକ୍ତଯୁକ୍ତ ପ୍ରସଙ୍ଗ ଉଠାଇ ମୁଖିଆଙ୍କ ସମ୍ମୁଖୀନ ହେବାର ତାକତ୍ ଅଛି। ତଥାପି ଚେଷ୍ଟା ରଖିବାରେ ଭୁଲ୍ କେଉଁଠି?

## କବିତା କୋଣାର୍କ

### କୋଭିଡ୍-୧୯...

**ନିରଞ୍ଜନ ସାହୁ**

କେଉଁ ଅଦୃଷ୍ଟ ଶକ୍ତିର
ନିର୍ଦ୍ଦେଶରେ
ଆସିଛି କି ତୁମେ
ବିଚିତ୍ର ଭୂତାଣୁ ରୂପରେ
ପୃଥିବୀ ପୃଷ୍ଠକୁ
ଭୀଷଣ କ୍ରୋଧରେ
ରଚିବାକୁ ମୃତ୍ୟୁର ବିଭୀଷିକା
ଦେଇ ଅକଥନୀୟ ଦୁଖ, ଯଂତ୍ରଣା
ଭୟ, ଅବସାଦ।

ତୁମରି କଷଣରେ
ଚାରିଆଡେ ଅଭାବନୀୟ ଚିତ୍ର,
ତାଲାବଂଦ,ମଣିଷ ଆଜି
ଅଣନିଶ୍ୱାସୀ, ଗୃହବନ୍ଦୀ,
ଓ ଅନ୍ୟାନ୍ୟ ସମସ୍ୟ-
ମାସ୍କ ପରିଧାନ,
ସାନିଟାଇଜ,ଦୂରାବସ୍ଥାନ
ଜୀବନ, ଜୀବିକା, ଜୀବନ ଶୈଳୀ
ସବୁ ଛିନ୍ ଭିନ୍।

ଯାହାକୁ ଯେତେବେଳେ
ପାରୁଛ ସାଉଁଣି ନେଉଛ
ଡାକ୍ତରଖାନାରେ ଦୁଖଦ,
ଭୟାନକ ଦୃଶ?
ଜଣକର ଅଂତିମ ସମୟରେ
ପ୍ରିୟ ପରିଜନ ଦେଖିବାକୁ
ବଂଚିତ ହୁଅନ୍ତି,
ମୃତ ବାପ ମାଆଂକ ପାଖରେ
ଶିଶୁଟିଏ କାଂଦୁଛି,
ତାକୁ ସଂଖୋଳିବାକୁ କେହି ନାହାଁନ୍ତି
ସମାଜସେବୀ,
ସଫେଇ କର୍ମଚାରୀ ବୁହଂତି
କରୋନା ସଂକ୍ରମିତ ମଲା ଶରୀର
ଶ୍ମଶାନରେ ବିଛେଇ
ହୋଇ ପଡିଛି ଶବ
ଅହରହ ଜଳୁଅଛି ଜୁଇ ନିଆଁ ,
ଘଂଟା ଘଂଟା ଅପେକ୍ଷା
କରିବାକୁ ପଡେ
ପୋଡି ବାକୁ ମଣିଷର ଶବ।

ମଣିଷର ବୁଦ୍ଧି ,
ଉଠିବାର ଶକ୍ତି ଉପରେ
କରୁଛ ପ୍ରଚଂଡ ପ୍ରହାର ,
ମନେ ହେଉଛି ସତେ କି
ଅଂଧାର ଭିତରକୁ
ଚାଲି ଯାଉଛି,ସଭ୍ୟତା
ଅନୁଷ୍ଠାନ, ମଣିଷ ସମାଜ।

ମହାମାରୀ- ତମେ ରହସ୍ୟ ମୟ
ହେଲେ ବି
କଳାବାଦଲରେ ଲୁଚି ଥିବା
ସୂର୍ଯ୍ୟ ଦିନେ ବାହାରି ଆସି
ଦେଖାଇବ ନୂତନ ରାସ୍ତା
ସୃଷ୍ଟିର ନିୟମରେ
ଅଂଧାର ପରେ
ଆଲୋକ ଆସିବ।

+କେ-୭-୬୪୧, କଳିଙ୍ଗନଗର,
ପୋ.ଅ-ଘାଟିକିଆ
ଭୁବନେଶ୍ୱର-୨୯
ଦୂରଭାଷ-୮୮୯୫୧୭୬୮୬୪

### ମୌସୁମୀ...

**ଶରତ ଚନ୍ଦ୍ର ଜାଲି**

ମୌସୁମୀର ଆଦ୍ୟ ସ୍ୱରଶ ଲଭିଣ
ହସୁଛି ସବୁଜ ଧରା
ଶୀତଳ ସମୀର ସଂଜିବନୀ ଭରେ
ତେଜହୀନ ହୁଏ ଖରା ।

ଗଗନମଣ୍ଡଳେ ଭାସିଭାସି ଯାଏ
କଳାକଳା ମେଘଖଣ୍ଡ
ସମୟ ସୁଯୋଗ ଖୋଜୁଛି ଆଷାଢ
ଚାହିଁଛି ସାରା ବ୍ରହ୍ମାଣ୍ଡ ।

ଢାଳିଦିଅ ଢାଳିଦିଅ ହେ ମୌସୁମୀ
ଅଜସ୍ର ସଲୀଳ ବିନ୍ଦୁ
ଉତ୍ ଫୁଲି ଉଠନ୍ତୁ କାନନ,କେଦାର
ନଈ, ନାଳ, ହ୍ରଦ, ସିନ୍ଧୁ ।

ତୁମ ଆଗମନେ ସବୁରି ପରାଣେ
ଅଙ୍କୁରିତ ପ୍ରାଣସ ।
ଶୁଷ୍କ ପାଦପରେ ଶୁଷ୍କ ମୃ କାରେ
ପ୍ରକୃତି କହୁଛି କଥା ।

ବେଙ୍ଗବେଙ୍ଗୁଲୀର ଶୁଭୁଛି ସଙ୍ଗୀତ
କେଁ କଟର ସେ ରାବ
ଅଭିନବ ଅଭିନନ୍ଦନ ଜଣାନ୍ତି
କିଏ ବୁଝିବ ସେ ଭାବ ।

ଲାଗୁଛି ପୃଥିବୀ ସୁନ୍ଦରୀ ତରୁଣୀ
ନବୀନ ଯୌବନା ପରୀ
ତୁମେ ମୌସୁମୀଗୋ ନାଚ ଝୁମିଝୁମି
ଖୁସିରେ ନ କୀ ପରି ।

ଖୁସିର ଲହରୀ ପ୍ରବାହିତ ହେଉ
ଟିପିଟିପି ବରଷାରେ
ପ୍ରତୀକ୍ଷିତ ମନେ ମୁକୁଳା ସପନେ
ଚାହିଁଥିଲୁ ଭରସାରେ ।

ଯନ୍ତ୍ରଣା ମନ୍ତ୍ରଣା ଅପସରି ଯାଉ
ଫୁଟୁ ଆଶାର କଳିକା
ବିକଶିତ ହେଉ ଜୀବନ ଜୀବିକା
ମୌସୁମୀ ନହୁଅ ଫିକା ।

+ଶିକ୍ଷକ, ପଥରା,ଗଂଜାମ,
ଖଲ୍ଲିକୋଟ
ମୋ-୭୮୭୩୯୧୭୬୫୧

ଆଜିର ଗଳ୍ପ



ଲଳିତ ମୋହନ ମିଶ୍ର

# ପ୍ରତିବଦ୍ଧତା



ବ୍ରହ୍ମପୁର ମେଡିକାଲରେ ହଠାତ୍ ସେଦିନ ଦେଖା ହୋଇଗଲା । ସେହି ଗୌର ବର୍ଣ୍ଣ ଚେହେରା । ବୟସର ସାୟାହ୍ନରେ ଶରୀର ଅବସ ହୋଇଯାଇଛି । ମୁଖ ମଣ୍ଡଳରେ ଆଉ ସେହି ଜ୍ୟୋତି ନାହିଁ । ଧୋବ ଫରଫର ଧୋତି ଏବଂ ଧଳା ହାପ୍ ପଞ୍ଜାବି ଖଣ୍ଡିକ ସେତେବେଳର ପରି ଦେହରେ ଲାଗି ରହିଛି । ସେଇ ଗୋଲ ଚଷମା, ପାଦରେ ସେଇ ବାଟା ଚପଲ । ଯାହା ଖାଲି ଚୁଟି ଗଣ୍ଡିକ ଟିକେ ବେଶୀ ଧଳା ଦିଶୁଚି, ଚଷମାର କାଚଟା ବି ଟିକେ ମୋଟା ମୋଟା ଦିଶୁଛି । ଆଉ କିଛି ବି ବଦଳିନି । ସେତେବେଳେର ପ୍ରସନ୍ନତା କିନ୍ତୁ ଏବେ ଆଉ ମୁଖମଣ୍ଡଳରେ ନାହିଁ । ବୟସର ସାୟାହ୍ନ ସହିତ ପାରିପାର୍ଶ୍ୱିକ ଅବସ୍ଥା ଯୋଗୁଁ ମନ ଅବସ ହୋଇ ଗଲାଣି । ଯେଉଁ ସାର୍‌ଙ୍କୁ ଦେଖି ଦିନେ ଲୁଚିବାକୁ ପଡୁଥିଲା । ଆଜି ତାଙ୍କର ପାଖକୁ ଯାଇ ଭକ୍ତିପୂତ ପ୍ରଣାମ ଜଣାଇବା ପାଇଁ ମନ ବ୍ୟାକୁଳିତ ହେଲା ।

ମନରେ ସେହି ପିଲାବେଳର ଭୟ ଆଜି ପର୍ଯ୍ୟନ୍ତ ଛାଡିପାରି ନାହିଁ । କିଏ ବା କେମିତି ସେ ଭୟ ଛାଡିବ ଯେ... ହିନ୍ଦୀ ସାରେ ଆସି ଗଲେରେ.... ବୋଲି କହିଦେଲେ । ଦେହରୁ ଥଣ୍ଡା ଦିନରେ ବି ଗମ୍ ଗମ୍ ଝାଳ ବୋହିପଡେ । ଶ୍ରେଣୀକୁ ପ୍ରବେଶ କଲା ମାତ୍ରକେ ତାଙ୍କର - ୟୁରିଆ ସାର ବସ୍ତାରେ ତିଆରି ହୋଇଥିବା ଜରି ବ୍ୟାଗ୍‌ରୁ ସେହି ବେତ ବାଡି ଖଣ୍ଡିକ ଆଛା ଆଛା ଛାତ୍ରଙ୍କୁ ମଣିଷ କରିବାରେ ସହାୟକ ହୋଇଛି । ଯିଏ ସେ ବେତରୁ ମାଡ ଖାଇନି ଜାଣ... ସେ ସେ ଉ ମ ମଣିଷ ହୋଇପାରି ନାହିଁ ।

ସେ ସିନା ହିନ୍ଦୀ ଶିକ୍ଷକ ପୋଷ୍ଟରେ ଥାନ୍ତି କିନ୍ତୁ ସବୁ ବିଷୟ ପଢ଼ାଇବାରେ ଧୂରୀଣ । ନିଜ ସ୍ୱାଭିମାନର ଏକ ସ୍ୱତନ୍ତ୍ର ପରିଚୟ ସେ ସୃଷ୍ଟି କରିଥାନ୍ତି । ଅନ୍ୟ ଶିକ୍ଷକମାନଙ୍କ ତୁଳନାରେ ହିନ୍ଦୀ ସାର୍‌ଙ୍କ ବ୍ୟକ୍ତିତ୍ୱ ସ୍ୱତନ୍ତ୍ର । ଛାତ୍ରଛାତ୍ରୀ ମାନେ ସିନା ପଢାରେ ଭୟ କରନ୍ତି । କିନ୍ତୁ ବକ୍ତୃତା ପ୍ରଦାନକାରୀ, ସାଧାରଣ ଜ୍ଞାନ ଅନ୍ୟାନ୍ୟ ପ୍ରତିଯୋଗିତାରେ ଛାତ୍ରଛାତ୍ରୀ ମାନଙ୍କୁ ଅଂଶ ଗ୍ରହଣ କରିବାର ସୁଯୋଗ ସୃଷ୍ଟି କରନ୍ତି । ଛାତ୍ର ଛାତ୍ରୀ ମାନେ ବ୍ଲକ୍‌ସ୍ତରୀୟ ଜିଲ୍ଲାସ୍ତରୀୟ ଏବଂ ରାଜ୍ୟ ସ୍ତରୀୟରେ କୃତିତ୍ୱ ଅର୍ଜନ କରି ନିଜର ତଥା ବିଦ୍ୟାଳୟର ସୁନାମ ଅର୍ଜନ କରିଅଛନ୍ତି । ବିଦ୍ୟାଳୟରେ କେଉଁ ଶ୍ରେଣୀ ଯଦି ଫାଙ୍କା ଅଛି ବା କେଉଁ ଶ୍ରେଣୀରେ ଶିକ୍ଷକ ନାହାଁନ୍ତି ସେ ସେହି ସମୟରେ ସେହି ଶ୍ରେଣୀକୁ ଯାଇ ପାଠ ପଢାନ୍ତି ।

ସମାଜ ଗଠନ ଦିଗରେ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରଖିଥାନ୍ତି । ସେ ସେହି ପାହାଡ ପର୍ବତ ଘେରା ଅ ଳରେ ନିରବଚ୍ଛିନ୍ନ ଭାବେ ଶିକ୍ଷା ବା ି ନିଜର ଭିନ୍ନ ପରିଚୟ ସୃଷ୍ଟି କରିପାରିଛନ୍ତି । ଅବସରପ୍ରାପ୍ତ ଶିକ୍ଷକ ହେଲେ ମଧ୍ୟ ଶିକ୍ଷାର ଗୁରୁତ୍ୱ ଏବେ ମଧ୍ୟ ବହନ କରିଛନ୍ତି । ମଣିଷ ଗଢିବା ନିଶାରେ ଦେଶ ସ୍ୱାଧୀନତା ପରେ ଜନ୍ମ ନେଇଥିବା ହିନ୍ଦୀ ସାରେ ଶିକ୍ଷା ଦାନକୁ ଏକ ନିଶା ଭାବେ ଗ୍ରହଣ କରି ନେଇଛନ୍ତି । ଏବେ ବି ତାଙ୍କ ପୋଷାକ ପରିଚ୍ଛଦରୁ ତାଙ୍କର ବ୍ ି ସମ୍ପର୍କରେ ସୂଚନା ମିଳିଯାଏ । ଧୋତି ପାଇଜାମା ସହ କାନ୍ଧରେ ଗାମୁଛା ହାତରେ ଛତା ହିଁ ସାର୍‌ଙ୍କ ଏକ ସ୍ୱତନ୍ତ୍ର ପରିଚୟ ।

ଲୋକେ ଶ୍ରଦ୍ଧାରେ ହିନ୍ଦୀ ଆଜ୍ଞା ବୋଲି କୁହନ୍ତି, ତାଙ୍କର ପ୍ରକୃତ ନାମ ଶ୍ରୀ ନରହରି ଷଡଙ୍ଗୀ । ଶିକ୍ଷାଗତ ଯୋଗ୍ୟତା କହିଲେ ଆଇ. ଏ ସହିତ ହିନ୍ଦୀ କୋବିଦ ପାସ୍ । ପାହାଡିଆ ଇଲାକାର ପିଲାଙ୍କୁ ପାଠ ପଢ଼ାଇ ମଣିଷ କରିବାକୁ ସେ ଗଞ୍ଜାମ ଜିଲାର ଏକ ପଲ୍ଲୀ ଗାଁରୁ ଗୋଡ କାଢ଼ିଥିବା ଏହି ବିନ୍ଧାଣୀ ଆଜି ପର୍ଯ୍ୟନ୍ତ ନିଜ ଗାଁକୁ ଆଉ ଫେରି ନାହାନ୍ତି । ତାଙ୍କ ଦ୍ୱାରା ଅନେକ ଛାତ୍ରଛାତ୍ରୀ ସୃଷ୍ଟି ହୋଇଛନ୍ତି ଏବଂ ଅନେକ ଶିକ୍ଷାନୁଷ୍ଠାନ ଗଢ଼ି ଉଠିଛି । ନିଜେ ପାଇଥିବା ଶିକ୍ଷାକୁ ଅନ୍ୟକୁ ଜୀବନ ସାରା ବା ିଛନ୍ତି । ତାଙ୍କ ହାତରୁ ବେତ ମାଡ଼ ଖାଇଥିବା ଛାତ୍ର ଆଜି ଦେଶବିଦେଶକୁ ଯାଇ ସୁନାମ ଅର୍ଜନ କରି ପାରିଛି । ନିଜର ଆଦର୍ଶ ଶିକ୍ଷା ବଳରେ ଅନେକ ଆଇ. ଏସ୍, ଓ. ଏସ୍, ଇଞ୍ଜିନିୟର, ଡାକ୍ତର ସୃଷ୍ଟି କରିପାରିଛନ୍ତି ।

ଛାତ୍ରମାନଙ୍କ ସହ ଅଭିଭାବକଙ୍କୁ ସାଥିରେ ନେଇ ଚାଲିଲେ ଶିକ୍ଷାରେ ସଂସ୍କାର ଆସି ପାରିବ ବୋଲି ସେ କହନ୍ତି । ପରିବାରର ମହିଳାଙ୍କ ଉପରେ ନିଜ ସନ୍ତାନର ଶିକ୍ଷା ଦାୟିତ୍ୱ ଦିଆଗଲେ ସମାଜରୁ ଭେଦଭାବ, କୁସଂସ୍କାର ଓ ଅନ୍ଧବିଶ୍ୱାସ ଦୂର ହୋଇପାରିବ ବୋଲି ସେ ମତ ପୋଷଣ କରନ୍ତି । ଶିକ୍ଷକମାନେ ଅନୁଶାସନରେ ରହିଲେ ପିଲାମାନେ ଏଥିରେ ପ୍ରଭାବିତ ହେବେ ବୋଲି ମଧ୍ୟ କୁହନ୍ତି । ଶିକ୍ଷକ ସମୟାନୁବ ୀ ହେଲେ ଛାତ୍ରଛାତ୍ରୀ ଶିକ୍ଷା ଦିଗକୁ ମୁହାଁଇ ପାରିବେ ବୋଲି କୁହନ୍ତି । ହିନ୍ଦୀ ଶିକ୍ଷାର ବିକାଶ ତଥା ସମଗ୍ର ଶିକ୍ଷାର ବିକାଶ ଦିଗରେ ଅହରହ ଚିନ୍ତାକରି ବିଭିନ୍ନ ପତ୍ରପତ୍ରିକାରେ ଲେଖାଲେଖି ଜାରି ରଖିଥିଲେ । ତାଙ୍କୁ ସିନା ସମସ୍ତେ ହିନ୍ଦୀ ସାର୍ ଡାକନ୍ତି । ଏବେ ବୟସର ସାୟାହ୍ନରେ ପହ ିଥିବା ବେଳେ ପୁରୁଣା କଥା ସବୁ ଅଳ୍ପ ଅଳ୍ପ ଭୁଲି ଗଲେଣି ବୋଲି କହନ୍ତି । ସ୍ୱାସ୍ଥ୍ୟଗତ ସମସ୍ୟା ବାଧକ ହୋଇ ଠିଆ ହୋଇଥିବା ସେ ଜଣାଇଛନ୍ତି ।

ନିଜ ପତ୍ନୀଙ୍କ ସହ ଗ୍ରାମ ପ ାୟତର ପାଖରେ ଯାଗା କିଣି ଘର ଦୁଇ ବଖରା କରିଛନ୍ତି । ନିଜର ବାକି ଜୀବନ ସେଠାରେ କାଟିବାକୁ ସ୍ଥିର କରିଛନ୍ତି । ନିଜର ପୁଅ ଝିଅ ବୋଲି କିଛି ନାହିଁ । ଜୀବନ ସାରା ସଂସାରର ପିଲାମାନଙ୍କୁ ନିଜର ପୁଅ ଝିଅ କରିଛନ୍ତି ।

ସ୍ୱଭାବରେ ଭାରି ସ୍ୱାଭିମାନୀ ଓ ଉଚ୍ଚାଭିଳାଷୀ । ତାଙ୍କର ସ୍ୱପ୍ନ ହେଲା ଓଡିଶା ପିଲା ଦେଶ ବିଦେଶରେ ନାଁ କରନ୍ତୁ । ତେଣୁ ସେ ତାଙ୍କ ଛାତ୍ର ମାନଙ୍କୁ ଭଲ ପାଠ ପଢିବା ପାଇଁ ଓ ଭଲ ମଣିଷ ହେବା ପାଇଁ ପ୍ରବ ାଇ ଥାଆନ୍ତି । ବହୁତ ପିଲାଙ୍କୁ ବଡ଼ ମଣିଷ କରିବାରେ ତାଙ୍କର ଅବଦାନ ରହିଛି । ସେ ମଧ୍ୟ ଦେଶ ବିଦେଶରେ ଉଚ୍ଚପଦବୀରେ ଥିବା ଓଡ଼ିଆ ପିଲାଙ୍କୁ ଦେଖିଲେ ଖୁବ୍ ଗର୍ବ ଅନୁଭବ କରନ୍ତି । ସ୍କୁଲରେ ପଢୁଥିବା ବେଳେ ସିନା ସେ ଗଧ ପିଲାଙ୍କୁ ତାଙ୍କ ଉ ମ ମଧ୍ୟମ ରେ ଅତିଷ୍ଠ କରିଦେଉଥିଲେ କିନ୍ତୁ ପିଲା ସ୍କୁଲ ଛାଡିବା ପରେ ରାସ୍ତାରେ ଦେଖାହେଲେ ସେ ସବୁ ପୁରୁଣା ଛାତ୍ରଙ୍କୁ ଗୋଟିଏ ନଜରରେ ଦେଖୁଥିଲେ ।

ଜୀବନର ପ୍ରତିଟି ମୁହୂ ିକୁ ତ୍ୟାଗ ଓ ବଳିଦାନ ଦେଇ ମଣିଷ ସୃଷ୍ଟି କରୁଥିଲେ ଏବଂ ଉ ମ ଛାତ୍ର । ସୁଖ ଓ ସମ୍ମାନର ସହିତ ବ ିବାର କୌଶଳ ଅନ୍ୟ ମାନଙ୍କୁ ବା ୁଥିଲେ । ଜୀବନକାଳ ଭିତରେ ନିଜର ଗୋଟିଏ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ସେ ଅନ୍ୟ ମାନଙ୍କ ପାଇଁ ଉଦାହରଣ ହୋଇଥିଲେ ଏବଂ ସମସ୍ତଙ୍କର ପ୍ରିୟପାତ୍ର ହୋଇଥିଲେ । ବନ୍ଧୁମାନେ ତାଙ୍କୁ ଆଲିଙ୍ଗନ କରିବାକୁ ଶ୍ରଦ୍ଧା ଓ ଆଗ୍ରହ ରଖୁଥିଲେ । ଛାତ୍ରଛାତ୍ରୀମାନେ ତାଙ୍କ ଚରଣ ସ୍ପର୍ଶ କରିବାକୁ ପ୍ରତିଯୋଗିତା କରୁଥିଲେ । ତାଙ୍କଠାରୁ ଆଶୀର୍ବାଦ ମାଗି ନେବାକୁ ସୌଭାଗ୍ୟ ମଣୁଥିଲେ ।

ଏଭଳି ବ୍ୟକ୍ତିତ୍ୱର ଅଧିକାରୀଙ୍କୁ ମେଡିକାଲରେ ଦେଖି ବିଗଳିତ ହୋଇ ଯାଇଥିଲି । ପାଖକୁ ଯାଇ ଚରଣସ୍ପର୍ଶ କରିବା ମାତ୍ରେ ମୋଟା ଚଷମାରେ ଟିକେ ଦୋ ଦୋ ଚିହ୍ନା ହେଲେ । ପରିଚୟ ଦେବାରୁ କହିଲେ - ଆରେ ତୁ ସେଇ ତୁରୁତୁରିଆ ମିଟୁ... । ଅଳ୍ପ ସମୟ ଭିତରେ ମୋର ସମସ୍ତ ସୁଖ ଦୁଃଖ ପିଲାପିଲି ବାପା ମା' ସମସ୍ତ କଥା ପଚାରି ଗଲେ କିନ୍ତୁ ନିଜେ ଏଠାରେ କାହିଁକି ସେ କଥା କହିଲେ ନାହିଁ । ପଚାରିଲି ସାର୍ ଆପଣ ଏଠାରେ କେମିତି ? କହିଲେ ଗୁରୁ ମାଆର ସ୍ୱାସ୍ଥ୍ୟ ଭଲ ନାହିଁ । ମାସେ ହେଲା ଚିକିତ୍ସା ଚାଲିଛି... କେତେବେଳେ କ'ଣ ହେବ କିଛି କହି ହେଉ ନାହିଁ । ଅଳ୍ପ କଥାରେ ଗଭୀର ବେଦନା ଥିବାର ଅନୁଭବ କଲି ।

ସାର୍‌ଙ୍କ ସାଥିରେ ମେଡିକାଲ ୱାର୍ଡକୁ ଗଲି । ଗୁରୁମାଙ୍କୁ ଦେଖିଲି ଆଉ କାହିଁ ଫେରିଲା ଭଳି ଲକ୍ଷ୍ୟ କରି ପାରିଲି ନାହିଁ । ଶୁଣିଲି ଚିକିତ୍ସାରେ ସାର୍ ଅଜସ୍ର ଅର୍ଥ ବ୍ୟୟ କରିସାରିଲେଣି । ଏବେ ବୁଢୀର ସ୍ୱାସ୍ଥ୍ୟ ପାଇଁ ଉପରକୁ ହାତ ଟେକି ଦେଇଛନ୍ତି । ମେଡିକାଲରୁ ଫେରିଲା ବେଳେ ସାର୍‌ଙ୍କୁ ପା ହଜାର ଟଙ୍କା ଦେଲି । ସାର୍ କହିଲେ ଏ କ'ଣ ? କହିଲି ବାକି ଥିବା ଗୁରୁଦକ୍ଷିଣା । ସାର୍ କହିଲେ - ନା ତୁ ମୋର ଏବେ ଛାତ୍ର... ନା ମୁଁ ଏବେ ତୋର ଗୁରୁ ? ସାର୍ ସାଥୀ... ଚାଲିଯିବା ଭୟରେ ଭାଙ୍ଗି ପଡିଛନ୍ତି । ସେତେବେଳେର ଆଉ କଥା ନାହିଁ ତଥାପି ମେଡିସିନ୍ ଷ୍ଟୋରରେ ଟଙ୍କା ଦେଇ ଆସିଲି । ଆଉ ଯାହା ଦରକାର ହେଲେ ମୋତେ କହିବ ବୋଲି କହିଲି । ମୁଁ ଘରକୁ ଆସିବାର ଦୁଇ ଦିନ ପରେ ଶୁଣିଲି ଗୁରୁ ମାଆ ଚାଲିଗଲେ । ଭାବିଲି ଗୁରୁମାଙ୍କର ଶୁଦ୍ଧ କ୍ରିୟାକୁ ନିଶ୍ଚିତ ଯିବି କିନ୍ତୁ ସମୟ ଅଭାବରୁ ଯାଇ ପାରିଲି ନାହିଁ ।

ସମୟ ବୟସ କାହାକୁ ଅପେକ୍ଷା କରେନାହିଁ କି ସାଥି ଦିଏ ନାହିଁ । ସେ ତାର ଗତାନୁଗତିକ ରୀତିରେ ଚାଲିଥାଏ । ଯାହା ବାକି ରହିଯାଏ ସ୍ମୃତିସବୁ । ସାର୍‌ଙ୍କ କଥା ଭାବି ଭାବି ବେଳେ ବେଳେ ଆନନ୍ଦ ଲାଗେ ବିଷାଦ ବି ଲାଗେ । ଏବେ ବର୍ଷେ ପରେ ହେବ... ମୋର ଦୂରକୁ ବଦଳି ହୋଇ ଯାଇଅଛି । ଲକ୍ ଡାଉନ୍ ଲାଗି ଗାଁ କୁ ଆସି ପାରି ନ ଥିଲି ଏଥର ଗ୍ରୀଷ୍ମାବକାଶରେ । ଏବେ ଗାଁରେ ଆସି ଶୁଣିଲି ଆଜି ସାର୍‌ଙ୍କ ଦଶ । ଭାରି ଦୁଃଖ ଲାଗିଲା, ଅଜାଣତରେ ଆଖିରୁ ଅମାନିଆ ଲୁହ ଗୁଡିକ ବୋହିଗଲା ।

ଦିନ କେତେଟା ପରେ ସାର୍‌ଙ୍କ ସବୁ କ୍ରିୟାକର୍ମ ସରିଯିବ । ଧୀରେ ଧୀରେ ଶୁଖି ଆସିବ ସମସ୍ତଙ୍କର ଲୁହ । ସମସ୍ତେ ପୁଣି ନିଜ ନିଜର ଜୀବନଚର୍ଯ୍ୟାରେ ବ୍ୟସ୍ତ ହେବାକୁ ଆରମ୍ଭ କରିବେ । ସଂସାରର ପିଲାମାନଙ୍କୁ ନିଜର କରିଥିବ ମଣିଷଟି କାନ୍ଥ କ ାରେ ବନ୍ଧେଇ ହୋଇଥିବା ଫଟୋରେ ରହିଯିବ । ଏଇତ ଜୀବନ..... ଜୀବନର ରଙ୍ଗମ ରେ ନିଖୁଣ ଅଭିନୟ କରିଥିବା କଳାକାରଟି ଆମର ଖାଲି ସ୍ମୃତି ହୋଇ ରହିଯିବ ।

ଭାବି ହେଉ ଥାଏ - ସରି ଯାଉଅଛି ଦୀପରୁ ତୈଳ । କଟି କଟି ଯାଉଅଛି ଦିନ । ବୟସର ଆୟୁ ଲୁଚି ଦେଖୁଥାଏ - କାହାପରେ ପୁଣି କିଏ ? ସଂସାର ରୂପକ ରଥ ତ ଏମିତି ଚାଲିବ ! ସାର୍ ପ୍ରତିଶ୍ରୁତି ନୁହେଁ ପ୍ରତିବଦ୍ଧତାର ହାତଟିକୁ ଅନ୍ୟ ମାନଙ୍କ ପାଇଁ ବଢେଇ ଦେଇଥିଲେ । ସେ ଜୀବନରେ ଧନ ଲୋଡି ନାହାଁନ୍ତି ବରଂ ମାନ ଲୋଡିଛନ୍ତି । ମନକୁ ଲାଗେ - କେଉଁ ଆତ୍ମୀୟର ଅନୁପସ୍ଥିତି କିମ୍ବା ନିରବତା ଖୁବ୍ ଯନ୍ତ୍ରଣା ଦେଇଥାଏ । ବ୍ୟାକୁଳିତ ମନଟି ଯେତେବେଳେ ପାଇ ପାରେ ନାହିଁ, ସେତେବେଳେ ହୃଦୟରୁ ଅଭିମାନ ତିବ୍ରତର ହୁଏ । କ'ଣ ଚାହେଁ ମନୁଷ୍ୟ ? ଖାଲି ଆତ୍ମୀୟତା ସ୍ନେହ ମମତା ଓ ନିଃସ ି ଭଲ ପାଇବା ! ଯେତେବେଳେ ଏ ସବୁର ଅଭାବ ବୋଧ ଅନୁଭବ କରେ.... ସେତେବେଳେ ନିଜକୁ ଜିଅନ୍ତା ଶବ ପରି ଭାବେ । ଏହି ଅବଶୋଷ ଓ ଶୂନ୍ୟତା କ'ଣ କେବେ ପୂରଣ କରି ହେବନି ? ?

+ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ
ଚନ୍ଦ୍ରଗିରି, ଗଜପତି
ମୋ: ୯୪୩୭୯୮୫୮୬୬

# ଆମେରିକା

ପବିତ୍ର କୁମାର ସାହୁ



(ପୂର୍ବ ପ୍ରକାଶିତ ଉତ୍ତାରୁ)

ଆଉ ଘରକୁ ଗଲେ ଆମେରିକା ବୁଲେଇନେବ, ତା' କମ୍ପାନୀ ଦେଖେଇଦେବ ବୋଲି କେତେକଥା କହେ । କିନ୍ତୁ ବିବାହର କେଇବର୍ଷରେ ଧୀରେ ଧୀରେ ଫୋନ୍ କଲ୍ ଆସିବା ବନ୍ଦ୍ ହୋଇଗଲା । ପଦ୍ମ ଘୁଞ୍ଚି ଘୁଞ୍ଚି ଗଲାପରି ପିତା ଓ ପୁତ୍ର ମଧ୍ୟରେ ଦୂରତ୍ୱ ବଢିଲା । ବିଳାସ ପୂର୍ଣ୍ଣ ଚାକଚକ୍ୟ ଓ ସୁରମ୍ୟ ପ୍ରାସାଦରେ ରହି ଏବଂ ପତ୍ନୀର ମୋହରେ ପଡ଼ି ବିକାଶ ତା ପିତାମାତାଙ୍କୁ ଭୁଲିବାକୁ ଲାଗିଲା ।

ଦିନେ ମୋହନବାବୁ ଦୋକାନ ବାରଣ୍ଡାରେ ବସିଥିବାବେଳେ ଭାବନାରେ ମସଗୁଲ୍ ହୋଇ - 'ଆଜକୁ ୬ବର୍ଷ ହେବ ପୁଅ ଝିଅଙ୍କ ଫେରିବା ବାଟକୁ ଚାହିଁ ବସିଛି । ଆଖିରେ ନିଦ ନାହିଁ, କିନ୍ତୁ ମନରେ ଆମେରିକା ଦେଖିବାର ଅଜସ୍ର ସ୍ୱପ୍ନ ଓ ଆକାଂକ୍ଷା । ତା' ପୁଅ ଆସିବ ! ଆମେରିକା ବୁଲେଇନେବ.....! ଏଭଳି ଭାବାବେଗରେ ହଜି ବେଶ୍ ଖୁସିହେଉଥାନ୍ତି । ଘରେ ବୋହୂର ଅତ୍ୟାଚାର ଓ ଅଣଦେଖା ଚରମ ସୀମାରେ । ପଶୁପରି ବ୍ୟବହାର ଏବଂ ତା'ନାଲି ଆଖିରେ ଆମେ ଦୁଇପ୍ରାଣୀ କୁଜିଅସରପା ଓ କାଣି ବିରାଡ଼ି ପରି ଧର୍ମକୁ ଆଦୋରି ଅସହାୟ ହୋଇ ଘରକୋଣରେ ପଡିରହିଛୁ । ସେଦିନ ବୋହୂ ରାଗରେ ଗରଗର ହୋଇ ଗରମ ଚା' ଉର୍ମିଳା ଉପରକୁ ଛାଟିଦେଲେ ଯେ, ଆଜିବି ସେ ଘା'ଶୁଖିନି । ହାତର ଚର୍ମ ତିନିଭାଗ ପୋଡି ଯାଇଛି । ବହୁତ କଷ୍ଟ ମଧ୍ୟ ସହିଲେଣି । ତଥାପି ସବୁ ଅନ୍ୟାୟ ଦେଖି ଚୁପ୍ ରହିବାକୁ ପଡୁଛି । ଉତ୍ତର ଦେଲେ, ଖାଇବା, ପିଇବା ସବୁ ଠପ୍ ହୋଇଯିବ । ଦେହ ମୁଣ୍ଡ ସବୁ ଏବେ ଥରିବାକୁ ଆରମ୍ଭ କଲାଣି । ଆଉ କ'ଣ ବୟସ, ବଳ ଅଛି ଯେ, ନିଜେ କରିଧରି ଖାଇପାରିବୁ ? ସେ ଭଲ ହେଉ ବା ମନ୍ଦ ଯାହା ହେଲେବି କୁଳବଧୂ, ବଂଶରକ୍ଷାକାରିଣୀ ତାଙ୍କୁ କେମିତି ବା ଟାଣ କଥା କହିପାରିବି ?

ଆଉ କହିଲେ ସେ କ'ଣ ଶୁଣିବ ? ଜ୍ୟେଷ୍ଠ ତଥା ବୃଦ୍ଧମାନଙ୍କର ଉପଦେଶ ଆଜିକାର ପିଲାଙ୍କୁ ପିତା ଲାଗିଲାଣି । ତେବେ କହିକି ଲାଭ କ'ଣ ? ' ଠିକ୍ ଏତିକିବେଳେ ଉର୍ମିଳା ବହୁକଷ୍ଟରେ ହାତରେ ପାଣି ଗ୍ଲାସ୍ ଧରି ପ୍ରବେଶ କରି କହିଲେ - ଶୁଭୁଚି ନା ନାଇଁ ତୁମକୁ ? କେତେ ଡାକିଲିଣି ? ତାପରେ ମୋହନ ବାବୁ ପ୍ରକୃତିସ୍ଥ ହୋଇ ଉର୍ମିଳାଙ୍କ ମୁଖକୁ ଚାହିଁ ରହିଲେ । ପତ୍ନୀ ତାଙ୍କୁ ଆଶ୍ୱାସନା ଦେଇ କହିଲେ - ତୁମେ ଜମା ବ୍ୟସ୍ତ ହୁଅନି । ରାଧା ଆଉ ବିକାଶ ନିଶ୍ଚୟ ଫେରିଆସିବେ । ଏବେ ପାଣି ଟିକେ ପିଇଦିଅ ।

ଠିକ୍ ତାର ୨୦ ଦିନପରେ ଫ୍ଲାଇଟ୍ ଯୋଗେ ଆସି ବିକାଶ ଘର ପହଞ୍ଚି ଗଲା । ପୁଅକୁ ଦେଖି ପିତାମାତାଙ୍କର ଆଖି ଛଳଛଳ ହୋଇ ଉଠିଲା । ସେଦିନ ମୋହନ ବାବୁଙ୍କ ଖୁସି କହିଲେ ନ ସରେ । ସତେ ଯେମିତି ତାଙ୍କ ହୃଦୟ ନୃତ୍ୟାଙ୍ଗନା ସାଜି ନାଚି ଉଠିଥିଲା । ଆଖିର ପଲକ ପଡୁ ନଥାଏ । ଠିକ୍ ଏତିକିବେଳେ ବୋହୂ ବିକାଶର ହାତକୁ ଧରି

ନିଜକକ୍ଷକୁ ନେଇ ତରବରିଆ ଭାବେ ଚୁପ୍ ଚୁପ୍ କ'ଣ ଦିପଦ କହିଦେଲେ । ତାପରେ ବିକାଶ ବାପା ଓ ମା'ଙ୍କୁ ଡାକି କହିଲେ - କାଲି ସଂନ୍ଧ୍ୟା ଫ୍ଲାଇଟ୍‌ରେ ଆମେ ସମସ୍ତେ ଆମେରିକା ଯାଉଛେ ! ଏମିତିରେ ବି ମୋର ଛୁଟି ନାହିଁ ।

କାଲି ହିଁ ଯିବାକୁ ପଡ଼ିବ । ତୁମେ ସବୁ ଆଜି ପ୍ୟାକିଙ୍ଗ୍ କାମ ସାରିଦିଅ । ଆମେରିକା ଯିବା ଶୁଣିବାକ୍ଷଣି ମୋହନ ବାବୁଙ୍କ ଛାତି କୁଣ୍ଢେମୋଟ ହୋଇଗଲା । ପାଦ ଆଉ ତଳେ ଲାଗୁନଥାଏ । ଅନେକ ଦିନର କାମନା ଆଜି ସାର୍ଥକ ହେବାକୁ ଯାଉଛି । ହସ ହସ ବଦନରେ କହିଉଠିଲେ - ଦେଖୁଛ ଉର୍ମିଳା ! ଆମ ସ୍ୱପ୍ନ ଆଜି ସତ ହେବାକୁ ଯାଉଛି !

ମୁଁ ଆଜି ବହୁତ ଖୁସି । ସତରେ ବାର୍ଦ୍ଧକ୍ୟରେ ଏଇ ବୁନ୍ଦାଏ ଆନନ୍ଦ ଯେପରି ଯୌବନର ଭ୍ରମ ସୃଷ୍ଟି କରୁଥାଏ । ସେଦିନ ରାତ୍ରୀରେ ତାଙ୍କ ଆଖିରେ ନିଦ ନାହିଁ । କେବଳ ଗୋଟିଏ ଇଛା ତାଙ୍କ ଜୀବନର ନିଦ୍ରା ଓ ମନକୁ ଚୋରେଇ ନେଇଛି । ଦେଖୁ ଦେଖୁ ସକାଳ ହୋଇ ଅପରାହ୍ଣ ହେଲା । ଘରଠାରୁ ଏୟାରପୋର୍ଟ ୨୦ କୋଶ ହେବ । ଆଉ ବିଳମ୍ବ ନକରି ଏକ ବିଳାସ ପୂର୍ଣ୍ଣ ଚାରିଚକିଆ ଯାନରେ ସମସ୍ତେ ଯଥା ସମୟରେ ଏୟାରପୋର୍ଟରେ ପହଁଚିଗଲେ । ପୁଅ ଓ ବୋହୂ ପାଖରେ ଥିବା ଏକ ଷ୍ଟିଲ୍ ଚୌକିରେ ବୃଦ୍ଧ ପିତାମାତାଙ୍କୁ ବସାଇଦେଲେ ଓ ପାଣି ଆଣୁଛୁ କହି ଦୁହେଁ ସେଠାରୁ ଚାଲିଗଲେ । ମୋହନ ବାବୁ ଓ ଉର୍ମିଳାଙ୍କର ଆନନ୍ଦର ସୀମା ନାହିଁ । ମୋହନବାବୁ କହିଲେ - ଜାଣିଛ ଉର୍ମିଳା ତନ୍ମୟ କହୁଥିଲା... ? କଥାଟା ମୁହଁରୁ ଛଡେଇନେଇ ଉର୍ମିଳା, କ'ଣ କହୁଥିଲା ତନ୍ମୟ ? ହଁ , ସେ କହୁଥିଲା ଆମେରିକାର ହ୍ୱାଇଟ୍ ହାଇସ୍, ନ୍ୟୁୟର୍କ ସହର, ୱାସିଂଟନ ସହର, ଷ୍ଟାଚ୍ୟୁ ଅଫ୍ ଲିବର୍ଟି, ସେଣ୍ଟ୍ରାଲ ପାର୍କ, ଟାଇମ୍ ସ୍କୋୟାର , ଗୋଲଡେନ ବ୍ରିଜ୍‌ର ଦୃଶ୍ୟ ସୁରମ୍ୟ ଓ ଚିତ୍ତାକର୍ଷକ । ସେ ସବୁ ଦେଖିବା ପାଇଁ ଏ ଚଞ୍ଚଳ ମନଟା କେବେଠୁ ବ୍ୟାକୁଳ ହୋଉଛି । ଏପରି ଉଭୟଙ୍କ ମଧ୍ୟରେ ଢେରସାରା ପ୍ରଣୟଭରା କଥା ଚାଲିଲା । ଇତିମଧ୍ୟରେ ଢେର୍ ସମୟ ଅତିକ୍ରାନ୍ତ ହୋଇସାରିଛି । ସମୟ ପାଖାପାଖି ତିନିଘଣ୍ଟା ବିତିଯାଇଛି । ଏପଟେ ବୁଢ଼ାବୁଢ଼ୀ ମଧ୍ୟ ଅସ୍ତବ୍ୟସ୍ତ ହୋଇ ପଡିଲେଣି । ଏପଟ ସେପଟ ଆଖି ବୁଲେଇଲେ । କିନ୍ତୁ ପୁଅ ବୋହୂଙ୍କର ଦେଖାନାହିଁ । ଆଉ ବଳ ଅଛି ଯେ, ଏତେ ଭିଡ଼ ଭିତରେ ଖୋଜିପାରିବେ ? ତଥାପି ବହୁକଷ୍ଟରେ ଉଠି ଦୁଇ ଚାରି ଜଣଙ୍କୁ ପଚାରିଲେ, କିନ୍ତୁ ପାଇଲେ କେବଳ ନାହିଁ ନାହିଁର ଉତ୍ତର । ଶେଷରେ ନିରାଶ ହୋଇ ପୁଅ ଓ ବୋହୂର ଆସିବା ବାଟକୁ ଅନାଇରହିଲେ । ଏତିକିବେଳେ ଡ୍ୟୁଟିରେ ଥିବା ଜଣେ ପୋଲିସ୍ ଅଧିକାରୀଙ୍କର ନଜର ପଡିଲା । ପାଖକୁ ଆସି ପଚାରିଲେ - ଆପଣ କୁଆଡେ ଯିବେ ? ଆପଣଙ୍କ ପାସପୋର୍ଟ କାହିଁ ? ପୋଲିସ୍ ବାବୁଙ୍କ କଥାଶୁଣି ମୋହନବାବୁ କହିଲେ - ଆମେ ଆମେରିକା ଯିବୁ ଆଜ୍ଞା । ପାସପୋର୍ଟ ପୁଅ ପାଖରେ ଅଛି । ଆଛା, ତେବେ ଆପଣଙ୍କ ପୁଅ କୁଆଡେ ଗଲେ ? ସେ ଆଜ୍ଞା ପାଣି ଆଣିବାକୁ ଯାଇଛି । ଏଇ ସଙ୍ଗେ ସଙ୍ଗେ ପଳାଇଆସିବ । ମୋତେ କଥା ଦେଇଛି ଶୀଘ୍ର ପଳାଇଆସିବ । ସେ ଆସିଲେ ସାଙ୍ଗ ହୋଇ ଆମେରିକା ଯିବୁ । ପୋଲିସ୍ ବାବୁ - ହେଲେ, ଆମେରିକା ଯିବାକୁ ଥିବା ଫ୍ଲାଇଟ୍ ତ କେତେବେଳଠୁ ଯାଇସାରିଛି । ଆପଣଙ୍କ ପୁଅ ଆପଣଙ୍କୁ ମିଛ କହିଛି । ତୁମ ପୁଅ ଆମେରିକା ଯାଇସାରିଛି । ଦେଖ, ସମୟବି ୧୧ଟା ବାଜିଲାଣି । ଆଜି ଆଉ ଆମେରିକା ଯିବାପାଇଁ କୌଣସି ଫ୍ଲାଇଟ୍ ନାହିଁ କହି ଚାଲିଗଲେ । ସତେ ଯେମିତି ପୋଲିସ୍ ବାବୁଙ୍କ କଥାଶୁଣି ମୋହନବାବୁ ଓ ଉର୍ମିଳାଙ୍କର ପାଦତଳୁ ମେଦିନୀ ଖସିଗଲା । ହୃଦୟ ଫାଟିଗଲା । ଉଙ୍କି ମାରୁଥିବା ନୂତନ ସ୍ୱପ୍ନଗୁଡିକ ଯେପରି କୁଆପଥର ମାଡରେ ଭାଙ୍ଗି ଚୁର୍ ମାର୍ ହେଇଗଲା । ସବୁ ଆଶା ଓ ଆକାଂକ୍ଷାରେ ଯବନିକା ପଡ଼ିଗଲା । ଭୋଃ ଭୋଃ ହୋଇ କାନ୍ଦିବାକୁ ଲାଗିଲେ । ଦୁଇ ନୟନରୁ ଭରସା, ସ୍ନେହ ଓ ପ୍ରେମର ଆମାନିଆ ଲୁହସବୁ ମନ୍ଦାକିନୀ ପରି ଝରି ଯାଉଥାଏ । ଆମେରିକା ଦେଖିବାର ଯେଉଁ ପ୍ରଦୀପଟି ତାଙ୍କ ମନରେ ଜଳି ଉଠିଥିଲା ତାହା ଆଜି ସବୁଦିନ ପାଇଁ ଲିଭିଯାଇଛି । ଅସହାୟ ହୋଇ ଭାଙ୍ଗି ପଡ଼ିଛନ୍ତି ଆଜି ମୋହନ ବାବୁ । ଆଉ ଥର ଥର କଣ୍ଠରେ କହୁଥାନ୍ତି - ମୋ ବିକାଶ ମୋତେ ମିଛ କହିପାରିଲା ? ଯୋଉ ମା' ଦଶମାସ ଦଶଦିନ ଗର୍ଭରେ ଧରି ଜନ୍ମ ଦେଇଥିଲା ସେ ମା'କୁ ବି ଠକିଦେଲା ? ବିବାହ ପରେ ବିକାଶ ଏତେ ବଦଳିଯିବ ବୋଲି କେବେବି ଭାବିନଥିଲି ?

ରାତ୍ରୀ ଅନେକ ହୋଇଯାଇଥାଏ । ସବୁ ଆଶା ଏବେ ଶୁନ୍ ଶାନ୍ । ନିରବୀ ଯାଇଛି ଉତ୍ଫୁଲ୍ଲିତ ମନ । ଶେଷରେ ଏକ ଟ୍ୟାକ୍ସି ଯୋଗେ ଗାଁରେ ପହଞ୍ଚିଲାବେଳକୁ ସକାଳ ହୋଇଯାଇଥାଏ । ଟ୍ୟାକ୍ସିରୁ ଓହ୍ଲାଇ ଯାହା ଦେଖିଲେ ତାହା କଳ୍ପନା ବାହାରେ । ମୁଣ୍ଡ କିଛି କାମ କଲାନି । ଚକିତ ହୋଇ ଦେଖିଲାବେଳକୁ, ସିଲେଇ ମେସିନ୍‌ଟା ରାସ୍ତାରେ ଗଡୁଛି । ଘରର ଛପର ଭାଙ୍ଗି ଟିକ୍ ଟିକ୍ ହୋଇଯାଇଛି । ମାଟି କାନ୍ଥଗୁଡିକ ଭୂମିରେ ଲୋଟିପଡିଛି ଏବଂ ହାତୀ ଶୁଣ୍ଢପରି ଏକ ଯନ୍ତ୍ର ଘୋର୍ ଗର୍ଜନ କରି ସବୁ ତାଡିପକାଉଛି । ଏସବୁ ଦେଖି କିଛି ବୁଝି ପାରିଲେନି ମୋହନବାବୁ । ଅସ୍ତବ୍ୟସ୍ତ ହୋଇପଡିଲେ । କିଛିକ୍ଷଣ ପାଇଁ ପାଷାଣଭଳି ଚାହିଁ ରହିଲେ । ଯେମିତି ବଳକା ସ୍ୱପ୍ନ ମୁଠାକ ଅଦିନିଆ ଝଡରେ ଝଡି ଯାଉଥାଏ । ଧିରେ ଧିରେ ନିକଟକୁ ଯାଇ କରୁଣ କଣ୍ଠରେ କହିଲେ - ଶର୍ମା ବାବୁ ଏ କ'ଣ କରୁଛନ୍ତି ? ମୋ ଘରକୁ ଭାଙ୍ଗିବାର ଅଧିକାର ଆପଣଙ୍କୁ କିଏ ଦେଲା ? ଶର୍ମା ବାବୁ ଠୋ ଠୋ ହସି ହସି କହିଲେ - ମୋହନ ବାବୁ ଏ ଜାଗାରେ ତୁମର ଆଉ କୌଣସି ଅଧିକାର ନାହିଁ । ଆପଣଙ୍କ ପୁଅ କାଲି ରାତିରେ ମୋତେ କାଗଜପତ୍ର ସହ ବିକ୍ରି କରିସାରିଛି । ଆଉ ଟଙ୍କାବି ନେଇ ସାରିଛି । ଏବେ ଏହି ଦଲିଲ୍‌କୁ ଦେଖ ? ଦେଖ ତୁମ ବାମହସ୍ତର ବୁଢ଼ା ଆଙ୍ଗୁଳି କି ? ଏପର୍ଯ୍ୟନ୍ତ ଟିପଚିହ୍ନର ରଙ୍ଗ ଲିଭିନି ! ଏକଥା ଶୁଣିବାକ୍ଷଣି କିଛିକ୍ଷଣ ପାଇଁ ଦୁଇପ୍ରାଣୀ ସଂଜ୍ଞାହୀନ ହୋଇପଡିଲେ । ବୋଝ ଉପରେ ନଳିତା ବିଡା ପରି ଦୁଃଖର ଘନବାଦଲ୍ ଘୋଟିଆସିଲା । ଏତିକିବେଳେ ଶର୍ମା ବାବୁ ଗଣ୍ଠୁଲିଟିଏ ମୋହନ ବାବୁଙ୍କ ହାତକୁ ବଢ଼େଇ ଦେଲେ । ଗଣ୍ଠୁଲି ଫିଟାଇ ଦେଖିଲା ବେଳକୁ ବିକାଶ ଓ ରାଧାର ପିଲାଦିନର କେତେଗୁଡ଼ିଏ ଲୋଭନୀୟ ଫଟୋଚିତ୍ର ଦୃଶ୍ୟମାନ ହେଲା । ଫଟୋ ଦେଖି ଛୋଟବେଳର ସେହି ବାତ୍ସଲ୍ୟଭରା ଜୀବନ୍ତଦୃଶ୍ୟ ଉଭୟଙ୍କ ଆଖି ଆଗରେ ନାଚି ଉଠିଲା । ଆଖି ଛଳଛଳ ହୋଇ ବେଦନା ଭରା ଲୁହସବୁ ଟପ୍ ଟପ୍ ହୋଇ ଫଟୋଚିତ୍ର ଉପରେ ପଡିବାକୁ ଲାଗିଲା । ହୃଦୟର କୋହକୁ ଆଉ ସମ୍ଭାଳି ପାରିଲେନି । ପୁଣି ଉଭୟେ ଭୋଃ ଭୋଃ କାନ୍ଦି କାନ୍ଦି ରାସ୍ତାରେ ଗଡିଗଲେ । ସେହିଦିନଠାରୁ ଅସହାୟ ଓ ପରିତ୍ୟକ୍ତ ହୋଇ ମୋହନବାବୁ ଉର୍ମିଳାଙ୍କ ସହ କୁଆଡେ ଚାଲିଗଲେ ଯେ, ଆଉ ତାଙ୍କର ଖୋଜ୍ ଖବର କିଛି ନାହିଁ ।

(ସମାପ୍ତ)

+ସଂସ୍କୃତ ଶିକ୍ଷକ,
ଗ୍ରାମ/ପୋ - ଅତାସାହି, ଘଷିପୁରା,
କେନ୍ଦୁଝର, ୯୭୭୭୫୬୦୯୨୧

## ଅନ୍‌ଲାଇନ୍ ଆର୍ଟିଷ୍ଟ କୋଭିଡ କେୟାର କର୍ମଶାଳା ଉଦ୍‌ଯାପିତ

ଭୁବନେଶ୍ୱର,୧୬/୫ (ନି.ପ୍ର): ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଏବଂ ଆର୍ଟ ଅଫ୍ ଲିଭିଙ୍ଗ ର ମିଳିତ ସହଯୋଗରେ ଏହି ମହାମାରୀ ସମୟରେ କଳାକାରମାନଙ୍କୁ ମାନସିକ ତଥା ଶାରୀରିକ ସ୍ତରରେ ସୁସ୍ଥ ରଖିବା ନିମନ୍ତେ ଗତ ୧୩ ତାରିଖ ଠାରୁ ୧୫ ତାରିଖ ପର୍ଯ୍ୟନ୍ତ ଗୁଗୁଲ୍ ମିଟ୍ ଜରିଆରେ ନିଶୁଳ୍କ ଯୋଗ ଏବଂ ଧ୍ୟାନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା କଳାକାରମାନଙ୍କୁ ମାନସିକ ସ୍ତରରେ ସୁସ୍ଥ ରଖି ପ୍ରତ୍ୟେକ ଦିନ ଘରେ ରହି ଯୋଗ ଓ ଧ୍ୟାନ ଅଭ୍ୟାସ ଜାରି ରଖିବା ସହ ସେମାନେ କିପରି ଏହି କୋଭିଡ୍-୧୯ କୁ ସାମ୍ନା କରି ଦୃଢ଼ ମନୋବଳ ବଜାୟ ରଖି ନିଜ ସାଧନା ତଥା କଳା ଏବଂ ସଂସ୍କୃତିକୁ ରକ୍ଷା କରିପାରିବେ ଏବଂ ଅନ୍ୟ କଳାକାରମାନଙ୍କୁ ସଚେତନ ହେବା ନିମନ୍ତେ ପ୍ରେରଣା ଦେବା। ଏହି କାର୍ଯ୍ୟକ୍ରମ ପ୍ରତ୍ୟେହ ପ୍ରାୟ ୩୦ ରୁ ଊର୍ଦ୍ଧ୍ୱ କଳାକାର ଅଂଶଗ୍ରହଣ କରିଥିଲେ। କଳାକାର ମହଲରେ ଏହି କାର୍ଯ୍ୟକ୍ରମଟି ବେଶ୍ ଆଦୃତ ଏବଂ ପ୍ରଶଂସନୀୟ ହୋଇପାରିଥିଲା।

## ନିଜ ଶକ୍ତି ମୁତାବକ ସେବା କରିବାକୁ ଓଡ଼ିଶାବାସୀଙ୍କୁ ନିବେଦନ କଲେ ନିରଞ୍ଜନ



ଭୁବନେଶ୍ୱର,୧୬/୫ (ନି.ପ୍ର): କରୋନା ସଙ୍କଟ ସମୟରେ ପ୍ରତ୍ୟେକ ବ୍ୟକ୍ତି ନିଜ ଶକ୍ତି ମୁତାବକ ସେବା କରିବାକୁ ଆସିବାକୁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓଡିଶାବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଶ୍ରୀ ପଟ୍ଟନାୟକ ସରକାରଙ୍କୁ ଅନୁରୋଧ କରିଛନ୍ତି ସରକାରଙ୍କ ଯେଉଁ ଭୁଲ ପାଇଁ ନଅଙ୍କ ଦୁର୍ଭିକ୍ଷ ଦେଖାଦେଇଥିଲା ସେହିପରି ଭୁଲ ପୁନର୍ବାର ସରକାର କରିବେ ନାହିଁ। ସହର ଓ ଗ୍ରାମାଂଚଳକୁ ବଡ ଦ୍ରୁତଗତିରେ ସଂକ୍ରମଣ ବ୍ୟାପୁଛି। କେତେ ଲୋକ ଏଥିରେ ଆକ୍ରାନ୍ତ ହେଉଛନ୍ତି ଏବଂ କେତେ ଲୋକ ମୃତ୍ୟୁବରଣ କରୁଛନ୍ତି ସରକାରଙ୍କ ପକ୍ଷରୁ ପରିସଂଖ୍ୟାନ ଯାହା ବାହାରୁଛି ତାହା ସତ୍ୟ ନୁହେଁ। ତାହା ଠାରୁ ଅଧିକ ଲୋକ ସଂକ୍ରମଣ ହେଉଛନ୍ତି ଏବଂ ମୃତ୍ୟୁବରଣ କରୁଛନ୍ତି। ବର୍ତ୍ତମାନ ସମୟରେ ଦୋଷ ଦୁର୍ବଳତାକୁ ଲୁଚାଇବା ପାଇଁ ଉଦ୍ୟମ କରାନଯାଉ। ଆମ ସମସ୍ତଙ୍କ ନୈତିକ କର୍ତ୍ତବ୍ୟ ହେଉଛି ନିଜର ସାମର୍ଥ୍ୟ ଅନୁସାରେ ପାରୁ ପର୍ଯ୍ୟନ୍ତ ସମୟ, ଅର୍ଥ, ଶକ୍ତି, ସାହାସ ଓ ସାହାଯ୍ୟ କରି ଲୋକଙ୍କୁ ସେବା କରିବା। କଂଗ୍ରେସ ଦଳ ତରଫରୁ କିଛିଟା କାର୍ଯ୍ୟକ୍ରମ କରାଯାଇଛି ଏବଂ ଆସନ୍ତା ୨୧ ତାରିଖ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସରେ କରୋନା ମହାମାରୀ ପୀଡ଼ିତଙ୍କ ପାଇଁ ଆମ୍ବୁଲାନ୍ସ ସେବା ଯୋଗାଇବା, ମାସ୍କ ସାନିଟାଇଜର ଔଷଧ ବିତରଣ କରିବା, ସଂକ୍ରମିତ ଲୋକଙ୍କ ରେଜିଷ୍ଟ୍ରେସନ କରି ଉପଯୁକ୍ତ ସ୍ଥାନରେ ପହଂଚାଇବା, ସଂକ୍ରମିତଙ୍କ ପରିବାର ସମ୍ପର୍କୀୟଙ୍କ ଖାଇବା ପିଇବାର ବ୍ୟବସ୍ଥା କରିବା, କରୋନା ରୋଗୀଙ୍କ ମୃତ୍ୟୁର ପରବର୍ତ୍ତି ସମୟ ଅନ୍ତିମ କାର୍ଯ୍ୟରେ ସାହାଯ୍ୟ କରିବା ଇତ୍ୟାଦି କାର୍ଯ୍ୟକ୍ରମ କରାଯିବ। ନିଜେ ସଚେତନ ରହି ସେବା କାର୍ଯ୍ୟ କରନ୍ତୁ ବା ଯେଉଁମାନେ ସେବାକାର୍ଯ୍ୟ କରୁଛନ୍ତି ତାଙ୍କୁ ସାହାଯ୍ୟ କରିବା ପାଇଁ ନିବେଦନ କରିଛନ୍ତି ଶ୍ରୀ ପଟ୍ଟନାୟକ। ଉଲ୍ଲେଖ୍ୟଯୋଗ୍ୟ ପିସିସି ସଭାପତି ଶ୍ରୀ ପଟ୍ଟନାୟକ ଅସୁସ୍ଥତା ପାଇଁ ଓଡ଼ିଶା ବାହାରେ ଅଛନ୍ତି। ଯଥାଶୀଘ୍ର ଓଡ଼ିଶା ଫେରିବାକୁ ଚେଷ୍ଟା କରୁଛନ୍ତି କିନ୍ତୁ ବାହାରେ ଥାଇ ମଧ୍ୟ ପ୍ରତିଦିନ ଯୋଗାଯୋଗ ରଖିଛନ୍ତି।

## ବାହାଘର ପାଇଁ ପରିବାର ସଦସ୍ୟଙ୍କ ଆଣ୍ଟିଜେନ୍ ଟେଷ୍ଟ ବାଧ୍ୟତାମୂଳକ



ଭୁବନେଶ୍ୱର,୧୬/୫ (ନି.ପ୍ର): ରାଜ୍ୟରେ କରୋନା ମହାମାରୀ ସଂକ୍ରମଣ ମାମଲା ଦ୍ରୁତ ଗତିରେ ବୃଦ୍ଧି ପାଉଥିବାବେଳେ ଗଞ୍ଜାମ ଜିଲ୍ଲାରେ ବିବାହ ସମାରୋହ ନିମନ୍ତେ ପରିବାର ସଦସ୍ୟଙ୍କ ରାପିଡ୍ ଆଣ୍ଟିଜେନ୍ ଟେଷ୍ଟ ବାଧ୍ୟତାମୂଳକ କରାଯାଇଛି। ବିବାହ ଉତ୍ସବ ଥିଲେ ଉଭୟ ପରିବାରର ସଦସ୍ୟମାନେ କୋଭିଡ୍ ସଂକ୍ରମିତ କି ନାହିଁ ସେଥିପାଇଁ ନିଜର ରାପିଡ୍ ଆଣ୍ଟିଜେନ୍ ଟେଷ୍ଟ ରିପୋର୍ଟ ଦାଖଲ କରିବେ। ଆଜି ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଏଭଳି ନିର୍ଦ୍ଦେଶନାମା ଜାରି ହୋଇଥିବା ଜଣାପଡ଼ିଛି। ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁସାରେ, ବିବାହ ଉତ୍ସବ ଥିଲେ ସମସ୍ତ ପରିବାର ସଦସ୍ୟଙ୍କୁ ନିଶ୍ଚିତ ଭାବେ ରାପିଡ୍ ଆଣ୍ଟିଜେନ୍ ଟେଷ୍ଟ କରିବାକୁ ପଡ଼ିବ।

## ମାସ ଶେଷ ପର୍ଯ୍ୟନ୍ତ ଲକ୍‌ଡ଼ାଉନ ବଢୁ କିନ୍ତୁ ହୋମ ଡ଼େଲିଭରି ମଦ ବନ୍ଦ ହେଉ : ଡଃ ଜ୍ଞାନେନ୍ଦ୍ର

ଭୁବନେଶ୍ୱର,୧୬/୫ (ନି.ପ୍ର): ୯ଟି ହସ୍ପିଟାଲ ବୁଲି ଶେଷରେ ଆଖି ବୁଜିଲେ ନବବଧୂ ଭଳି ସମ୍ବାଦକୁ ଦେଖିଲା ପରେ ମନ ଭିତରେ ସ୍ୱତଃ ରାଜ୍ୟ ସରକାରଙ୍କ କଥା ଓ କାମ ଉପରେ ଏଭଳି ଏକ ବିବୃତ୍ତି ଦେବାକୁ ବାଧ ହେଉଛି ବୋଲି ଏକ ପ୍ରେସ୍ ବିବୃତ୍ତିରେ ବିଶିଷ୍ଟ ସମାଜସେବୀ ତଥା କଂଗ୍ରେସ ଦଳର ବରିଷ୍ଠ ନେତା ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର କହିଛନ୍ତି। ମୃତକଜଣକ କାହାର ଭଉଣୀ, କାହାର ଝିଅ ଓ କାହାର ସ୍ତ୍ରୀ ହୋଇଥାଇପାରେ। କିନ୍ତୁ ରାଜ୍ୟ ସରକାର ଗଣମାଧ୍ୟମରେ ଯେଉଁ ତଥ୍ୟ ଦେଉଛନ୍ତି ଏହା ଯେ ସମ୍ପୂର୍ଣ୍ଣ ଭୁଲ୍ ତାହା ସ୍ୱର୍ଣ୍ଣଲତାଙ୍କ ଦାରୁଣ ମୃତ୍ୟୁରୁ ପ୍ରମାଣିତ ହୋଇଛି। ସରକାରଙ୍କ ସମସ୍ତ କାର୍ଯ୍ୟକୁ ଆମେ ନକରାତ୍ମକ ଦୃଷ୍ଟିରେ ଦେଖୁନାହୁଁ। କିନ୍ତୁ ତଦାରଖ ଦାୟିତ୍ୱରେ ଥିବା କର୍ମକର୍ତ୍ତାମାନେ ଆହୁରି କଠୋର ଓ ସକ୍ରିୟ ହେବାର ଆବଶ୍ୟକତା ଅଛି ବୋଲି ଡଃ ଜ୍ଞାନେନ୍ଦ୍ର କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ସରକାରଙ୍କ ସଟ୍‌ଡ଼ାଉନ ଓ ଲକ୍‌ଡ଼ାଉନ ହେବା ୧୨ ଦିନ ହୋଇଗଲା। ସଂକ୍ରମଣ କମିବାର ନାଁ ଧରୁନାହିଁ, ବରଂ ସଂକ୍ରମଣ ଗ୍ରାମାଭିମୁଖୀ ହେଲାଣି। ଏଣୁ ଲକଡ଼ାଉନ ଓ ସଟଡ଼ାଉନକୁ କଠୋର ଭାବେ କାର୍ଯ୍ୟକାରୀ କରିବା ସହ ସକାଳ କୋହଳ ସମୟକୁ ଆଉ ଦୁଇଘଣ୍ଟା କମାଇ ଦିଆଯାଉ। ଅମାନିଆଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନକୁ ସେ ଦୃଢ଼ତାର ସହ ସମର୍ଥନ ଦେଇଛନ୍ତି। ଏଭଳି ବିପତ୍ତି ସମୟରେ ସକରାରଙ୍କ ମଦ ଘରେ ପହଞ୍ଚାଇବା ବ୍ୟବସ୍ଥାକୁ ସେ କଡ଼ା ଭାଷାରେ ନିନ୍ଦା କରିଛନ୍ତି। ଘରେ ବିଭିନ୍ନ ମାନସିକ ଅବସାଦ ଓ ଦୁର୍ଶ୍ଚିନ୍ତାରେ ସାଧାରଣ ପରିବାର ଲୋକ ଥିବାବେଳେ ମଦର ହୋମ୍ ଡ଼େଲିଭରି ନିଷ୍ପତ୍ତି ଏକ ବିକୃତ ମସ୍ତିଷ୍କ ନିଷ୍ପତ୍ତି ବୋଲି ଡଃ ଜ୍ଞାନେନ୍ଦ୍ର କହିବା ସହ ତୁରନ୍ତ ବନ୍ଦ କରିବା ପାଇଁ ସେ ସରକାରଙ୍କ ଠାରେ ଦୃଢ ଦାବୀ କରିଛନ୍ତି।

## ଗୁରୁକୁଳ ଓ ସଂସ୍କୃତି ଶିକ୍ଷାର କର୍ଣ୍ଣଧାର ସ୍ୱାମୀ ବ୍ରହ୍ମାନନ୍ଦ ୧୦୩ ତମ ଜୟନ୍ତୀ ପାଳିତ

ଭୁବନେଶ୍ୱର,୧୬/୫ (ନି.ପ୍ର): ଓଡ଼ିଶାରେ ଗୁରୁକୁଳ ଆନ୍ଦୋଳନର ଅଗ୍ରଣୀ ନେତା, ଗୁରୁକୁଳ ବେଦବ୍ୟାସ ଭଳି ୩୨ଗୋଟି ଗୁରୁକୁଳର ପ୍ରତିଷ୍ଠାତା, ଓଡ଼ିଶାରେ ଆର୍ଯ୍ୟସମାଜର ପ୍ରମୁଖ ପ୍ରଚ୍ରରକ ଆର୍ଯ୍ୟସନ୍ନ୍ୟାସୀ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀଙ୍କ ୧୦୩ତମ ଜୟନ୍ତୀ ଉତ୍ସବ ଆଜି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସାରା ଓଡ଼ିଶାରେ ପାଳିତ ହୋଇଯାଇଛି। ଆର୍ଯ୍ୟସମାଜ, ଓଡ଼ିଶା ଓ ଯୁବ ଆର୍ଯ୍ୟସମାଜ, ଓଡ଼ିଶାର ମିଳିତ ଆନୁକୂଲ୍ୟରେ ଏକ ରାଜ୍ୟସ୍ତରୀୟ ୱେବିନାର ଆର୍ଯ୍ୟସମାଜ ଓଡ଼ିଶାର ସଭାପତି ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଆର୍ଯ୍ୟସମାଜର ଶିରୋମଣି ସଂସ୍ଥା ସାର୍ବଦେଶିକ ଆର୍ଯ୍ୟ ପ୍ରତିନିଧି ସଭାର ପ୍ରମୁଖ ସଭାପତି ସ୍ୱାମୀ ଆର୍ଯ୍ୟବେଶ କହିଲେ ଯେ, ୧୯୫୦ରୁ ୧୯୭୫ ମସିହା ପର୍ଯ୍ୟନ୍ତ ଓଡ଼ିଶାରେ ସଂସ୍କୃତ ଶିକ୍ଷା ଓ ଗୁରୁକୁଳ ଆନ୍ଦୋଳନର ମୁଖ୍ୟ ସୂତ୍ରଧର ଥିଲେ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ। ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଓଡ଼ିଶାର ଦଳିତ, ନିର୍ଯ୍ୟାତିତ, ଗିରିଜନ, ମାଳଅ ଳବାସୀଙ୍କୁ ସମାଜର ମୁଖ୍ୟସ୍ରୋତକୁ ଆଣିବାରେ ତାଙ୍କର ଅବଦାନକୁ ଓଡ଼ିଶାବାସୀ ଭୁଲିପାରିବେ ନାହିଁ। ମୁଖ୍ୟବକ୍ତା ଭାବେ ଯୋଗଦେଇ ପୂର୍ବତନ କୁଳପତି ପ୍ରଫେସର ଡ. ହରେକୃଷ୍ଣ ଶତପଥୀ କହିଲେ ଯେ, ସଂସ୍କୃତ ଭାଷା କୌଣସି ଏକ ଜାତିର ଭାଷା ନୁହେଁ, ଏହା ଓଡ଼ିଶାରେ ପ୍ରମାଣ କରି ଦେଖାଇ ଦେଇଛନ୍ତି ସ୍ୱାମୀ ବ୍ରହ୍ମାନନ୍ଦ। ଅନ୍ୟତମ ଅତିଥି ଯୁବ ସନ୍ନ୍ୟାସୀ ସ୍ୱାମୀ ଆଦିତ୍ୟବେଶ କହିଲେ ଯେ, ସ୍ୱାମିଜୀ ଓଡ଼ିଶାରେ ଯୁବକମାନଙ୍କ ପ୍ରେରଣାର ସ୍ରୋତ ଥିଲେ। ସ୍ୱାମୀ ଜଗନ୍ନାଥାନନ୍ଦ, ସ୍ୱାମିଜୀଙ୍କୁ ଜଣେ ସମାଜ ସଂସ୍କାରକ ବୋଲି କହିଥିଲେ। ତିରୁପତିର ପ୍ରଫେସର ସତ୍ୟନାରାୟଣ ଆଚ୍ରର୍ଯ୍ୟ ସ୍ୱାମିଜୀଙ୍କୁ ଜଣେ କର୍ମଯୋଗୀ ବୋଲି ବର୍ଣ୍ଣନା କରିଥିଲେ। ବିଶିଷ୍ଟ ସଂସ୍କୃତ ବିଦ୍ୱାନ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା କାର୍ଯ୍ୟକ୍ରମକୁ ସଂଚାଳନ କରିବା ସହ ସ୍ୱାମିଜୀ, 'ପରୋପକାରାୟ ସ୍ୱର୍ଗାୟ' ଶ୍ଳୋକର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ବୋଲି କିଥିଲେ। ଅନ୍ୟତମ ଅତିଥି ବିଶିଷ୍ଟ ଶିକ୍ଷାବିତ ଡଃ ବଦ୍ରୀନାଥ ପଟ୍ଟନାୟକ ଓ ଡଃ ସୌରେନ୍ଦ୍ର କୁମାର ମହାପାତ୍ର ସ୍ୱାମିଜୀଙ୍କୁ ମହାପୁରୁଷ ଭାବେ ବର୍ଣ୍ଣନା କରିଥିଲେ। ଗୁରୁକୁଳ ବେଦବ୍ୟାସ ଆଶ୍ରମର ଛାତ୍ର ପ୍ରଫେସର ବୁଦ୍ଧଦେବ ଷଡ଼ଙ୍ଗୀ କହିଲେ ଯେ, ସ୍ୱାମିଜୀ ଜଣେ ନିଚ୍ଛକ ସାଧକ ଥିଲେ। ନିନ୍ଦା, ପ୍ରଶଂସାରୁ ସେ ଊର୍ଦ୍ଧ୍ୱରେ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଯୁବ ଆର୍ଯ୍ୟସମାଜ ଓଡ଼ିଶା ସଭାପତି ପ୍ରବୀର ଆର୍ଯ୍ୟ ସ୍ୱାଗତ ଭାଷଣ ଦେଇଥିଲେ ଓ ଗୁରୁକୁଳ ବେଦବ୍ୟାସର ଟ୍ରଷ୍ଟି ତଥା ସମ୍ପାଦକ ରାମଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉପଲକ୍ଷେ ଆଜି ଦିବସବ୍ୟାପୀ କାର୍ଯ୍ୟକ୍ରମ ଜାରି ରହିଥିଲା। ପୂର୍ବାହ୍ନ ୮ ଘଟିକାରେ ଘରେ ଘରେ ଯଜ୍ଞ କାର୍ଯ୍ୟକ୍ରମକୁ ବରିଷ୍ଠ ଆର୍ଯ୍ୟ ସନ୍ନ୍ୟାସୀ ସ୍ୱାମୀ ପ୍ରଣବାନନ୍ଦ ସରସ୍ୱତୀ ଉଦ୍‌ଘାଟନ କରିଥିଲେ। ବୈଦିକ ଗୁରୁକୁଳ ଆଶ୍ରମ ବେଦବ୍ୟାସ ପକ୍ଷରୁ ଆୟୋଜିତ ୱେବିନାରରେ ଆଶ୍ରମର ମୁଖ୍ୟ ଅଧିଷ୍ଠାତା ଆଚ୍ରର୍ଯ୍ୟ ଡଃ ଦେବବ୍ରତ ପୌରହିତ୍ୟ କରିଥିଲେ ଓ ପଣ୍ଡିତ ଉମାକାନ୍ତ ପଣ୍ଡା ସଂଯୋଜନା କରିଥିଲେ। କରୋନା ପରିସ୍ଥିତିର ସଫଳ ମୁକାବିଲା ପାଇଁ ଆର୍ଯ୍ୟ ବୀରଦଳର ବହୁ ସଦସ୍ୟସଦ୍ୟାମାନେ ଶପଥ ନେଇଥିଲେ।

## ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ତରଫରୁ ମାର୍ଗଦର୍ଶିକା ଜାରି

ଭୁବନେଶ୍ୱର, ୧୫ ମଇ(ହି.ସ.) - ରାଜ୍ୟର ମହିଳା, ଶିଶୁ, କିଶୋରୀ, ଗର୍ଭବତୀ ଓ ପ୍ରସୂତିମାନଙ୍କୁ ସମନ୍ୱିତ ଶିଶୁବିକାଶ ଯୋଜନା ଅଧୀନରେ ଯୋଗାଇ ଦିଆଯାଉଥିବା ବହୁବିଧ ଅଙ୍ଗନବାଡ଼ି ସେବାରେ କୋଭିଡ୍-୧୯ ମାର୍ଗଦର୍ଶିକାର କଡ଼ାକଡ଼ି ଅନୁପାଳନ ନିମନ୍ତେ ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ବିଭାଗ ତରଫରୁ ଆବଶ୍ୟକୀୟ ମାର୍ଗଦର୍ଶିକା ଜାରି କରାଯାଇଛି। ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ୩୦ଟି ଜିଲ୍ଲାରେ କାର୍ଯ୍ୟ କରୁଥିବା ଡିଏସ୍‌ଡବ୍ଲ୍ୟୁ ଓ ଆଇସିଡିଏସ୍ କାର୍ଯ୍ୟକର୍ତ୍ତାମାନଙ୍କ ସହ ଭର୍ଚୁଆଲ ବୈଠକରେ ସମୀକ୍ଷା କରିବା ପରେ ନିର୍ଦ୍ଦେଶକ, ସମନ୍ୱିତ ଶିଶୁବିକାଶ ଏବଂ ସମାଜ କଲ୍ୟାଣ ଶ୍ରୀ ଅରବିନ୍ଦ ଅଗ୍ରୱାଲ ଏହି ମର୍ମରେ ଜିଲ୍ଲାପାଳମାନଙ୍କୁ ପତ୍ର ଲେଖିଛନ୍ତି। ପତ୍ରରେ ଉଲ୍ଲେଖ କରାଯାଇଛି, ସଂପ୍ରତି କୋଭିଡ୍-୧୯ର ଦ୍ୱିତୀୟ ଲହରୀ ଅତ୍ୟନ୍ତ ଘାତକ ସାବ୍ୟସ୍ତ ହୋଇଥିବାରୁ ଶିଶୁ, ଗର୍ଭବତୀ ଓ ପ୍ରସୂତିମାନଙ୍କ ପୁଷ୍ଟିସାଧନ, ସ୍ତନ୍ୟପାନ, ଅତିଶୟ ପୁଷ୍ଟିହୀନ ଶିଶୁମାନଙ୍କ(ସାମ୍) ସ୍ୱାସ୍ଥ୍ୟରକ୍ଷା, ଅଙ୍ଗନବାଡ଼ିରେ ହେଉଥିବା ମମତା ଦିବସ, ନିୟମିତ ଟିକାଦାନ ପ୍ରଭୃତି ବିଭିନ୍ନ କାର୍ଯ୍ୟକ୍ରମରେ କୋଭିଡ୍ ସଂପର୍କିତ ସାବଧାନତା ଅବଲମ୍ବନ କରିବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି। ଏହି ପରିପ୍ରେକ୍ଷୀରେ ଜାରି ମାର୍ଗଦର୍ଶିକାରେ କୁହାଯାଇଛି, ଆଇସିଡିଏସ୍ କ୍ଷେତ୍ର କର୍ମଚାରୀ ଓ ହିତାଧିକାରୀମାନେ ପରସ୍ପର ସହ ମତବିନିମୟ ସମୟରେ ମୁହଁ ଏବଂ ନାକକୁ ଢାଙ୍କି ମାସ୍କ ପିନ୍ଧିବା ଅନିର୍ବାର୍ଯ୍ୟ। ୨ ବର୍ଷରୁ ଊର୍ଦ୍ଧ୍ୱ ବୟସର ପ୍ରତ୍ୟେକ ଶିଶୁ ଘରୁ ବାହାରକୁ ଆସିଲେ ମାସ୍କ ପିନ୍ଧିବେ। ଏ ସଂପର୍କରେ ପିତାମାତାଙ୍କୁ ସଚେତନ କରାଯିବା ସହ ସେମାନେ ଏହା ସୁନିଶ୍ଚିତ କରିବେ। କୋଭିଡ୍-୧୯ରେ ସଂକ୍ରମିତ ଅଧିକାଂଶ ଶିଶୁ ଲକ୍ଷଣବିହୀନ ବା ଅଳ୍ପ ଲକ୍ଷଣଯୁକ୍ତ ହେଉଥିବାବେଳେ, ଯେଉଁଠାରେ ଶିଶୁ, ଗର୍ଭବତୀ ଓ ପ୍ରସୂତୀ ମହିଳା, କିଶୋରୀମାନଙ୍କ ନିକଟରେ ଥଣ୍ଡା, କାଶ, ଜ୍ୱର, ତରଳ ଝାଡ଼ା, ବାନ୍ତି, ପେଟବଥା, ସ୍ୱାଦ ଏବଂ ଗନ୍ଧ ବାରି ନ'ପାରିବା ଭଳି ଲକ୍ଷଣ ଏବଂ ଅନ୍ୟ କୌଣସି ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେଲେ ତୁରନ୍ତ କୋଭିଡ୍ ପରୀକ୍ଷା ଓ ଚିକିତ୍ସା କରିବା ସହ ସଙ୍ଗରୋଧରେ ରହିବେ। ସ୍ୱାସ୍ଥ୍ୟରେ ଅବନତି ଦେଖାଦେଲେ ଚିକିତ୍ସା ପାଇଁ ତୁରନ୍ତ ନିକଟସ୍ଥ ହସ୍‌ପିଟାଲ୍‌ରେ ଆଡ୍‌ମିଟ୍ କରାଯିବ। ଅଙ୍ଗନବାଡ଼ି କର୍ମୀମାନେ ହିତାଧିକାରୀଙ୍କ ଘରକୁ ଯାଇ ଶୁଖିଲା ରାସନ ବଂଟନଠାରୁ ଅଙ୍ଗନବାଡ଼ିରେ ହେଉଥିବା ମମତା ଦିବସ, ଟିକାକରଣ ଦିବସ ଆଦି ପାଳନ ସମୟରେ ଅତିକମ୍‌ରେ ୬ ଫୁଟ(ଦୁଇଗଜ)ର ଦୂରତା ଅବଲମ୍ବନ କରିବେ। ସଂକ୍ରମଣ ପ୍ରତିରୋଧ ନିମନ୍ତେ ସାବୁନ ଓ ପାଣିରେ ଅତି କମ୍‌ରେ ୪୦ ସେକେଣ୍ଡ ପର୍ଯ୍ୟନ୍ତ ହାତ ଧୋଇବା ଏବଂ ଆଲ୍‌କୋହଲ୍ ସାନିଟାଇଜରରେ ହାତ ସଫା କରିବା ସହ ମୁହଁ, ନାକ, ଆଖି ଆଦିକୁ ବାରମ୍ବାର ସ୍ପର୍ଶ ନକରିବାକୁ କୁହାଯାଇଛି। ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି ପାଇଁ ପୁଷ୍ଟିକର ଖାଦ୍ୟ ଖାଇବା, ପରିପୂରକ ପୁଷ୍ଟିସାଧନରେ ଦିଆଯାଉଥିବା ଖାଦ୍ୟକୁ ହିତାଧିକାରୀମାନେ ନିଶ୍ଚୟ ଖାଇବା ସହ ଆଇରନ୍/କ୍ୟାଲ୍‌ସିୟମ୍ ସେବନକୁ ସୁନିଶ୍ଚିତ କରିବା ନିମନ୍ତେ ନିୟମିତ ପରାମର୍ଶ ଦିଆଯିବ। ୦-୨ ବର୍ଷ ବୟସର ଶିଶୁଙ୍କୁ ସ୍ତନ୍ୟପାନ କରାଉଥିବା ମା' ଯଦି କୋଭିଡ୍‌ରେ ଆକ୍ରାନ୍ତ ହୁଅନ୍ତି, ତେବେ ସମସ୍ତ ସତର୍କତା ଅବଲମ୍ବନ କରି ଶିଶୁକୁ ସ୍ତନ୍ୟପାନ କରାଇବେ। ଶିଶୁମାନଙ୍କୁ ସଦ୍ୟ ପ୍ରସ୍ତୁତ ଲୁଣି, ମିଠା ଏବଂ ଚର୍ବିରହିତ ପୁଷ୍ଟିକର ଖାଦ୍ୟ ଦିଆଯିବ, ଯାହାଦ୍ୱାରା ସେମାନଙ୍କ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବ। ପୂର୍ବରୁ ଚିହ୍ନଟ ହୋଇଥିବା ସାମ୍, ମାମ୍ ଏବଂ ଅତିଶୟ ଅଳ୍ପ ଓଜନ ବିଶିଷ୍ଟ ଶିଶୁମାନଙ୍କ ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବା ନିମନ୍ତେ ସେମାନଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିବା ନିମନ୍ତେ ସିଡିପିଓ, ସୁପରଭାଇଜର ଏବଂ ଅଙ୍ଗନବାଡ଼ି କର୍ମୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କୋଭିଡ୍-୧୯ ଦ୍ୱିତୀୟ ଲହରୀ ପରିପ୍ରେକ୍ଷୀରେ ମଧ୍ୟ ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥାକୁ ନିୟମିତ ଭାବେ ତଦାରଖ କରାଯିବ, ଗର୍ଭବତୀ ଏବଂ ପ୍ରସୂତୀ ମହିଳା ତଥା ସାମ୍ ଓ ମାମ୍ ଶିଶୁମାନଙ୍କ ଘର ନିକଟରେ ପୁଷ୍ଟିକର ବଗିଚା ସୃଷ୍ଟିକୁ ଗୁରୁତ୍ୱ ଦିଆଯିବ, ଯାହାଦ୍ୱାରା ସେମାନେ ତାଜା ପନିପରିବା ପାଇପାରିବେ। ସାବଧାନତାର ସହ ପାଳନ କରିବାକୁ ସମସ୍ତ କ୍ଷେତ୍ର କର୍ମଚାରୀଙ୍କୁ ବିଭାଗ ତରଫରୁ ପରାମର୍ଶ ଦିଆଯାଇଛି।

## ଓଡ଼ିଶା ରାଜ୍ୟ ସମବାୟ ୟୁନିୟନ୍ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ୱେବିନାର ଆୟୋଜିତ

ଭୁବନେଶ୍ୱର, ୧୫ ମଇ(ହି.ସ.) - ରାଜ୍ୟରେ ଲୋକମାନଙ୍କର ଖାଦ୍ୟସୁରକ୍ଷାକୁ ସୁନିଶ୍ଚିତ କରିବା ଓ ଅର୍ଥନୈତିକ ଅଭିବୃଦ୍ଧି ଦିଗରେ କୃଷି ଓ କୃଷକମାନଙ୍କର ମହତ୍ୱପୂର୍ଣ୍ଣ ଭୂମିକା ରହିଛି। ଗତ ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କୋଭିଡ୍ -୧୯ ସ୍ଥିତି ଏବଂ ବର୍ତ୍ତମାନ କୋଭିଡ୍‌ର ଦ୍ୱିତୀୟ ଲହର ଯୋଗୁ ଉପୁଜିଥିବା କଠିନ ପରିସ୍ଥିତି ଓ ଲକ୍‌ଡାଉନ୍ ସମୟରେ ଅନ୍ୟସବୁ କ୍ଷେତ୍ରଗୁଡ଼ିକ ଅଧିକ ମାତ୍ରାରେ ପ୍ରଭାବିତ ହୋଇଥିବାବେଳେ କୃଷି କାର୍ଯ୍ୟ ଓ କୃଷି ଅଭିବୃଦ୍ଧି ହାର ସକରାତ୍ମକ ରହିଛି। ରାଜ୍ୟରେ ରେକର୍ଡ ପରିମାଣର ଧାନ ସଂଗ୍ରହ କରାଯାଇ ପାରିଛି ଏବଂ ଚଳିତ ଖରିଫ୍‌ରେ ମଧ୍ୟ ଭଲ ଫସଲ ଉତ୍ପାଦନର ଆଶା ରହିଛି। କୃଷକମାନଙ୍କ କଠିନ ପରିଶ୍ରମ ଓ ରାଜ୍ୟ ସରକାରଙ୍କ ସମୟୋଚିତ ପଦକ୍ଷେପ ଯୋଗୁ ଏହା ସମ୍ଭବ ହୋଇପାରିଛି ବୋଲି ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ଆଜି ଅକ୍ଷୟ ତୃତୀୟା ଓ କୃଷକ ଦିବସ ଅବସରରେ ଓଡ଼ିଶା ରାଜ୍ୟ ସମବାୟ ୟୁନିୟନ୍ ଆନୁକୂଲ୍ୟରେ ଆୟୋଜିତ ଏକ ରାଜ୍ୟସ୍ତରୀୟ ୱେବିନାରରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ସ୍ୱାଇଁ କୃଷକମାନଙ୍କୁ ଅକ୍ଷୟ ତୃତୀୟାର ଶୁଭେଚ୍ଛା ଜଣାଇ କହିଲେ ଯେ ରାଜ୍ୟର ୬୬ ପ୍ରତିଶତରୁ ଉର୍ଦ୍ଧ୍ୱ ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ କୃଷି କ୍ଷେତ୍ର ସହିତ ଜଡ଼ିତ ଥିବାରୁ ରାଜ୍ୟ ସରକାର କୃଷି ଓ କୃଷକଙ୍କ ବିକାଶକୁ ପ୍ରାଥମିକତା ପ୍ରଦାନ କରିବା ସହିତ ଅନେକଗୁଡ଼ିଏ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରୁଛନ୍ତି, ଯାହାର ଫଳସ୍ୱରୂପ ଧାନ ସମେତ ବିଭିନ୍ନ କୃଷି ଉତ୍ପାଦନ ରେ ଓଡ଼ିଶା ଆଜି ବଳକା ରାଜ୍ୟରେ ପରିଣତ ହୋଇପାରିଛି। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱ ରେ ରାଜ୍ୟ ସରକାର କୃଷକମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ସଦାସର୍ବଦା ଚେଷ୍ଟିତ। ରାଜ୍ୟ ସରକାର ଚଳିତ ଖରିଫରେ ଚାଷ କାର୍ଯ୍ୟ ନିମନ୍ତେ ସମବାୟ ସଂସ୍ଥା ମାଧ୍ୟମରେ ୯୦୦୦ କୋଟି ଟଙ୍କାର ସ୍ୱଳ୍ପ ମିଆଦି ଫସଲ ଋଣ ଯୋଗାଇଦେବା ପାଇଁ ବ୍ୟବସ୍ଥା କରିଛନ୍ତି। ଠିକ୍ ସମୟରେ ଋଣ ପରିଶୋଧ କରୁଥିବା ଚାଷୀମାନଙ୍କୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଫସଲ ଋଣ ଶୂନ ପ୍ରତିଶତ ସୁଧହାରରେ ଯୋଗାଇ ଦିଆଯାଇଛି। ଏହା ସହିତ ରିହାତି ହାରରେ ଉନ୍ନତ ମାନର ବିହନ, ସାର ଓ କୀଟନାଶକ ଔଷଧ ଯୋଗାଣ କରୁଛନ୍ତି।

**LSOT OF SALE DEED**

By virtue of an affidavit before notary Bhadrak. I Sri Tushar Kanta Sethy, aged about 33 years, S/o- Maheswaar Sethy, of Vill- Kushatikiri, Po- Dhanuurjaypur, Dist of Keonjhar do hereby solemnly affirm and declared that my original sale deed bearing sale deed no-106/600885 dt. 28.6. 2016 has been lost anywhere during my Motor cycle journey from Bonth to Sendhatira on 4.5.2021 at about 1.30 P.M.. So I Swear this Affidavit to produce it before the concerned authority for the above said purposes.

-Tushar kanta sethy

## ବରିଷ୍ଠ ନାଗରିକଙ୍କୁ ଆଣିବା ପାଇଁ ଘରକୁ ଯିବ ଭ୍ୟାନ୍

ଭୁବନେଶ୍ୱର,୧୬/୫ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ ଏକୁଟିଆ ରହୁଥିବା ବରିଷ୍ଠ ନାଗରିକମାନେ ୧୯୨୯ରେ ଫୋନ୍ କଲେ ଘରକୁ ଯିବ ଭ୍ୟାନ୍। ଆଉ ସେଥିରେ ସେମାନେ ଯାଇ କରୋନା ଟଷ୍ଟିଂ ପାଇଁ ନମୂନା ଦେଇପାରିବେ ଓ ଟିକା ନେଇପାରିବେ। ଆସନ୍ତା ସୋମବାରଠାରୁ ଏହି ବ୍ୟବସ୍ଥା କେବଳ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଞ୍ଚଳରେ ଆରମ୍ଭ ହେବାକୁ ଯାଉଛି। ଏନେଇ ସୂଚନା ଦେଇଛନ୍ତି ବିଏମ୍?ସି କମିଶନର ସଞ୍ଜୟ କୁମାର ସିଂ। ଶ୍ରୀ ସିଂ କହିଛନ୍ତି- "ବିଏମ୍‌ସି ଅଞ୍ଚଳରେ ଏକଟୁଆ ରହୁଥିବା ୬୦+ ବରିଷ୍ଠ ନାଗରିକମାନେ ଟେଷ୍ଟିଂ ସେଣ୍ଟରକୁ ଯାଇପାରୁନାହାନ୍ତି। ସେମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସେମାନେ ଚାହିଁଲେ ୧୯୨୯ରେ ଫୋନ୍ କରି ନିଜର ସମ୍ପୂର୍ଣ୍ଣ ତଥ୍ୟ ଦେଇପାରିବେ। ତା'ପରେ ସେମାନଙ୍କ ପାଖକୁ ନମୂନା ସଂଗ୍ରହ ପାଇଁ ଭ୍ୟାନ୍ ଯିବ। ଆସନ୍ତା ସୋମବାରଠାରୁ ଏହି ସେବା ମିଳିବ। ଟେଷ୍ଟିଂ ପରି ଏକୁଟିଆ ରହୁଥିବା ୬୦+ ବରିଷ୍ଠ ନାଗରିକଙ୍କୁ ଟିକାକରଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ୧୯୨୯କୁ ଫୋନ୍ କଲେ, ସେମାନଙ୍କ ପାଖକୁ ଭ୍ୟାନ୍ ଯିବ। ସେମାନେ ସେହି ଭ୍ୟାନ୍‌ରେ ଆସି ଟିକା ନେବେ। ପରେ ସେହି ଭ୍ୟାନ୍‌ରେ ଘରକୁ ଫେରିବେ। ଏହାଛଡ଼ା ବିଏମ୍‌ସି ଅଞ୍ଚଳରେ ଟେଷ୍ଟିଂକୁ ବଢ଼ାଇବା ପାଇଁ ବ୍ୟବସ୍ଥା କରାଯାଉଛି। ପ୍ରାୟତଃ ସୋମବାରଠାରୁ ଟେଷ୍ଟିଂକୁ ବଢ଼ାଇବାର ବ୍ୟବସ୍ଥା କରାଯିବ।" ରାଜଧାନୀବାସୀଙ୍କୁ ସେ ଅପିଲ୍ କରି କହିଛନ୍ତି-"ଅତି ଆବଶ୍ୟକତା ନଥିଲେ ଘରୁ ବାହାରନ୍ତୁନାହିଁ। ଯଦି କୌଣସି କାମରେ ବାହାରକୁ ଯାଉଛନ୍ତି, ତା'ହାହେଲେ ମାସ୍କ ପିନ୍ଧନ୍ତୁ। ସାମାଜିକ ଦୂରତା ବଜାୟ ରଖନ୍ତୁ। ଗହଳି ସ୍ଥାନଠାରୁ ସବୁବେଳେ ଦୂରେଇ ରୁହନ୍ତୁ। ଘରକୁ ଫେରିବା ପରେ ହାତ ଧୋଇବା ଓ ସାନିଟାଇଜ୍ କରନ୍ତୁ। ଏହା ସତ୍ତ୍ୱେ ଯଦି କରୋନାର ଲକ୍ଷଣ ଦେଖାଦେଉଛି, ତାକୁ ହେୟଜ୍ଞାନ ନକରି ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।" ସେ ଆହୁରି କହିଛନ୍ତି-"କରୋନା ସମ୍ପର୍କରେ ସୂଚନା ଦେବା ପାଇଁ ବିଏମ୍‌ସି ପକ୍ଷରୁ କଲ୍ ସେଣ୍ଟରର ବ୍ୟବସ୍ଥା କରାଯାଇଛି। ଟେଲିଫୋନ୍ ନମ୍ବର ୧୯୨୯ ରେ ଫୋନ୍ କରିବାକୁ କୁହାଯାଇଛି। ଏହି କଲ୍ ସେଣ୍ଟର ୨୪ ଘଣ୍ଟା କାମ କରୁଛି। ପୂର୍ବରୁ ଏହି କଲ୍ ସେଣ୍ଟରରେ ୨୫ଟି ଲାଇନ୍ ଥିଲା। ଏବେ ଏହାକୁ ଆହୁରି ସୁଦୃଢ଼ କରାଯାଇଛି। ଆଉ ୫ଟି ଲାଇନ୍ ବଢ଼ାଯାଇଛି। ସେଥିରେ ଫୋନ୍ କରି ଡାକ୍ତରଙ୍କ ପରାମର୍ଶ ନେଇପାରିବେ।"

## ବିଧାୟଙ୍କ ସୁରେଶ କୁମାର ରାଉତରାୟଙ୍କ ଦ୍ୱାରା ଅଖିମୁଠି ଅନୁକୂଳ

ଭୁବନେଶ୍ୱର,୧୬/୫ (ନି.ପ୍ର):ଜଟଣୀ ବିଧାୟକ ଶ୍ରୀ ସୁରେଶ କୁମାର ରାଉତରାୟ ଆଜି ଜଟଣୀ ବ୍ଲକ ଅନ୍ତର୍ଗତ ଅଙ୍ଗାରପଡ଼ା ପଂଚାୟତର ପାଣିଓରା ଗ୍ରାମରେ ଅଖିମୁଠି ଅନୁକୂଳ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଶ୍ରୀ ରାଉତରାୟ କହିଛନ୍ତି ଯେ ଅକ୍ଷୟତୃତୀୟାରେ ଚାଷ କାର୍ଯ୍ୟର ଶୁଭାରମ୍ଭ ହେଉଥିବା ପାଇଁ ଏହି ଦିନଟି ଚାଷୀକୂଳ ପାଇଁ ଏକ ପବିତ୍ର ଦିନ ଭାବେ ଗ୍ରହଣ କରାଯାଏ। ସେଥିପାଇଁ ଚାଷୀପୁଅ କ୍ଷେତକୁ ଯାଇ ପୂଜାର୍ଚ୍ଚନା କରିବା ସହ ଏବର୍ଷ ଚାଷରେ ସଫଳ ହେବାପାଇଁ କାମନା କରିଥାଏ। ଏ ପରମ୍ପରା କାଳ କାଳ ଧରି ଚାଲୁ ରହିଛି। ଚାଷୀଭାଇ ଯିଏ ନିସ୍ୱାର୍ଥପର ସମଦାନ କରି ମଣିଷ ସମାଜକୁ ବଂଚାଇଥାଏ ଆଜି ସିଏ ନିଜର କର୍ମପ୍ରତି ନିବେଦିତ ହୋଇ ଚାଷ କାର୍ଯ୍ୟ ଆରମ୍ଭ କରେ।

## ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ୍ ଟୁରରେ ଲାଂଜିଆ ସଉରା ଜନଜାତିଙ୍କର ସୋପାନ କୃଷି

ଭୁବନେଶ୍ୱର,୧୬/୫ (ନି.ପ୍ର): ମହାମାରୀ କରୋନା ଯୋଗୁଁ ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟ ବନ୍ଦ ରହିଥିବାରୁ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ପ୍ରତ୍ୟେକ ରବିବାର ଦିନ ସଂଗ୍ରହାଳୟକୁ ଭର୍ଚୁଆଲ୍ ଟୁର୍ ର ବ୍ୟବସ୍ଥା କରାଯାଇଛି। ଦର୍ଶକମାନେ ଫେସ୍‌ବୁକ୍ ଓ ଟୁଇଟର ପେଜ୍ ରେ ଆସନ୍ତାକାଲି (ରବିବାର) ଲାଂଜିଆ ସଉରା ଜନଜାତିଙ୍କର ସୋପାନ କୃଷି ଓ ଜଳ ପରିଚାଳନା ବ୍ୟବସ୍ଥାରେ ଦେଶୀୟ ଜ୍ଞାନକୌଶଳ ସଂପର୍କରେ ଜାଣିପାରିବେ ବୋଲି ଏସ୍‌ସିଏସ୍‌ଟିଆରଟିଆଇର ନିର୍ଦ୍ଦେଶକ ପ୍ରଫେସର ଡକ୍ଟର ଅଖିଳ ବିହାରୀ ଓତା ପ୍ରକାଶ କରିଛନ୍ତି। ଲାଂଜିଆ ସଉରା ଜନଜାତି ମୁଖ୍ୟତଃ ସେମାନଙ୍କର କୃଷି ଅର୍ଥନୀତିର ଅଭିବୃଦ୍ଧି ନିମନ୍ତେ ବର୍ଷାଜଳ ଉପରେ ନିର୍ଭର କରିଥାନ୍ତି। ଏହି ଜନଜାତିଙ୍କର ପରିବେଶ ବିଜ୍ଞାନ ଓ ପରିବେଶ ସେବା ସଂପର୍କରେ ବିଶେଷ ଜ୍ଞାନ ଓ ଉପଲବ୍ଧି ରହିଛି। ଚାଷ ଜମିର ଉପଯୋଗ କରି ସେମାନେ ଜୀବିକା ନିର୍ବାହ କରିଥାନ୍ତି। ନିଜସ୍ୱ ଜ୍ଞାନକୌଶଳ ମାଧ୍ୟମରେ ସେମାନେ ବର୍ଷାଜଳର ସଦୁପଯୋଗ ଓ ସଂରକ୍ଷଣ କରିଥାନ୍ତି। ଲାଂଜିଆ ସଉରା ସଂପ୍ରଦାୟ ସୋପାନ ନିର୍ମାଣ, ଜଳନିର୍ଗମ ପଥର ପରିଚାଳନା, ସୋପାନ ଜମିରେ ଜଳ ସେଚନ ପରିଚାଳନା କ୍ଷେତ୍ରରେ ର ପାରମ୍ପରିକ ଅଭିଜ୍ଞତା ଓ ଦେଶୀୟ ଜ୍ଞାନର ଉପଯୋଗ କରିଥାନ୍ତି। ଭିଡ଼ିଓରେ ଲାଂଜିଆ ସଉରା ଜନଜାତି ସଂପ୍ରଦାୟ ଧାନଚାଷ ନିମନ୍ତେ କିଭଳି ଜଳ ପରିଚାଳନାର ଦେଶୀୟ କୌଶଳ ଅନୁସରଣ କରିଥାନ୍ତି ସେ ସଂପର୍କରେ ପ୍ରଦର୍ଶିତ ହୋଇଛି।

## ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ଅକାଳ ବିୟୋଗ



ଜଳେଶ୍ୱର,୧୬/୫ (ନି.ପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ ଛମୌଜ ସ୍ୱାସ୍ଥ୍ୟକେନ୍ଦ୍ରର କାର୍ଯ୍ୟରତ ମହିଳା ସ୍ୱାସ୍ଥ୍ୟକର୍ମୀ ସିଦ୍ଧେଶ୍ୱରୀ ସେଠୀ(୫୮)ଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଛି । ପୌରପରିଷଦର ୮ନଂ ୱାର୍ଡ ପଂଚୁଘଣ୍ଟା ଠାରେ ଥିବା ତାଙ୍କର ବାସସ୍ଥାନରେ ଶୁକ୍ରବାର ଅପରାହ୍ନରେ ହଠାତ୍ ଅସୁସ୍ଥ ହୋଇ ପଡିଥିଲେ । ତାଂକୁ ସଂଗେ ସଂଗେ ଡାକ୍ତରଖାନାକୁ ନେବାପାଇଁ ପ୍ରସ୍ତୁତ ହେଉଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା । ସେ ପ୍ରଧାନ ଶିକ୍ଷକ ରଘୁନାଥ ସେଠୀଙ୍କ ଧର୍ମପତ୍ନୀ ଥିଲେ । ସେ ଜଣେ ଦକ୍ଷ ସ୍ୱାସ୍ଥ୍ୟକର୍ମୀ ଭାବେ ବେଶ ଏ ଅଂଚଳରେ ଜଣାଶୁଣା ଥିଲେ । ତାଙ୍କ ଅକଳ ମୃତ୍ୟୁରେ ଜଳେଶ୍ୱର ଅଂଚଳରେ ଶୋକର ଛାୟା ଖେଳି ଯାଇଛି ।

## ଗାଁ ଦାଣ୍ଡରେ ତାଣ୍ଡବ କରୁଛି ଜଙ୍ଗଲ ଭାଲୁ: ଲୋକେ ଆତଙ୍କିତ

ନୀଳଗିରି,୧୬/୦୫ (ନି.ପ୍ର): ଗାଁ ଦାଣ୍ଡରେ ଏକ ଜଙ୍ଗଲୀ ଭାଲୁ ତାଣ୍ଡବ କରୁଥିବା ବେଳେ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଛି । ନୀଳଗିରି ବନବିଭାଗ ଅଧିନସ୍ଥ ଅଯୋଧା ଗାଁରେ ଏକ ଜଙ୍ଗଲୀ ଭାଲୁ ଖାଦ୍ୟ ଅନ୍ୱେଷଣରେ ଗାଁ ଭିତରକୁ ପଶି ଆସିଥିବା ବେଳେ ଗାଁରେ ତାଣ୍ଡବ କରି ଶେଷରେ ଶେରା ଇଟାଭାଟି ଦେଇ ସତ୍ୟନାରାୟଣ ମିଶ୍ରଙ୍କ ବାଡ଼ିରେ ରହିଥିବା ଜଣାପଡ଼ିଛି । ଏ ନେଇ ବନବିଭାଗ ପାଖରେ ଖବର ନ ଥିବା ବେଳେ ଭାଲୁଟିକୁ ଘଉଡ଼ାଇବା ପାଇଁ ଅଞ୍ଚଳବାସୀ ଦାବୀ କରିଛନ୍ତି ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୨୨ ଗିରଫ, ୧୧୦ ବାହନ ଜବତ

ଭୁବନେଶ୍ୱର,୧୬/୦୫ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୨୨ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୧୧୦ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୧୬,୩୭,୯୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# ସଟଡାଉନରେ ଗାଁରେ ବସୁଛି ଦୋକାନ : ଜମୁଛି ଭିଡ

ବାଲିଆପାଳ,୧୬/୦୫ (ନି.ପ୍ର): କରୋନା ସଂକ୍ରମଣକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସରକାର ଲକଡାଉନ ଏବଂ ସଟଡାଉନ ଲଗାଇଛନ୍ତି । ପ୍ରତି ଶନିବାର ଓ ରବିବାର ସାପ୍ତାହିକ ସଟ ଡାଉନରେ ଅତ୍ୟନ୍ତ ଆବଶ୍ୟକ ନପଡିଲେ କେହି ପଦାକୁ ନଆସିବାକୁ ନିର୍ଦ୍ଦେଶ ଦିଆଯାଇଛି । ହେଲେ ବାଲିଆପାଳ ବ୍ଲକରେ ଅନେକ ସ୍ଥାନରେ ଏହି ନିୟମକୁ 'ଫୁ' କରି ଉଡାଇ ଦେଉଥିବା ଦେଖିବାକୁ ମିଳିଛି । ସଟ ଡାଉନ ଯୋଗୁଁ ବାଲିଆପାଳ ବ୍ଲକର ମୁଖ୍ୟ ବଜାର ସମୁଳିଆ ବଜାର, ପାରୁଳିଆଛକ, ଜାମକୁଣ୍ଡା ଛକ, ବସଷ୍ଟାଣ୍ଡ, କାଳିପଦା ବଜାର, ଲଙ୍ଗଳେଶ୍ୱର ବଜାର ପ୍ରଭୃତି ମୁଖ୍ୟ ବଜାରରେ ସମସ୍ତ ଦୋକାନ ବଜାର ବନ୍ଦ ରହୁଛି । ତେବେ ଏହି ଲକଡାଉନ ଏବଂ ସଟଡାଉନ ସମୟରେ ପୋଲିସ ଏବଂ ପ୍ରଶାସନର ଢିଲା ମନୋଭାବ ଯୋଗୁଁ ଏହି ସଟଡାଉନ ର ମାନେ କିଛି ରହୁ ନାହିଁ ।କାଁ ଭାଁ ପୋଲିସ ଏବଂ ତହସିଲ ଗାଡି ମୁଖ୍ୟ ରାସ୍ତାରେ ଚକର କାଟୁଛନ୍ତି । ଫଳରେ ମୁଖ୍ୟ ରାସ୍ତାକୁ ଛାଡି ଦେଲେ ଏବେ ଗାଁ ଗଳି କନ୍ଦିରେ ହାଟର ଭ୍ରମ ସୃଷ୍ଟି ହେଉଛି । ବାସୁଦେବପୁର, ଖାଳଡିହା ରାସ୍ତା, ପଞ୍ଚରୁଖି, ମଧୁପୁରା, କାଳରୂଇ, ଯମୁନାଶୂଳ, ଜାମକୁଣ୍ଡା, ବିଷ୍ଣୁପୁର, ବଢାପାଳ ପ୍ରଭୃତି ବହୁ ସ୍ଥାନରେ ମାଛ ଠାରୁ ଆରମ୍ଭକରି ପନିପରିବା ଦୋକାନ ଖୋଲା ରହୁଛି । ସେହିପରି ଖଗଡପାଳ, ହାସିମପୁର, ଦେଭୋଗ ସମେତ ଗ୍ରାମାଞ୍ଚଳରେ ବିଭିନ୍ନ ସ୍ଥାନରେ ମାଂସ ଦୋକାନ ଖୋଲି ଖୋଲା ଖୋଲି ବିକ୍ରି ହେଉଛି । ତେବେ ଏହିସବୁ ଦୋକାନରୁ ଜିନିଷ କିଣିବା ପାଇଁ ଗ୍ରାହକମାନଙ୍କ ପ୍ରବଳ ଭିଡ ଜମିଥିଲା ।କରୋନା ବ୍ୟାପିବାର ଆଶଙ୍କା ରହିଥିଲେ ମଧ୍ୟ ବ୍ୟବସାୟୀ ଓ ଗ୍ରାହକ ଏଥିପ୍ରତି ଖାତିର କରୁନଥିବା ମନେ ହୋଇଥିଲା । କରୋନାର ପ୍ରଥମ ଲହରୀରେ ପ୍ରସାସନ ପକ୍ଷରୁ ନିୟମ କଡାକଡି ଭାବେ ପାଳନ କରାଯାଇଥରବା ବେଳେ ସମ୍ପ୍ରତି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ଫଳରେ ଲୋକମାନେ କଟକଣା ସତ୍ତ୍ୱେ ବାହରକୁ ଆସି ଭିଡ ଜମାଉଥିବା ଏବଂ ବ୍ୟବସାୟୀମାନେ ନିର୍ଭୟରେ ବେପାର କରୁଥିବା ଅଭିଯୋଗ ହେଉଛି । ଏଥିଯୋଗୁଁ କରୋନା ସଂକ୍ରମଣ ଚେନ ଭାଙ୍ଗିବା ବଦଳରେ ଗୋଷ୍ଠିସଂକ୍ରମଣ ହେବାର ଆଶଙ୍କା ପ୍ରକାଶ ପାଇଛି । ପ୍ରଶାସନ ଏ ନେଇ ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ସାଧାରଣରେ ଦାବୀ କରାଯାଇଛି ।

## ହରିଆନାରେ ୨୪ ମଇ ପର୍ଯ୍ୟନ୍ତ ବଢ଼ିଲା ଲକ୍‌ଡାଉନ

ଚଣ୍ଡିଗଡ,୧୬/୦୫ (ନି.ପ୍ର): ହରିଆନାରେ ଚାଲିଥିବା ଲକ୍‌ଡଉନକୁ ୨୪ ମଇ ପର୍ଯ୍ୟନ୍ତ ବଢ଼ାଇବା ପାଇଁ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମନୋହର ଲାଲ । ପ୍ରଦେଶରେ ଚାଲିଥିବା ଲକ୍‌ଡାଉନର ସମୟସୀମା ସୋମବାର ଦିନ ଶେଷ ହୋଇଯାଉଛି । ଏଥି ପୂର୍ବରୁ ସରକାର ଦ୍ୱିତୀୟଥର ଲକଡାଉନକୁ ୧ ସପ୍ତାହ ପର୍ଯ୍ୟନ୍ତ ବଢ଼ାଇଦେଇଛନ୍ତି । ହରିଆନାରେ ମଇ ୩ ରୁ ଲଗାତର ଲକ୍‌ଡାଉନ ଚାଲିଛି । ଗତ ସପ୍ତାହରେ ସରକାର ଏହାକୁ ମହାମାରୀ ସୁରକ୍ଷିତ ହରିଆନାର ନାମଦେଇଥିଲେ, ଯେଉଁଥିରେ ପୂର୍ବରୁ ଚାଲିଥିବା ଲକ୍‌ଡାଉନ ନିୟମରେ ଅନେକ ପରିବର୍ତନ କରାଯାଇଥିଲା । ରବିବାର ଦିନ ମୁଖ୍ୟମନ୍ତ୍ରୀ ମନୋହରଲାଲ ସ୍ୱାସ୍ଥ୍ୟ ମନ୍ତ୍ରୀ ଅନିଲ ବିଜଙ୍କ ସହିତ ବିଚାର ବିମର୍ଷ ପରେ ଏହାକୁ ଏକ ସପ୍ତାହ ବଢ଼ାଇବା ପାଇଁ ଘୋଷଣା କରି କହିଛନ୍ତି ଯେ, ଗତ କିଛି ଦିନରେ କରୋନା ରୋଗୀଙ୍କ ସଂଖ୍ୟା କମ୍ ଆସିବାରେ ଲାଗିଛି । ରାଜ୍ୟରେ ୧,୧୬,୦୦୦ ସକ୍ରିୟ ମାମଲା ଥିବା ବେଳେ ଏବେ ଏହା ୯୬,୦୦୦ ରହିଛି । ପୂର୍ବରୁ ପ୍ରତିଦିନ ନୂଆ ରୋଗୀଙ୍କ ସଂଖ୍ୟା ୧୫,୦୦୦ ପାଖାପାଖି ଥିଲା ଏବେ ଏହା ୯,୬୦୦ କୁ ଖସିଆସିଛି । ଏବେ ଆମେ ଏହି ସ୍ଥିତିରେ କହିବା ନାହିଁଯେ, କରୋନା ଉପରେ ଆମେ ପୁରା କାବୁ କରିପାରିଛେ । ଏଭଳି ପରିସ୍ଥିତିରେ ବର୍ତମାନର କଠୋରତା ଜାରି ରଖିବାର ଆବଶ୍ୟକତା ରହିଛି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କରୋନା ମହାମାରୀ ସୁରକ୍ଷିତ ହରିଆନା ର ଅଭିଯାନ ୨୪ ମଇ ସକାଳ ୫ ଟା ପର୍ଯ୍ୟନ୍ତ ଜାରି ରହିବ ।

## ଉତ୍କଳ ଜନନୀ ସେବା ସଂଗଠନ ପକ୍ଷରୁ ସାନିଟାଇଜେସନ୍



ଜଳେଶ୍ୱର,୧୬/୫ (ନି.ପ୍ର) : ଉତ୍ତର ବାଲେଶ୍ୱରର ଏକ ଛାମୁଆ ସଂଗଠନ ଉତ୍କଳ ଜନନୀ ସେବା ସଂଗଠନ ପକ୍ଷରୁ ଜଳେଶ୍ୱର ଓ ଭୋଗରାଇର କେତେକ ହସ୍‌ପିଟାଲ, ଥାନା ଓ ଫାଣ୍ଡିକୁ ସାନିଟାଇଜ୍ କରାଯାଇଛି । ଅକ୍ଷୟ ତୃତୀୟା ପରିପ୍ରେକ୍ଷୀରେ ଏହାର ଶୁଭାରମ୍ଭ କରାଯାଇଥିଲା । ଭୋଗରାଇ ବ୍ଲକର ତାଳସାରୀ ମେରାଇନ୍ ଥାନା, ଭୋଗରାଇ ଥାନା, ଜଳେଶ୍ୱରପୁର ହସ୍‌ପିଟାଲ, ଭୋଗରାଇ ଫାଣ୍ଡି, କମର୍ଦ୍ଦା ଥାନା ଓ ହସ୍‌ପିଟାଲ ସହିତ ଜଳେଶ୍ୱର ବ୍ଲକର ନାମ୍ପୋ ଫାଣ୍ଡି ଓ ଜଳେଶ୍ୱର ଥାନାକୁ ସାନିଟାଇଜ୍ କରିଛନ୍ତି । ଏହି ସବୁ ସ୍ଥାନମାନଙ୍କରେ ଜନଗହଳି ଲାଗି ରହୁଥିବାରୁ କରୋନା ଭୂତାଣୁକୁ ନଷ୍ଟ କରିବା ଲାଗି ଏପରି କାର୍ଯ୍ୟ ହାତକୁ ନେବା ସହିତ ଲୋକମାନଙ୍କୁ ବିଭିନ୍ନ ଉପାୟରେ ସଚେତନ କରାଇଥିଲେ । ଆସନ୍ତା ଦିନରେ ଏପରି କାର୍ଯ୍ୟକ୍ରମ ବ୍ୟାପକ କରାଯିବ ବୋଲି ସଂଗଠନର ସଭାପତି ହେମନ୍ତ ଜେନା, ସଂପାଦକ ସନ୍ଦୀପ କୁମାର ମହାନ୍ତି, ଅଜିତ୍ କୁମାର ଜେନା ପ୍ରମୁଖ ସୂଚନା ଦେଇଛନ୍ତି ।

## ସଟଡାଉନରେ ବାର୍ ପଛପଟ ଦେଇ ଚାଲିଥିଲା ମଦକାରବାର : ବାଲିଆପାଳ ତହସିଲ ପକ୍ଷରୁ ସିଲ୍ ହେଲା ଦୋକାନ

ବାଲିଆପାଳ,୧୬/୦୫ (ନି.ପ୍ର): ବାଲିଆପାଳ ତହସିଲ ଅନ୍ତର୍ଗତ ଘଣ୍ଟିଆଡି ଛକରେ ଥିବା ଏକ ବାରକୁ ବାଲିଆପାଳ ତହସିଲ ପକ୍ଷରୁ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ସିଲ କରାଯାଇଛି ।ରାଜ୍ୟ ସରକାର ଲକ ଡାଉନ ସମୟରେ ସକାଳ ୬ଟାରୁ ଦିନ ୧୨ଟା ପର୍ଯ୍ୟନ୍ତ କେବଳ ଅନଲାଇନ ଅର୍ଡର ମୁତାବକ ହୋମ ଡେଲିଭରି ଦେବାକୁ ନିୟମ ପ୍ରଣୟନ କରିଛନ୍ତି । ତେବେ ସାପ୍ତାହିକ ସଟଡାଉନରେ ମଦ ଦୋକାନ ବନ୍ଦ ରହିବାର ନିୟମ ରହିଛି । ଏହି ନିୟମକୁ ଅମାନ୍ୟକରି ଘଣ୍ଟିଆଡି ଛକରେ ଥିବା ମଦ ବାର ପଛପଟ ଦୁଆର ଖୋଲି ମଦ ବିକ୍ରିକରୁଥିବା ଅଭିଯୋଗ ପାଇ ବାଲିଆପାଳ ତହସିଲଦାର ଦୀପକ କୁମାର ଦାସ ବାଲିଆପାଳ ପୋଲିସ ଟିମ ସହ ସେଠାରେ ଚଢାଉ କରିଥିଲେ । ନିୟମ ଉଲଂଘନ କରି ମଦ ବିକ୍ରି କରୁଥିବାରୁ ଏହି ବାରକୁ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ସିଲ କରିଦେଇଥିଲେ । ସରକାରଙ୍କ ନିୟମକୁ ଉଲଂଘନକରିଥରବାରୁ ଏହି ବାର ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ପାଇଁ ଦାବୀ ହୋଇଛି ।

## ସାଇକେଲରେ ବୁଲି ବୁଲି କରୋନା ସଚେତନର ବାର୍ତ୍ତା ଦେଲେ ଯୁବକ

ନୀଳଗିରି,୧୬/୦୫ (ନି.ପ୍ର): କରୋନା ମହାମାରୀରୁ ରକ୍ଷା ପାଇଁ ନୀଳଗିରି ଅଯୋଧ ଗ୍ରାମର ଅକ୍ଷୟ ଧଳ ଅଯୋଧା ପଞ୍ଚାୟତର ସମସ୍ତଗାଁ ଗାଁ ସାଇକେଲରେ ବୁଲି ମାଇକ ଧରି କରୋନା ବାବଦରେ ସଚେତନ କରାଇଛନ୍ତି । ରାଜ୍ୟ ସରକାର ଲକଡାଉନ, ସଟଡାଉନକୁ ମାନିବା ପାଇଁ ସଚେତନ କରାଉଥିବା ବେଳେ ଘରେ ଘରେ ବୁଲି ସାନିଟାଇଜ, ମାକ୍ସ ବାଣ୍ଟୁଥିବା ଦେଖିବାକୁ ମିଳିଛି । ଅକ୍ଷୟଙ୍କର ଏଭଳି ସଚେତନ କାର୍ଯ୍ୟକ୍ରମକୁ ସାଧାରଣରେ ବେଶ୍ ପ୍ରଶଂସା କରାଯାଉଥିବା ଦେଖିବାକୁ ମିଳିଛି ।

## ରାଜ୍ୟରେ ଗତ ୨୪ ଘଂଟାରେ କରୋନାରେ ୧୯ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୧୬/୦୫ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ କରୋନାରେ ୧୯ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୨୩୧୩ ହୋଇ ଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତଥ୍ୟ ଅନୁସାରେ ଖୋର୍ଦ୍ଧାରୁ ସର୍ବାଧିକ ୪ଜଣ କରୋନାରେ ଜୀବନ ହାରିଛନ୍ତି । ସେହିପରି ଅନୁଗୋଳ, ରାୟଗଡା ଜିଲ୍ଲାରୁ ୩-୩ ଜଣ, ନୂଆପଡା ଓ ସୁନ୍ଦରଗଡ ଜିଲ୍ଲାରୁ ୨-୨ ଜଣ, ଗଜପତି, କେନ୍ଦ୍ରାପଡା, ନବରଙ୍ଗପୁର, ନୟାଗଡ ଓ ପୁରୀ ଜିଲ୍ଲାରୁ ଜଣେ ଲେଖାଏଁ ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଗୋଟିଏ ଦିନରେ ୧୧୭୩୨....

ଗତ ୨୪ ଘଂଟା ମଧରେ ଅନୁଗୁଳ ଜିଲ୍ଲାରୁ ୭୦୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୪୭୨ଜଣ, ବରଗଡ଼ରୁ ୩୬୩ ଜଣ, ଭଦ୍ରକରୁ ୪୧୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୪୦୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୨୭୭, କଟକରୁ ୮୭୦ ଜଣ, ଦେବଗଡ ଜିଲ୍ଲାରୁ ୧୨୯ ଜଣ, ଢେଙ୍କାନାଳ ଜିଲ୍ଲାରୁ ୧୫୩ ଜଣ, ଗଜପତି ଜିଲ୍ଲାରୁ ୭୭, ଗଞ୍ଜାମରୁ ୨୫୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୩୩୦ ଜଣ, ଯାଜପୁରରୁ ୩୮୩ ଜଣ, ଝାରସୁଗୁଡ଼ାରୁ ୩୯୧ ଜଣ, କଳାହାଣ୍ଡିରୁ ୨୭୪ ଜଣ, କନ୍ଧମାଳ ଜିଲ୍ଲାରୁ ୮୪ ଜଣ. କେନ୍ଦ୍ରାପଡ଼ାରୁ ୧୩୮ ଜଣ, କେନ୍ଦୁଝରରୁ ୨୨୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୧୭୧୦ ଜଣ, କୋରାପୁଟରୁ ୨୮୯ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୧୪୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୪୧୮ ଜଣ, ନବରଙ୍ଗପୁରରୁ ୪୧୭ ଜଣ, ନୟାଗଡ଼ରୁ ୨୬୧ ଜଣ, ନୂଆପଡ଼ାରୁ ୨୨୦ ଜଣ, ପୁରୀରୁ ୩୯୦ ଜଣ, ରାୟଗଡ଼ାରୁ ୨୪୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୫୩୮ ଜଣ, ସୋନପୁରରୁ ୨୫୫ ଜଣ, ସୁନ୍ଦରଗଡ଼ରୁ ୬୪୧ ଜଣ ଓ ଷ୍ଟେଟ୍ ପୁଲରୁ ୨୬୭ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

### ହରିୟାଣାରେ ପାନିପଥ ରିଫାଇନାରୀ....

ବିଶିଷ୍ଟ କୋଭିଡ୍ ବେଡ୍ ସହ ତେଜ୍ ବାହାଦୁର ସଞ୍ଜିବନୀ ହସ୍ପିଟାଲର ଲୋକାର୍ପଣ କରିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ସଞ୍ଜିବନୀ ହସ୍ପିଟାଲ୍‌ରେ ବ୍ୟବସ୍ଥିତ ପ୍ରତ୍ୟେକ ଶଯ୍ୟାକୁ ଅକ୍ସିଜେନ୍ ଯୋଗାଯିବାର ବ୍ୟବସ୍ଥା କରାଯାଇଛି । ଇଣ୍ଡିଆନ ଅଏଲ ମାଗଣାରେ ଏହି ହସ୍ପିଟାଲକୁ ୧୫ ମେଟ୍ରିକ୍ ଟନ ଗ୍ୟାସୀୟସ ଅକ୍ସିଜେନ୍ ଯୋଗାଇବ । ପାନିପଥ ରିଫାଇନାରୀର ଏମଇଜି ପ୍ଲାଂଟ ସହ ସଂଯୋଗ ହୋଇଥିବା ଏକ ଷ୍ଟିଲ୍ ପାଇପଲାଇନ ସାହାଯ୍ୟରେ ଗ୍ୟାସୀୟସ ଅକ୍ସିଜେନ୍ ଯୋଗାଯିବ । ଏହି ସୁବିଧା ହରିୟାଣାର ପାନିପଥ, ସୋନିପଥ, କର୍ଣ୍ଣଲ ଏବଂ ଅନ୍ୟାନ୍ୟ ଅଂଚଳରେ କୋଭିଡ୍ ରୋଗୀଙ୍କୁ ଜରୁରୀକାଳୀନ ସେବା ଯୋଗାଇବାରେ ସହାୟକ ହେବ । ସେହିପରି ପାନିପଥରର କୋଭିଡ଼ କେୟାର ସେଂଟରରେ ନିୟୋଜିତ ଡ଼ାକ୍ତର ମାନଙ୍କ ପାଇଁ ମଧ ନିକଟବର୍ତି ହୋଟେଲରେ ଇଣ୍ଡିଆନ ଅଏଲ ପକ୍ଷରୁ ଆଗାମୀ ୬ ମାସ ପାଇଁ ୫୦ଟି ରୁମର ବ୍ୟବସ୍ଥା କରାଯାଇଛି । କୋଭିଡ୍-୧୯ ମୁକାବିଲାକୁ ସୁଦୃଢ଼ କରିବା ପାଇଁ ଅନେକ ପଦକ୍ଷେପ ନେଇଥିବାରୁ କେନ୍ଦ୍ରମନ୍ତ୍ରୀ ହରିୟାଣାର ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ମନ୍ତ୍ରୀ ଏବଂ ଇଣ୍ଡିଆନ ଅଏଲକୁ କୃତଜ୍ଞତା ଜଣାଇଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାର ସ୍ୱାସ୍ଥ୍ୟ ଚ୍ୟାଲେଞ୍ଜକୁ ସମ୍ମୁଖୀନ କରିବା ପାଇଁ ଯଥାସମ୍ଭବ ପଦକ୍ଷେପ ନେଉଛନ୍ତି । ବର୍ତମାନ ସମୟରେ ବିଦେଶରୁ ଭାରତ ସରକାର ଙ୍କ ଦ୍ୱାରା ୧୩ ହଜାର ମେଟ୍ରିକ୍ ଟନ୍ ଅକ୍ସିଜେନ୍ ଆମଦାନୀ କରାଯାଉଛି । ଉପସାଗରୀୟ ଦେଶସମୂହ ତଥା ଆବୁଧାବି, କୁଏତ, କତାର, ବାହରିନ, ସାଉଦିଆରବ, ଓମାନରୁ ଦେଶକୁ ଲିକୁଇଡ଼ ମେଡ଼ିକାଲ ଅକ୍ସିଜେନ୍ ଆସୁଛି । କେବଳ ଅକ୍ସିଜେନ୍, ଭେଂଟିଲେଟର, ବେଡ୍ ତଥା ମେଡିକାଲ ଭିତିଭୂମି ନୁହେଁ ବରଂ ମେଡିସିନ ଏବଂ ଭ୍ୟାକସିନ ଉତ୍ପାଦନ ଓ ଯୋଗାଣକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି ବୋଲି ସେ କହିଛନ୍ତି ।

### ନିୟମଗିରି ଓ ବଣ୍ଡାଘାଟିରେ....

ବସବାସ କରୁଥିବା ଆଦିମ ଜନଜାତି ଡଙ୍ଗରିଆଙ୍କୁ ଆକ୍ରାନ୍ତ କରିଛି ଏହି ଭୂତାଣୁ । ଗୋଟିଏ ସପ୍ତାହରେ ୬ଜଣ ପଜିଟିଭ୍ ଚିହ୍ନଟ ହେବା ନେଇ ସରକାରୀ ସୂତ୍ରରୁ ଜଣାପଡିଛି । ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଦୁଇ ଜଣ ପୁରୁଷଙ୍କ ସହ ଚାରି ଜଣ ଡଙ୍ଗରିଆ ମହିଳା କରୋନା ସଂକ୍ରମିତ ହୋଇଛନ୍ତି । ସେମାନେ ସଂଗରୋଧରେ ଅଛନ୍ତି । ତେବେ ଏମାନଙ୍କର ଚଳିବା ପାଇଁ ଘରେ ସେଭଳି ସୁବିଧା ନଥିବାରୁ ଗୋଟିଏ ବଖରାରେ ପରିବାରର ଅନ୍ୟ ସଦସ୍ୟମାନଙ୍କ ସହ ଚଳୁଥିବା ଜଣାପଡିଛି । ଡଙ୍ଗରିଆମାନେ ମୁଖ୍ୟତଃ ଚେରମୂଳି ଉପରେ ବିଶ୍ୱାସ କରି ଜୀବନ ଅତିବାହିତ କରୁଥିବାରୁ ଏମାନଙ୍କ ମଧରେ କରୋନା ବ୍ୟାପିଲେ ରୋକିବା କଷ୍ଟକର ହେବାର ଯଥେଷ୍ଟ ସମ୍ଭାବନା ରହିଛି ।

### ଭୁବନେଶ୍ୱରରେ ୫୦ ହଜାର....

ନାଁ ହେଉଛି ସ୍ରୀନିବାସ ଜେନା । ଶିଶୁପୁତ୍ରଙ୍କ ମା ଅଭିଯୋଗ କରିବା ପରେ ଗିରଫ କଲା ପୋଲିସ । ତେବେ ଶିଶୁକୁ ବିକ୍ରି କରିଥିବା ବାପା ଏବେ ଫେରାର ଅଛି । ଆଇନ ଅନୁସାରେ ଶିଶୁଙ୍କୁ କିଣିବା ବା ବିକିବା ଅପରାଧ । ହେଲେ ନିଜ ପୁଅକୁ ଅନ୍ୟ ହାତରେ ବିକିଦେଲା ସୈତାନ ବାପା । ଶିଶୁ ବିକ୍ରି ହେବା ପରେ ଶିଶୁଟିର ମା ଥାନାରେ ଅଭିଯୋଗ କରିଥିଲେ । ଏହାପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ପୋଲିସ ।

## ରାଜୀବ ସତାଭଙ୍କ ବିୟୋଗରେ କଂଗ୍ରେସର ଶୋକସଭା

ଭୁବନେଶ୍ୱର,୧୬/୦୫ (ନି.ପ୍ର): ପୂର୍ବତନ ରାଷ୍ଟ୍ରୀୟ ଯୁବ କଂଗ୍ରେସ ସଭାପତି, ଅଖିଳ ଭାରତୀୟ କଂଗ୍ରେସ କମିଟିର ସାଧାରଣ ସଂପାଦକ ତଥା ରାଜ୍ୟ ସଭା ସାଂସଦ ରାଜୀବ ସତାଭଙ୍କ କରୋନାରେ ଅକାଳ ବିୟୋଗ ଘଟିଛି । ରାଜ୍ୟରେ କରୋନା ମୁକାବିଲା ପାଇଁ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଆଜି ଏକ ଜରୁରୀ ବୈଠକ ଅନୁଷ୍ଠିତ ହେବାକୁ ଥିବା ବେଳେ ଏହାକୁ ବାତିଲ କରାଯାଇ ଶୋକସଭା ଅନୁଷ୍ଠିତ ହୋଇଥିଲା । ଏହି ଶୋକସଭାରେ ସର୍ବପ୍ରଥମେ ସ୍ୱର୍ଗତ ସତାଭଙ୍କ ଅମର ଆତ୍ମାର ସଦଗତି କାମନା କରି ଶ୍ରଦ୍ଧାଞ୍ଜଳି ଜଣେଇବା ପୂର୍ବକ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ଗଭୀର ଶୋକବ୍ୟକ୍ତ ପ୍ରକାଶ କରି ସ୍ୱର୍ଗତ ରାଜୀବ ସତାଭଙ୍କ ଅକାଳ ବିୟୋଗ କଂଗ୍ରେସ ପରିବାରଙ୍କୁ ମର୍ମାହତ କରିଛି ବୋଲି କହିଥିଲେ । ସମାଜର ଉନ୍ନତି ପାଇଁ ସ୍ୱର୍ଗତ ସତାଭଙ୍କ ନିରନ୍ତର ପରିଶ୍ରମ ଅତୁଳନୀୟ । ତାଙ୍କର ଏହି ପ୍ରୟାସ କଂଗ୍ରେସକୁ ଯୁବଗୋଷ୍ଠୀଙ୍କ ନିକଟରେ ପହଂଚାଇବାରେ ସାହାଯ୍ୟ କରିଥିଲା ଏବଂ ଭବିଷ୍ୟତରେ ପ୍ରେରଣା ଯୋଗାଇବ । ସେ କହିଥିଲେ ତାଙ୍କ ପରି ଜଣେ କର୍ତବ୍ୟନିଷ୍ଠ, ସମାଜସେବୀ, ପରୋପକାରୀ ମିଷ୍ଟଭାଷି ବ୍ୟକ୍ତି ମିଳିବା ଅତ୍ୟନ୍ତ ବିରଳ । କଂଗ୍ରେସ ଦଳ ତାଙ୍କ ପରି ଜଣେ ମହାନ ବ୍ୟକ୍ତିଙ୍କୁ ହରାଇଲା । ଯାହାକି କଂଗ୍ରେସ ଦଳ ପାଇଁ ଅପୁରଣୀୟ କ୍ଷତି । ଏହି ଅବସରରେ ସ୍ୱର୍ଗତ ସତାଭଙ୍କ ଶୋକସନ୍ତପ୍ତ ପରିବାରଙ୍କ ପ୍ରତି ଶ୍ରୀ ପଟ୍ଟନାୟକ ଗଭୀର ସମବେଦନା ଜ୍ଞାପନ କରିଥିଲେ । ଓଡ଼ିଶା କଂଗ୍ରେସ ପ୍ରଭାରୀ ତଥା ସାଂସଦ ଡକ୍ଟର ଏ ଚେଲ୍ଲାକୁମାର ଯୋଗଦେଇ କହିଲେ ସ୍ୱର୍ଗତ ସତାଭଙ୍କ ସହିତ ମୋର ବ୍ୟକ୍ତିଗତ ସମ୍ପର୍କ ଘନିଷ୍ଠ ଥିଲା । ଆମେ ଦୀର୍ଘଦିନ ଧରି କଂଗ୍ରେସ ଦଳ ପାଇଁ ଏକାଠି କାର୍ଯ୍ୟ କରିଛୁ । ତାଙ୍କ ଭଳି ସ୍ନେହୀ ଅନୁଜଙ୍କୁ ହରାଇ ମୁଁ ମର୍ମାହତ । କଂଗ୍ରେସ ଦଳ ଜେଣ ସଚ୍ଚା ଯୁବନେତାଙ୍କୁ ହରାଇଲା । ସେହିପରି ଏଆଇସିସି ସଂପାଦକ ଜି ରୁଦ୍ରରାଜୁ ଯୋଗଦେଇ ଅତି ଘନିଷ୍ଠ ବନ୍ଧୁ ରାଜୀବ ସତାଭଙ୍କୁ ହରାଇ ମୁଁ ଅତ୍ୟନ୍ତ ମର୍ମାହତ ବୋଲି କହିଥିଲେ । ଶ୍ରୀ ରାଜୁ କହିଥିଲେ କଠିନ ପରିଶ୍ରମ ଓ ଜନସେବା ଦ୍ୱାରା ସ୍ୱର୍ଗତ ସତାଭ କଂଗ୍ରେସ ଦଳର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ହୋଇପାରିଥିଲେ । ଆଜି ଭିଡ଼ିଓ କନ୍‌ଫରେନ୍ସିଂ ଦ୍ୱାରା ଅନୁଷ୍ଠିତ ଶୋକ ସଭାରେ ଅନ୍ୟମାନଙ୍କ ମଧ୍ୟରେ ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ, କୋରାପୁଟ ସାଂସଦ ସପ୍ତଗିରୀ ଉଲ୍ଲାକା, ବରିଷ୍ଠ କଂଗ୍ରେସ ନେତା ବିଧାୟକ ସୁରେଶ କୁମାର ରାଉତରାୟ, ତାରାପ୍ରସାଦ ବାହିନୀପତି, ସନ୍ତୋଷ ସିଂ ସାଲୁଜା, ମହମ୍ମଦ ମୋକିମ, ସି ଏସ ରାଜନ ଏକା, ରାଜ୍ୟ କଂଗ୍ରେସ କୋଭିଡ କଂଟ୍ରୋଲରୁମ ସଂଯୋଜକ ପଦ୍ମାକର ଗୁରୁଙ୍କ ସମେତ ସମସ୍ତ ଜିଲ୍ଲା ସଭାପତି ଗଣ ଓ ସମସ୍ତ ଜିଲ୍ଲା ଦାୟୀତ୍ୱରେ ଥିବା ପର୍ଯ୍ୟବେକ୍ଷକ ଗଣ ଯୋଗଦେଇ ସ୍ୱର୍ଗତ ସତାଭଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

## ବାଲେଶ୍ୱର ଦୁର୍ଘଟଣାରେ ମୃତ ତିନି ଯୁବକଙ୍କୁ ଭଞ୍ଜସେନା ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି



ବାରିପଦା,୧୬/୦୫ (ନି.ପ୍ର): କୋଭିଡ ଆକ୍ରାନ୍ତ ସାଙ୍ଗକୁ ଦେଖିବା ପାଇଁ ଭୁବନେଶ୍ୱର ଯାଉଥିବାବେଳେ ବାଲେଶ୍ୱର ୧୬ ନମ୍ବର ଜାତୀୟ ରାଜପଥର ଶିଳ୍ପାଞ୍ଚଳ ଥାନା ବିର୍ଲା ଟାୟାର ନିକଟସ୍ଥ ଏକ ପୋଲ ତଳକୁ କାର ଖସି ୩ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଗୁରୁତର ହୋଇଛନ୍ତି । ଏଭଳି ଦୁଃଖଦ ଘଟଣା ଘଟଣାରେ ମୃତକ ମାନେ ହେଲେ ମୟୂରଭଞ୍ଜ ଜିଲ୍ଲାର ବାରିପଦା ଟାଉନ ଥାନା ଅନ୍ତର୍ଗତ ତକତପୁର ଅଞ୍ଚଳର ରବୀନ୍ଦ୍ର ସାହୁ(୨୧) ଓ ସନ୍ତୋଷ ପଣ୍ଡା(୨୧) ଏବଂ ଅନ୍ୟ ଜଣେ ଖୁଣ୍ଟା ଥାନା ଚିଲିମା ଗାଁର ପିଣ୍ଟୁ ଆଚାର୍ଯ୍ୟ(୩୦) । ଦୁଇ ଗୁରୁତର ଆହତଙ୍କୁ ବାଲେଶ୍ୱର ଡ଼ାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ସୂଚନା ଏକ କାର୍ ଯୋଗେ ପାଞ୍ଚ ଜଣ ସାଙ୍ଗ ଭୂବନେଶ୍ୱର ଠାରେ ଥିବା କୋଭିଡ଼ ଆକ୍ରାନ୍ତଙ୍କୁ ଦେଖିବା ପାଇଁ ବାରିପଦାରୁ ରାତି ପ୍ରାୟ ୧:୩୦ ସମୟରେ ବାହାରି ଭୂବନେଶ୍ୱର ଅଭିମୁଖେ ଯାଉଥିବା ବେଳେ, ରାତି ପ୍ରାୟ ୩ଟା ସମୟରେ କାର୍ଟି ଭାରସାମ୍ୟ ହରାଇ ପୋଲ ତଳକୁ ଖସି ପଡ଼ିଥିଲା । ସୂଚନା ପାଇ ବାଲେଶ୍ୱର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ଡ଼ାକ୍ତରଖାନାରେ ଭର୍ତ୍ତି କରିଥିଲା । ସେଠାରେ ଡ଼ାକ୍ତର ୩ ଜଣଙ୍କୁ ମୃତ ଘୋଷଣା କରିଥିଲେ । ବାଲେଶ୍ୱର ଠାରେ ମୃତକଙ୍କ ଶବ ବ୍ୟବଚ୍ଛେଦ ପରେ ବାରିପଦା ସ୍ଥିତ ତକତପୁର ବସଭାବନକୁ ମୃତ ଶରୀର ଅଣାଯାଇଥିଲା । ପରିବାର ଏବଂ ବନ୍ଧୁ ମାନଙ୍କ ସହଯୋଗରେ ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଥିଲା । ସମସ୍ତେ ବାରିପଦାର ତକତପୁର ଠାରେ ସାଙ୍ଗ ହୋଇ ବ୍ୟବସାୟ ବାଣିଜ୍ୟ କରୁଥିଲେ । ତେବେ ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ତିନି ଜଣଙ୍କୁ ହରାଇ ତକତପୁର ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ତେବେ ଦୂର୍ଘଟଣାରେ ମୃତାହତ ହୋଇଥିବା ତିନି ଜଣ ସାଥି ଟୁକୁନୁ, ରବି ଓ ପିଣ୍ଟୁ ଙ୍କ ପାଇଁ ବାରିପଦା ଭଞ୍ଜ ସେନା ସଂଗଠନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି । ଭଞ୍ଜସେନାର ଜଣେ ଆଗଧାଡିର ଛାତ୍ରନେତା ଥିବା ରବିଅରବୀନ୍ଦ୍ର ସାହୁ ସବୁବେଳେ ରକ୍ତ ଦାନ କରିଆରେ ଲୋକଙ୍କ ଜୀବନ ବଞ୍ଚାଇବା ପାଇଁ ଆଗଭର ହୋଇ ପଡୁଥିଲେ ସେହିପରି ରବି ସହିତ ଅନ୍ୟ ଦୁଇ ଜଣ ମଧ ସମାଜସେବାରେ ନିଜକୁ ନିୟୋଜିତ କରିଥିଲେ । ଏଣୁ ସେମାନଙ୍କର ଅକାଳ ବିୟୋଗରେ ବାରିପଦା ରେ ଶୋକର ଛାୟା ଖେଳି ଯାଇଛି । ଏହି ଶ୍ରଦ୍ଧାଞ୍ଜଳି ସଭାରେ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ସହିତ ଅଧକ୍ଷ ସତ୍ୟ ସ୍ୱରୂପ ଦାଶ, ସଭାପତି ପିଣ୍ଟୁ ମାଇତି, କାର୍ଯ୍ୟକାରୀ ଅଧକ୍ଷ ରାକେଶ ସିଂ, ଉପାଧକ୍ଷ ନିମାଁଇ ତ୍ରିପାଠୀ, ଯୁବ-ଛାତ୍ର ସଂଯୋଜକ ରାକେଶ୍ ବେହେରା, ଆଦିବାସୀ ଶାଖା ସଭାପତି ବାଜୁନ୍ ହାଂସଦା, ଯୁବ ସଭାପତି ମାନସ୍ ବେହେରା, ଛାତ୍ର ସଭାପତି ସୌମ୍ୟରଞ୍ଜନ ମିଶ୍ର, ମୁଖପାତ୍ର ଜ୍ୟୋତିରଞ୍ଜନ ପୁଷ୍ଟି, ସଂପାଦକ ଏସ୍.କେ ରାଜା ଖାନ୍, ଉପ ସଭାପତି- ଜିତୁ ଶିବାନନ୍ଦ, ପ୍ରଶାନ୍ତ ମହାକୁଡ, ବାରିପଦା ଉପଖଣ୍ଡ ସଭାପତି ସାମନ୍ତ ଶେଖର ପାଲ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ।

## କାମରେ ଆସୁନି ସୌଭାଗ୍ୟ ଯୋଜନା : ବର୍ଷ ବର୍ଷ ଧରି ଅନ୍ଧାରରେ ଜୀବନ ବିତାଉଛନ୍ତି ଜାନକୀଙ୍କ ପରିବାର



ଧାମନଗର,୧୬/୦୫ (ନି.ପ୍ର): ଧାମନଗର ବ୍ଲକ ଅନ୍ତର୍ଗତ ଭଗବାନପୁର ପଂଚାୟତ ଅଧିନରେ ଥିବା ପଳିକିରୀ ଗ୍ରାମ ମହାପାତ୍ର ସାହିର ବର୍ଷ ବର୍ଷ ଧରି ଅନ୍ଧାର ଭିତରେ ରହି ଅସୁଛନ୍ତି ଜାନକି ପରିଡ଼ାଙ୍କ ପରିବାର । ସ୍ୱାଧିନତାର ୭୪ବର୍ଷ ବିତିଗଲେ ମଧ ଏବେବି ନିଜ ପରିବାରକୁ ନେଇ ବର୍ଷ ବର୍ଷ ଧରି ଅନ୍ଧାର ଭିତରେ ଜୀବନ ବିତାଉଛନ୍ତି ଜାନକୀ ପରିଡ଼ା । ଏନେଇ ଜାନକୀ ସୌଭାଗ୍ୟ ଯୋଜନାରେ ସାମିଲ ହେବାପାଇଁ ବିଦ୍ୟୁତ୍ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନିରାଶ ହୋଇ ଅନ୍ଧାରରେ ରହୁଛନ୍ତି । ବିଦ୍ୟୁତ୍ ବିଭାଗର ବୈମାତୃକ ମନୋଭାବ ଯୋଗୁ ଏପର୍ଯ୍ୟନ୍ତ ବିଦ୍ୟୁତ୍ ଉପଭୋକ୍ତା ହୋଇ ପାରୁନାହାନ୍ତି । ଜାନକୀଙ୍କ ଘରପାଖରୁ ଅଳ୍ପକିଛି ଦୂରରେ ବିଦ୍ୟୁତ୍ ଟ୍ରାନ୍ସଫରମର ବସିଥିଲେ ମଧ କନେକ୍ସନ ଏ ପର୍ଯ୍ୟନ୍ତ ପାଇ ପାରୁନାହାନ୍ତି । ବହୁବାର ବିଦ୍ୟୁତ୍ କାର୍ଯ୍ୟାଳୟରେ ପହଂଚି ଗୁହାରି କଲେ ମଧ କୌଣସି ଅଧିକାରୀ ଓ କର୍ମଚାରୀ ମାନେ ସୁଣୁନାହାନ୍ତି । ଜାନକୀଙ୍କ ଅବସ୍ଥା କହିଲେ ନସରେ । ସର୍ବମୋଟ ୫ଜଣ ପରିବାରକୁ ନେଇ ଅନ୍ଧାରରେ ଦିନ ବିତାଉଛନ୍ତି ଏବଂ ଗୋଟି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ ପାଇଥିବାବେଳେ ରାସନକାର୍ଡ଼ ସାମଗ୍ରୀ ମଧ ପାଉଛନ୍ତି । ଚାଷଜମି ଅଳ୍ପ ରହିଥିବାବେଳେ ଛେଲିଚାଷ କରି ପରିବାର ପୋଷଣ କରୁଛନ୍ତି । ଅତ୍ୟନ୍ତ ଦାରିଦ୍ରତା ଭିତରେ ନିଜ ପରିବାରକୁ ନେଇ ଅନ୍ଧାରକାର ଭିତରେ ଜୀବନ ବିତାଉଛନ୍ତି । ସରକାର ବାରମ୍ବାର ଘୋଷଣା କରିଚାଲିଛନ୍ତି ଗରିବ ହେଉ ବା ସ୍ୱାବଲମ୍ବି ହେଉ କୌଣସି ଲୋକ ଅନ୍ଧାରରେ ରହିବେ ନାହିଁ ସମସ୍ତଙ୍କୁ ଆଲୋକ ଯୋଗାଇ ଦିଆଯିବବୋଲି କହିଥିଲେ ହେଁ ଏଠି ସମ୍ପୂର୍ଣ୍ଣ ଓଲଟା ଦେଖିବାକୁ ମିଳିଛି । ଏନେଇ ଜିଲ୍ଲାପାଳ ଓ ବିଦ୍ୟୁତ୍ ବିଭାଗର ଉଚ୍ଚପଦସ୍ତ ଅଧିକାରୀ ମାନଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ତୁରନ୍ତ ଏହି ଗରିବ ପରିବାର ପ୍ରତି ନ୍ୟାୟ ପ୍ରଦାନ କରିବାପାଇଁ ସାଧାରଣରେ ଦାବି ହେଉଛି ।

## ସୁନ୍ଦରଗଡର ବିଭିନ୍ନ ହସପିଟାଲ ପରିଦର୍ଶନ କଲେ ସାଂସଦ ଜୁଏଲ ଓରାମ

ସୁନ୍ଦରଗଡ,୧୬/୦୫ (ନି.ପ୍ର): ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସୁନ୍ଦରଗଡ ସାଂସଦ ଜୁଏଲ ଓରାମ ରବିବାର ଦିନ ସୁନ୍ଦରଗଡ ଜିଲ୍ଲାର ବିଭିନ୍ନ ଡାକ୍ତରଖାନା ପରିଦର୍ଶନ କରି ଟୀକାକରଣ ଓ ନମୁନା ସଂଗ୍ରହ, ଟ୍ରେଷ୍ଟିଂଙ୍ଗ, ଟ୍ରେସିଂଙ୍ଗ, ଟ୍ରିଟମେଂଟସମ୍ପର୍କରେ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀଙ୍କ ସହ ଆଲୋଚନା କରିଛନ୍ତି । ଶ୍ରୀ ଓରାମ ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି । ଶ୍ରୀ ଓରାମ ସୁନ୍ଦରଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଅନ୍ତର୍ଗତ ହାତିବାରୀ କ୍ୟାମୁନିଟୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ଯାଇ ସେଠାକାର ପରିସ୍ଥିତି ବିଷୟରେ ପଚାରି ବୁଝିବା ସହିତ ବର୍ତ୍ତମାନ ପରିସ୍ଥିତିରେ ଟ୍ରେଷ୍ଟିଂଙ୍ଗ, ଟ୍ରେସିଂଙ୍ଗ, ଟ୍ରିଟମେଂଟଓ ଟୀକାକରଣକୁ ଆହୁରି ତୀକ୍ଷଣ କରିବା ସହିତ ବ୍ୟାପକ ଜନସଚେତନତା କରିବାକୁ ଡାକ୍ତରମାନଙ୍କୁ ପରାମର୍ଶ ଦେଇଥିଲେ । କୋଭିଡ ସଂକ୍ରମଣରୁ ନିଜକୁ ସୁରକ୍ଷିତ କରି କିପରି କରୋନା ବିରୁଦ୍ଧରେ ଲଢି ସମାଜରେ ସେବା କରିହେବ ସେଥିପାଇଁ ବୀରମିତ୍ରପୁର ସ୍ୱାସ୍ଥ୍ୟକେନ୍ଦ୍ର ଠାରେ କିଛି ସ୍ୱାସ୍ଥ୍ୟକର୍ମୀ ଓ ଯୁବ ସମାଜସେବୀଙ୍କୁ ସ୍ୱାସ୍ଥ୍ୟ ଉପକରଣ ଯଥା ପିପିଇ କିଟିସ୍, ଅକ୍ସୀମିଟର ପ୍ରଦାନ କରିବା ସହିତ ବିଭିନ୍ନ ସମସ୍ୟା ବାବଦରେ ଡାକ୍ତରମାନଙ୍କ ସହିତ ସେ ଆଲୋଚନା କରିଥିଲେ । ସେହିପରି ଶ୍ରୀ ଓରାମ ଆଜି ଅପରାହ୍ନରେ ସୁନ୍ଦରଗଡ଼ ଜିଲ୍ଲାର କୁଅଁରମୁଣ୍ଡା ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ ପରିଦର୍ଶନରେ ଯାଇଥିଲେ । ଏହି ବ୍ଲକରେ କରୋନା ସଂକ୍ରମଣର ସ୍ଥିତି ସମ୍ବନ୍ଧରେ ସମୀକ୍ଷା କରିବା ସହିତ ଟୀକାକରଣ ଓ ନମୁନା ସଂଗ୍ରହକୁ ଗୁରୁତ୍ୱ ଦେବାକୁ ଡକ୍ଟର ଓ ସ୍ୱାସ୍ଥ୍ୟକର୍ମୀ ମାନଙ୍କୁ ପରାମର୍ଶ ଦେଇଥିଲେ । ଦୃଢ଼ ମନୋବଳ ଏବଂ ସରକାରଙ୍କ ଦ୍ୱାରା ପ୍ରଦତ୍ତ କୋବିଡ ମାର୍ଗଦର୍ଶିକାକୁ ସଠିକ୍ ଭାବେ ପାଳନ କଲେ ଆମେ ନିଶ୍ଚିନ୍ତ ଭାବେ କରୋନା ସଂକ୍ରମଣକୁ ପ୍ରତିହତ କରିପାରିବା ବୋଲି ସେ କହିଥିଲେ । ଏ ସମ୍ବନ୍ଧରେ ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀ ମାନଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ କ୍ଷ ଏହି ଅବସରରେ ସେଠିକାର ମେଡିକାଲ ଷ୍ଟାଫ ଏବଂ ସ୍ଥାନୀୟ ସ୍ୱେଚ୍ଛାସେବୀ ମାନଙ୍କୁ କିଛି ପିପିଇ କିଟ୍ସ, ଅକ୍ସି ମିଟର ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଉପକରଣ ବଂଟନ କରିଥିଲେ । ଶ୍ରୀ ଓରାମ ବଣ୍ଡମୁଣ୍ଡା ସ୍ଥିତ ରେଲୱେ ହସପିଟାଲ ମଧ୍ୟ ଯାଇ ସେଠାରେ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ ।

## ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଂଜଳି ଜଣାଇଲେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ

ଭୁବନେଶ୍ୱର,୧୬/୦୫(ନି.ପ୍ର): କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଂଜଳି ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ଖ୍ୟାତିନାମା ଓଡ଼ିଆ ଭାଷାବିଦ, ଲେଖକ, ବାରିଷ୍ଟର ତଥା ପ୍ରଥମ ଭାଷାକୋଷ 'ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ'ର ପ୍ରଣେତା ସ୍ୱର୍ଗତ "ଗୋପାଳ ଚନ୍ଦ୍ର ପ୍ରହରାଜ"ଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ।

## ଦିନକରେ ଚିହ୍ନଟ ୪୭୨ନୂଆ କରୋନା ସଂକ୍ରମିତ

ବାଲେଶ୍ୱର,୧୬/୦୫ (ନି.ପ୍ର): ଦ୍ୱିତୀୟ ଲହରରେ ବାଲେଶ୍ୱର ଜିଲାରେ କରୋନାର କାୟା ବିସ୍ତାର ସମ୍ପ୍ରତି ଜଟିଳ ପରିସ୍ଥିତି ସୃଷ୍ଟି କରିଛି। ଚଳିତ ମେ ମାସର ୧୫ ତାରିଖ ସୁଦ୍ଧା ଜିଲାର ସଂକ୍ରମିତଙ୍କ ସଂଖ୍ୟା ୪ହଜାର ଟପିଥିବା ବେଳେ ଆଗାମୀ ଦିନରେ ସ୍ଥିତି ଆହୁରି ଭୟଙ୍କର ହେବା ନେଇ ବିଭିନ୍ନ ମହଲରେ ଆଶଙ୍କା ଦେଖା ଦେଇଛି। ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ରିପୋର୍ଟ ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ଜିଲାର ବିଭିନ୍ନ ଅଞ୍ଚଳରୁ ୪୭୨ଜଣ ସଂକ୍ରମିତ ହୋଇଛନ୍ତି। ଚିହ୍ନଟ ବ୍ୟକ୍ତିଙ୍କ ମଧ୍ୟରେ ସହରର ଅଙ୍ଗାରଗଡ଼ିଆରୁ ୪ଜଣ, ଗୋପାଳଗାଁରୁ ୩, ଜେଲରୋଡ଼ରୁ ୩, ମିର୍ଜାପୋଖରୀରୁ ୩, ନେଳିଆବାଗରୁ ୩, ସୁନହଟରୁ ୩, ମୁଖ୍ୟ ଚିକିତ୍ସାଳୟରୁ ୨, ସହଦେବଖୁଣ୍ଟାରୁ ୨, ପୁରୁଣାବାଲେଶ୍ୱରରୁ ୨, ଆଜିମାବାଦରୁ ୨ଜଣଙ୍କ ସମେତ ଆକତପୁର, ଫାଣ୍ଡିଛକ, ଗୁଡ଼ିପଦା, ଗୋଳାପୋଖରୀ, ମଲିକାଶପୁର, ମାଣିଖମ୍ବ, ମଠସାହି, ନଳମଗଞ୍ଜ ଓ ନୂଆବଜାର ପ୍ରଭୃତି ଅଞ୍ଚଳରୁ ଜଣେ ଲେଖାଏଁ ସଂକ୍ରମିତ ରହିଛନ୍ତି। ସେହିପରି ଜିଲାରେ ଗୋଟିଏ ଦିନରେ ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରେ ସଦର ବ୍ଲକରୁ ସର୍ବାଧିକ ଥିବା ଜଣାପଡ଼ିଛି। ସଦର ବ୍ଲକର ବିଭିନ୍ନ ଅଞ୍ଚଳରୁ ୧୯୯ ଜଣ, ରେମୁଣା ବ୍ଲକରୁ ୨୧ଜଣ, ବାହାନଗାରୁ ୨୨, ଖଇରାରୁ ୫, ଜଳେଶ୍ୱରରୁ ଜଣେ, ସୋରରୁ ୩୧, ବସ୍ତାରୁ ୩, ସିମୁଳିଆରୁ ୧୮, ନୀଳଗିରିରୁ ୧୦୬, ଔପଦା ବ୍ଲକର ୨୭ ଓ ବାଲିଆପାଳ ବ୍ଲକରୁ ଜଣଙ୍କୁ ନୂଆ ସଂକ୍ରମିତ ଭାବେ ଚିହ୍ନଟ କରାଯାଇଛି । ଚିହ୍ନଟ ହୋଇଥିବା ସମସ୍ତେ ସ୍ଥାନୀୟ ସଂକ୍ରମିତ ଓ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ତେବେ ବାଲେଶ୍ୱର ଜିଲାର ସଦର ବ୍ଲକର ରଣସାହରୁ ୯୩ ଜଣ, ବେଲଦାରୁ ୩୦, ଆଙ୍ଗୁଳାରୁ ୩୦, ନୀଳଗିରିର ଶିଆଳଘାଟିରୁ ୧୪, ପୁଣାସିଆରୁ ୧୨, ନାରାୟଣପୁରରୁ ୧୯ ଓ ଭୋଳାଗଡ଼ିଆରୁ ୨୬, ସିମୁଳିଆ ବ୍ଲକର ପବିତ୍ରପୁରରୁ ୧୧ଜଣ ଏକକାଳୀନ ସଂକ୍ରମିତ ହେବା ଏବେ ପ୍ରଶାସନ ଓ ପୁଲିସ ପାଇଁ ଚିନ୍ତାର ବିଷୟ ହୋଇଛି। ଏହିସବୁ ସ୍ଥାନରେ କ୍ଷୁଦ୍ର ଆବଦ୍ଧାଞ୍ଚଳ ଘୋଷଣା ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜାରି ରହିଛି। ବାଲେଶ୍ୱର ଜିଲାରେ ଅଦ୍ୟାବଧି ୧୮,୯୬୮ ଜଣ ସଂକ୍ରମିତ ହୋଇଥିବା ବେଳେ ୧୫,୩୯୮ ଜଣ ସୁସ୍ଥ ହୋଇଛନ୍ତି। ଅନ୍ୟପକ୍ଷରେ ଏବେ ସୁଦ୍ଧା ସକ୍ରିୟ ଥିବା ୩,୪୬୩ ଜଣଙ୍କ ମଧ୍ୟରୁ ୩୦୭୮ଜଣ ଗୃହ ସଙ୍ଗରୋଧରେ ଏବଂ ୩୩୭ ଜଣ ଜିଲାର କୋଭିଡ ହସପିଟାଲ ଓ କୋଭିଡ ଯତ୍ନ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଅନ୍ୟପକ୍ଷରେ ଜିଲାର କରୋନା ମୃତ୍ୟୁ ସଂଖ୍ୟା ଏବେ ୧୦୭ରେ ସ୍ଥିର ରହିଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ଜଣାପଡ଼ିଛି।

## ଅଜଣା ମୃତ ଦେହ ଉଦ୍ଧାର

ନୀଳଗିରି,୧୬/୦୫ (ନି.ପ୍ର): ନୀଳଗିରି ବ୍ଲକର ଭଉଁରିଆବାଡ଼ ପଞ୍ଚାତର ଜଡ଼ିବାଲି ଗ୍ରାମର ନିକଟବର୍ତ୍ତି ଏକ ବଡ଼ ନାଳରେ ଏକ ଅଜଣା ବୃଦ୍ଧର ମରଶରୀରକୁ ଗ୍ରାମବାସୀମାନେ ଦେଖିଲାପରେ ପୋଲିସକୁ ଖବର ଦେଇଥିଲେ । ତେବେ ନାଳରେ ପାଣି କମ ଥିବା ବେଳେ ବୃଦ୍ଧର ମୃତ୍ୟୁ କେମିତି ଘଟିଲା ତାହା ସନ୍ଦେହ ଘେରରେ । ମୃତକର ପରିଚୟ ମିଳି ନ ଥିବା ବେଳେ ପୋଲିସ ତଦନ୍ତ ପରେ ପ୍ରକୃତ ମୃତ୍ୟୁର ଘଟଣା ପଦାକୁ ଆସିବ ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି । ଖବର ଲେଖିଲା ବେଳକୁ ସଜନାଗଡ଼ କୁସୁମିଆ ଗ୍ରାମର ଶ୍ରୀକାନ୍ତ ବିଶ୍ୱାଳ (୬୦) ବୋଲି ଜଣାପଡ଼ିଛି ।

## ଭଦ୍ରକରେ ଚିହ୍ନଟ ହେଲେ ସର୍ବକାଳୀନ ସର୍ବାଧିକ ୪୧୪ ଆକ୍ରାନ୍ତ

ଭଦ୍ରକ,୧୬/୦୫ (ନି.ପ୍ର): ଭଦ୍ରକ ଜିଲ୍ଲାରେ ଚିହ୍ନଟ ହୋଇଛନ୍ତି ୪୧୪ ଆକ୍ରାନ୍ତ। ଯାହା କୋଭିଡ଼ ପରୀକ୍ଷା ହେବାଠାରୁ ସର୍ବାଧିକ। ଏମାନଙ୍କ ମଧ୍ୟରେ ୪୦୫ଜଣ ଲୋକାଲ କଣ୍ଟାକ୍ଟ ହୋଇଥିବା ବେଳେ ୯ଜଣ କ୍ୱାରେଣ୍ଟାଇନ କେନ୍ଦ୍ରରୁ ଚିହ୍ନଟ ହୋଇଛନ୍ତି । ଏମାନଙ୍କୁ ମିଶାଇ ମୋଟ ଜିଲ୍ଲାର ଆକ୍ରାନ୍ତଙ୍କ ସଂଖ୍ୟା ହୋଇଛି ୧୨ହଜାର ୨୧୩। ଆଉ ନୂଆ ୧୫୭ଜଣ ସୁସ୍ଥ ହେବା ପରେ ମୋଟ ସୁସ୍ଥଙ୍କ ସଂଖ୍ୟା ହୋଇଛି ୯ହଜାର ୭୨୨। ଆଉ ୨୪୫୯ଜଣ ସକ୍ରିୟ ଆକ୍ରାନ୍ତ ଜିଲ୍ଲାରେ ରହିଛନ୍ତି। ମୋଟ ଏପର୍ଯ୍ୟନ୍ତ ୩ଲକ୍ଷ ୭୨ହଜାର ୯୨୨ଜଣଙ୍କ ନମୁନା ପରୀକ୍ଷା ପରେ ଏହି ସଂଖ୍ୟକ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ନୂତନ ଚିହ୍ନଟଙ୍କ ମଧ୍ୟରେ ବାସୁଦେବପୁର ବ୍ଲକରୁ ୧୦ଜଣ, ଭଦ୍ରକ ବ୍ଲକରୁ ୮୧ଜଣ, ଭଦ୍ରକ ପୌରପାଳିକାରୁ ୫୫, ବନ୍ତ ବ୍ଲକରୁ ୪୦, ଭଣ୍ଡାରିପୋଖରୀ ବ୍ଲକରୁ ୩୭, ଚାନ୍ଦବାଲି ବ୍ଲକରୁ ୨୫, ଚାନ୍ଦବାଲି ଏନ୍ଏସିରୁ ୭, ଧାମନଗର ବ୍ଲକରୁ ୧୯, ଧାମନଗର ଏନ୍ଏସିରୁ ୨ଜଣ, ତିହିଡି ବ୍ଲକରୁ ସର୍ବାଧିକ ୧୨୩ଜଣ ଏବଂ ଅନ୍ୟ ଜିଲ୍ଲାର ୧୫ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ରଥ ଅଖରେ ଲାଗିଲା ଚକ



ବାରିପଦା,୧୬/୦୫ (ନି.ପ୍ର): ବୈଶାଖ ମାସ ଶୁକ୍ଳ ପକ୍ଷ ତୃତୀୟାଟି ଅକ୍ଷୟ ତୃତୀୟା ବା ଅକ୍ଷି ତୃତୀୟା ଭାବେ ପରିଚିତ । ନୂତନ କାର୍ଯ୍ୟଟିଏ ଆରମ୍ଭ କରିବା ପାଇଁ ଅକ୍ଷୟ ତୃତୀୟା ହେଉଛି ପୂରା ବର୍ଷ ମଧ୍ୟରେ ସବୁଠାରୁ ଶୁଭ ତିଥି । ଏହି ଦିନ କୌଣସି କାର୍ଯ୍ୟ ଆରମ୍ଭ କଲେ ତାହା କ୍ଷୟ ନହୋଇ ଅକ୍ଷୁର୍ଣ୍ଣ ରହିଥାଏ । ଶୁଭଦିନ ମନେକରି ଏହିଦିନ ଅକ୍ଷିମୁଠି ଅନୁକୁଳ, ଗୃହନିର୍ମାଣ, ନିର୍ବନ୍ଧ, ବିବାହ, ଉପନୟନ ପ୍ରଭୃତି ଶୁଭକର୍ମମାନ ଅନୁଷ୍ଠିତ ହୋଇଥାଏ । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚନ୍ଦନ ଯାତ୍ରା ଅକ୍ଷୟ ତୃତୀୟା ଠାରୁ ଆରମ୍ଭ ହେଉଥିବା ବେଳେ ରଥ ତିଆରି କାମ ମଧ୍ୟ ଆରମ୍ଭ ହୋଇଥାଏ । ଅକ୍ଷୟ ତୃତୀୟା ତିଥିରେ ଅକ୍ଷି ପୂଜା ହେବା ପରେ ବିଶ୍ୱକର୍ମା ଓ ତାଙ୍କର ସହଯୋଗୀଗଣ ରଥନିର୍ମାଣରେ ପ୍ରବୃତ୍ତ ହୋଇଥାନ୍ତି । କିନ୍ତୁ ବର୍ତ୍ତମାନ ମହାମାରୀ କରୋନାର ମୁକାବିଲା ଲାଗି ଲକଡାଉନ ଜାରି ରହିଛି । ଏହି ସମୟରେ ଅକ୍ଷୟ ତୃତୀୟ ପଡ଼ିଥିବା ବେଳେ ଦ୍ୱିତୀୟ ଶ୍ରୀ କ୍ଷେତ୍ର ବାରିପଦାରେ ବାଧାପ୍ରାପ୍ତ ହୋଇଛି ।ଶ୍ରୀ ଶ୍ରୀ ହରିବଳଦ୍ୱେ ଜୀଉଙ୍କ ମନ୍ଦିରରେ ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ପରେ ବାରିପଦାର ମହାପ୍ରଭୁଙ୍କ ଅକ୍ଷୟ ତୃତୀୟା ଏବଂ ଚନ୍ଦନ ଯାତ୍ରା କେବଳ ସ୍ୱଳ୍ପ ସଂଖ୍ୟକ ସେବାୟତ ମାନଙ୍କ ଦ୍ୱାରା ମନ୍ଦିର ଭିତରେ ଅନୁଷ୍ଠିତ ହୋଇଛି । ତିନି ରଥ ନିମନ୍ତେ ପ୍ରସ୍ତୁତ ହୋଇଥିବା ଅଖକୁ ମନ୍ଦିରର ଦକ୍ଷିଣ ଦ୍ୱାର ଦେଇ ମନ୍ଦିର ଭିତରକୁ ନିଆଯାଇଥିଲା । ଏଥିପରେ ମହାପ୍ରଭୁଙ୍କ ନିକଟରେ ପୂଜାର୍ଚ୍ଚନା ପରେ ଆଜ୍ଞାମାଳ ନେଇ ଅଖକୁ ପୂଜାର୍ଚ୍ଚନା କରାଯାଇଥିଲା । ଏହା ପରେ ତିନି ରଥର ଅଖରେ ଚକ ଲାଗିଥିଲା । ଏହି ସମୟରେ ସମସ୍ତେ ସାମାଜିକ ଦୂରତ୍ୱ ବଜାୟ ରଖିବା ସହିତ ମାସ୍କ ପରିଧାନ କରିଥିଲେ ।

## ଗ୍ରାମାଂଚଳରେ କୋଭିଡ୍ ସଂଗରୋଧ ବ୍ୟବସ୍ଥାକୁ ଯଥାଶୀଘ୍ର ସୁଦୃଢ କରନ୍ତୁ ସରକାର : ସମୀର ମହାନ୍ତି

ଭୁବନେଶ୍ୱର,୧୬/୦୫ (ନି.ପ୍ର): କରୋନା ଭୂତାଣୁ ସଂକ୍ରମଣର ଦ୍ୱିତୀୟ ଲହରୀ କାରଣରୁ ଅନ୍ୟ ରାଜ୍ୟମାନଙ୍କରେ ଲକ୍ଡାଉନ କଟକଣା ଜାରୀ ରହିଛି । ଏହି କାରଣରୁ ଅନ୍ୟ ରାଜ୍ୟମାନଙ୍କରୁ ପ୍ରବାସୀ ଓଡିଆ ଶ୍ରମିକ ପୁଣି ଥରେ ଓଡିଶା ଫେରିଲେଣି । ଗତ ଥର କରୋନା ସଂକ୍ରମଣର ପ୍ରଥମ ପର୍ଯ୍ୟାୟ ସମୟରେ ପ୍ରବାସୀଙ୍କ ଆଗମନ କାରଣରୁ ସଂକ୍ରମଣ ବ୍ୟାପିଥିଲା । ମାତ୍ର ଦୁର୍ଭାଗ୍ୟର ବିଷୟ ଯେ, ରାଜ୍ୟ ସରକାର ସେଥିରୁ କିଛି ଶିଖିପାରିଲେ ନାହିଁ । ଯଦି ବର୍ତ୍ତମାନଠାରୁ ରାଜ୍ୟ ସରକାର ଉଚିତ୍ ଓ ବିହୀତ ପଦକ୍ଷେପ ଗ୍ରହଣ ନକଲେ ଆଗକୁ ସ୍ଥିତି ଆହୁରି ସାଂଘାତିକ ହେବ ବୋଲି ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ରାଜ୍ୟ ସରକାରଙ୍କୁ ଚେତାଇ ଦେଇଛନ୍ତି । ରାଜ୍ୟ ସରକାର ଏହି ପରିସ୍ଥିତିରେ ରାଜ୍ୟର ସମସ୍ତ ସୀମାନ୍ତବର୍ତୀ ଅଂଚଳବାସୀଙ୍କୁ ସମସ୍ତ ପ୍ରକାର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସେବା ପ୍ରଦାନ କରିବା ସହ ସମସ୍ତଙ୍କର ଟେଷ୍ଟିଂ ବ୍ୟବସ୍ଥା କରନ୍ତୁ । ଗତ ବର୍ଷ ଗ୍ରାମାଂଚଳରେ ସଂଗରୋଧର ବ୍ୟବସ୍ଥା ହୋଇଥିଲା । ଏଥି ପାଇଁ ବ୍ୟବହୃତ ବହୁ ସାମଗ୍ରୀର କୁଆଡେ ଗଲା ବୋଲି ଏବଂ ଚଳିତ ବର୍ଷ ସ୍ଥିତି ଅଧିକ ଭୟାଭୟ ଥିବା ସତ୍ୱେ ବର୍ତମାନ ସୁଦ୍ଧା ରାଜ୍ୟ ସରକାର ଗ୍ରାମାଂଚଳରେ ସଂଗରୋଧ ପ୍ରସଙ୍ଗରେ କାହିଁକି ତତ୍ପରତା ପ୍ରକାଶ କରୁନାହାନ୍ତି ? ୨ୟ ଲହରରେ ସଂକ୍ରମଣ ଗ୍ରାମାଂଚଳରେ ଅଧିକ ବ୍ୟାପୁଥିବାରୁ ସେଠାରେ ସଂଗରୋଧ ବ୍ୟବସ୍ଥା ଯଥାଶୀଘ୍ର ସୁଦୃଢ଼ କରିବା ପାଇଁ ଶ୍ରୀ ମହାନ୍ତି ଦାବୀ କରିଛନ୍ତି । ପ୍ରଥମ ଲହର ଅପେକ୍ଷା ଦ୍ୱିତୀୟ ଲହର ଅଧିକ ବେଗରେ ସଂକ୍ରମଣ ବ୍ୟାପୁଥିବାରୁ ରାଜ୍ୟ ସରକାର ଟେଷ୍ଟିଂ ସଂଖ୍ୟାକୁ ଆହୁରି ଅଧିକ ବୃଦ୍ଧି କରିବା ପାଇଁ ପଦକ୍ଷେପ ନିଅନ୍ତୁ । ଏବେ ସବୁଠାରୁ ବଡ ସମସ୍ୟା ଭାବେ ଉଭା ହୋଇଛି ଟେଷ୍ଟିଂ ରିପୋର୍ଟ । ଟେଷ୍ଟିଂ ରିପୋର୍ଟ ଆସିବା ବେଳକୁ ୫ ରୁ ୬ ଦିନ ଲାଗୁଛି ଏବଂ ଏହା ଭିତରେ ସଂକ୍ରମିତ ବ୍ୟକ୍ତିଟି ଅଧିକ ଲୋକଙ୍କୁ ସଂକ୍ରମିତ କରିବାର ସଂଭାବନା ରହୁଛି । ତେଣୁ ତୁରନ୍ତ ରିପୋର୍ଟ ପ୍ରଦାନ ସହ ଟେକ୍ନୋଲୋଜିକୁ ବ୍ୟବହାର କରି ଡିଜିଟାଲ ଉପାୟରେ / ମୋବାଇଲ ମାଧ୍ୟମରେ ଟେଷ୍ଟିଂ ରିପୋର୍ଟ କେମିତି ମିଳିବ ସେ ନେଇ ବ୍ୟବସ୍ଥା କରିବାକୁ ଶ୍ରୀ ମହାନ୍ତି ରାଜ୍ୟ ସରାକାରଙ୍କୁ ପରାମର୍ଶ ଦେଇଛନ୍ତି । ସେହିପରି ରାଜ୍ୟର ବିଭିନ୍ନ ସ୍ଥାନରେ ଟେଷ୍ଟିଂ ଏବଂ ଟୀକାଦାନ ସ୍ଥାନରେ ଅବ୍ୟବସ୍ଥା ଆଉ ଗୋଟିଏ ବଡ ସମସ୍ୟା ସୃଷ୍ଟି କରିଛି । ଅବ୍ୟବସ୍ଥା କାରଣରୁ ଲୋକଙ୍କୁ ବହୁତ ସମୟ ଧରି ଖରାରେ ଛିଡା ହେବାକୁ ପଡୁଛି ।

## ଗିଫ୍ଟ ପକ୍ଷରୁ ନିରାଶୟଙ୍କୁ ଖାଦ୍ୟ ବିତରଣ



ଭୁବନେଶ୍ୱର,୧୬/୫: କରୋନା ଯୋଗୁଁ ସଟ୍ ଡାଉନ୍ ଚାଲିଥିବା ବେଳେ ବହୁ ନିରାଶୟ ଖାଇବାକୁ ପାଉ ନାହାଁନ୍ତି। ଲିଙ୍ଗରାଜ ମନ୍ଦିର ନିକଟ, ରେଲୱେ ଷ୍ଟେସନ୍ ନିକଟ ଓ ବିଭିନ୍ନ ସ୍ଥାନରେ ବସୁଥିବା ନିରାଶୟଙ୍କୁ ଗ୍ଲୋରି ଅଫ୍ ଇଂଟରନ୍ୟାସନାଲ୍ ଫାଉଣ୍ଡେସନ୍ ଟ୍ରଷ୍ଟ(ଗିଫ୍ଟ) ପକ୍ଷରୁ ଖାଦ୍ୟ ପୁଡ଼ିଆ ବିତରଣ କରାଯାଇଥିଲା। ଟ୍ରଷ୍ଟର ଅଧକ୍ଷା ଆଇନଜୀବୀ ସଂଗୀତା ପଟ୍ଟନାୟକଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମରେ ସାମାଜିକ ଦୂରତା ରଖି ଏହି କାର୍ଯ୍ୟ କରାଯାଇଥିଲା।

## ରାଜଧାନୀରେ ବେକାବୁ ସଂକ୍ରମଣ, ୨୪ ଘଂଟାରେ ୧୩୫୩ ପଜିଟିଭ୍

ଭୁବନେଶ୍ୱର,୧୬/୦୫ (ନି.ପ୍ର): ଭୁବନେଶ୍ୱରରେ କରୋନା ସଂକ୍ରମଣ ସବୁ ରେକର୍ଡ ପାର୍ କରିଛି। ଭୁବନେଶ୍ୱର ମହାନଗର ନିଗମ(ବିଏମ୍ସି) ଅଂଚଳରୁ ରବିବାର ଆଉ ୧୩୫୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେଥିରୁ ୨୧୮ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୧୧୩୫ ଲୋକାଲ୍ କେସ ରହିଛନ୍ତି। କେବଳ ପଟିଆ ଅଂଚଳରୁ ୧୧୬ ଜଣ (ଲୋକାଲ ୧୦୨, କ୍ୱାରେଂଟାଇନ୍ ୧୪)ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଅପରପକ୍ଷରେ ୨୪ ଘଂଟାରେ ୯୩୮ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ଏନେଇ ବିଏମ୍ସି ପକ୍ଷରୁ ଟ୍ୱିଟ୍ କରାଯାଇଛି। ବିଏମସିର ସୂଚନା ଅନୁସାରେ ଲୋକାଲ ଆକ୍ରାନ୍ତଙ୍କ ମଧ୍ୟରୁ ପଟିଆରୁ ସର୍ବାଧିକ ୧୦୨ ଜଣ ଓ ନୟାପଲ୍ଲୀରୁ ୭୮ଜଣ , ଓଲ୍ଡ ଟାଉନ୍ ରୁ ୫୯ ଜଣ , ଖଣ୍ଡଗିରି, ଲକ୍ଷ୍ମୀସାଗରରୁ ଓ ଡୁମଡୁମାରୁ ୪୫ ଜଣ ଲେଖାଏଁ ରହିଛନ୍ତି। କେବଳ ସେତିକି ନୁହେଁ ଝାରପଡା ଓ ରସୁଲଗଡରୁ ୩୭ ଲେଖାଏଁ, ସହୀଦନଗରରରୁ ୩୬, ଚନ୍ଦ୍ରଶେଖରପୁରରୁ ୩୦, ବରମୁଣ୍ଡାରୁ ୨୮, ପଳାଶପଲ୍ଲୀରୁ ୨୫, ୟୁନିଟ ୯ ରୁ ୨୫, ନିଳାଦ୍ରୀବିହାରରୁ ୨୫, ୟୁନିଟ୍ ୮ରୁ ୨୫, ପାତ୍ରପଡାରୁ ୨୩ , ପୋଖରୀପୁଟରୁ ୨୩, ୟୁନିଟ୍ ୬ରୁ ୨୨, ବଡଗଡରୁ ୨୨, ଜୟଦେବ ବିହାରରୁ ୨୦ ଜଣ ଆକ୍ରାନ୍ତ ରହିଛନ୍ତି । ସେହିପରି ଲକ୍ଷ୍ମୀସାଗରରୁ ୧୬ ଜଣ, ନୟାପଲ୍ଲୀରୁ ୧୪ଜଣ, ପଟିଆରୁ ୧୪ ଜଣ, ଡୁମଡୁମାରୁ ୯, ଶୈଳଶ୍ରୀବିହାର , ଓଲ୍ଡ ଟାଉନ୍ ଓ ବଡଗଡରୁ ୭ ଜଣ ଲେଖାଏଁ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଛନ୍ତି। ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୬୧୬୩୪ କୁ ବୃଦ୍ଧି ପାଇଛି। ସେହିପରି ସୁସ୍ଥଙ୍କ ସଂଖ୍ୟା ୪୯୨୨୪ କୁ ବୃଦ୍ଧି ପାଇଛି। ଭୁବନେଶ୍ୱରରେ ଏବେ ୧୨୯୦୬ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୨୯୩ ରହିଛି।

## ଜିଲ୍ଲାପାଳ ପରିଦର୍ଶନ କଲେ କୋଭିଡ ହସ୍ପିଟାଲ

### ଚିକିତ୍ସା ବ୍ୟବସ୍ଥା ସହ ଅକ୍ସିଜେନ ଓ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥାର କଲେ ସମୀକ୍ଷା



ବାରିପଦା,୧୬/୦୫ (ନି.ପ୍ର): ଜିଲ୍ଲାରେ ଦିନକୁ ଦିନ କରୋନା ସଂକ୍ରମଣ ଓ ମୃତ୍ୟୁହାର ବଢୁଥିବା ବେଳେ, ବିଭିନ୍ନ ସମୟରେ ଚିକିତ୍ସାରେ ସମସ୍ୟା ଓ ପରିଚାଳନାଗତ ତୃଟି ବିଷୟରେ ଗଣ ମାଧ୍ୟମ ଓ ଜନସାଧାରଣରେ ଚର୍ଚ୍ଚା ହୋଇ ଆସୁଥିଲା । ତେବେ ଆଜି ମୟୂରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ମୟୂରଭଞ୍ଜ ଶ୍ରୀ ପ୍ରକାଶ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ରୁଦ୍ର ନାରାୟଣ ମହାନ୍ତି, କୋଭିଡ ନୋଡାଲ ଅଫିସର ତଥା ବାରିପଦା ପିଏ ଆଇଟିଡିଏ ବସନ୍ତ କୁମାର ସେଠୀ, ସିଡିଏମଓ ଡାଃ ରୂପଭାନୁ ମିଶ୍ର ଙ୍କ ସମେତ ଡାକ୍ତରୀ ଟିମ ଏବଂ ହେଲ୍ପ ଲାଇନ ଟିମ ଓ ଅକ୍ସିଜେନ ଯୋଗାଣ ଦାୟୀତ୍ୱରେ ଥିବା ଅଧିକାରୀ ଙ୍କ ସହିତ ବାରିପଦା ବାଙ୍କିଶୋଳ ସ୍ଥିତ କୋଭିଡ ହସପିଟାଲ ପରିଦର୍ଶନ କରି ଚିକିତ୍ସା ବ୍ୟବସ୍ଥା ଓ ଅକ୍ସିଜେନ ମହଜୁଦ ସମ୍ପର୍କରେ ସମୀକ୍ଷା କରିବା ସହିତ ହସପିଟାଲରେ ଅକ୍ସିଜେନର ଅଭାବ ନଥିବା କହିଛନ୍ତି ଏବଂ ଅତିରିକ୍ତ ଅକ୍ସିଜେନ ସିଲିଣ୍ଡର ବନ୍ଦୋବସ୍ତ କରାଯାଉଥିବାର କହିଛନ୍ତି । ତେବେ ଜିଲ୍ଲାରେ ଆଗାମୀ ଦିନରେ କୋଭିଡ ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା କୋଭିଡ ପରିଚାଳନା ସଠିକ ଭାବରେ ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳ ସମସ୍ତ ଲାଇନ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବାର ଜଣା ଯାଇଛି ।

## ଅଙ୍ଗାରଡ଼ିଆ ବୋଷ କଲୋନୀରେ କଳାକନା ବୁଲାଇଲେ ଦୁର୍ବୃତ୍ତ



ବାଲେଶ୍ୱର,୧୬/୦୫ (ନି.ପ୍ର): ସମ୍ପର୍କୀୟଙ୍କ ମୃତାହକର୍ମରେ ଯୋଗ ଦେବାକୁ ଯାଇଥିବା ବେଳେ ଘରେ ଚୋର କଳାକନା ବୁଲାଇଥିବା ନେଇ ଅଭିଯୋଗ ହୋଇଛି ବାଲେଶ୍ୱର ସହରର ଅଙ୍ଗାରଗଡ଼ିଆ ବୋଷ କଲୋନିରେ। ଡିସ ଟିଭି କମ୍ପାନିର ଆଞ୍ଚଳିକ ଅଧିକାରୀ ଭାବେ କାର୍ଯ୍ୟରତ ଜଳେଶ୍ୱର ରାୟରାମଚନ୍ଦ୍ରପୁର ଅଞ୍ଚଳର ସନାତନ ଦାସଙ୍କ ପୁତ୍ର ଉମାଶଙ୍କର ଦାସ ଗତ ୬ମାସ ଧରି ବୋଷ କଲୋନିରେ ନୂଆଘର କରି ରହୁଛନ୍ତି। ସ୍ୱର୍ଗତ କକାଙ୍କର ମୃତାହ କର୍ମରେ ଯୋଗ ଦେବା ପାଇଁ ଗତ ୧୪ ତାରିଖ ଦିନ ସେ ପରିବାର ସହ ରାୟରାମଚନ୍ଦ୍ରପୁର ଯାଇଥିଲେ। ୧୬ ତାରିଖ ସକାଳେ ସେମାନେ ଘରକୁ ଫେରିବା ପରେ ଫାଟକ ଓଘରର କବାଟ ଖୋଲାଥିବା ଦେଖିବାକୁ ପାଇଥିଲେ। ଘରର ଆଲମାରୀ ତାଲା ଭାଙ୍ଗି ସେଥିରୁ ଲକ୍ଷାଧିକ ଟଙ୍କାର ସୁନାଗହଣା, ଦୁଇଟି ନୂଆ ମୋବାଇଲ ଓ ୧୫ ହଜାର ଟଙ୍କା ସହ ଅନ୍ୟାନ୍ୟ ସାମଗ୍ରୀ ଚୋରୀ ହୋଇଥିବା ସେମାନେ ଦେଖିବାକୁ ପାଇଥିଲେ। ଏନେଇ ଉମାଶଙ୍କର ଶିକ୍ଷାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ୨୪ ଘଂଟାରେ ୧୨୦୭୭ ସୁସ୍ଥ

ଭୁବନେଶ୍ୱର,୧୬/୦୫ (ନି.ପ୍ର): ରାଜ୍ୟରେ ଆଜି କୋଭିଡ-୧୯ରୁ ୧୨ହଜାର ୭୭ ଜଣ ସୁସ୍ଥ ହୋଇଛନ୍ତି ।ଏଥି ସହିତ ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫ ଲକ୍ଷ ୧୪ ହଜାର ୫୩୨କୁ ବୃଦ୍ଧି ପାଇଛି । ସୂଚନାଯୋଗ୍ୟ, ଆଜି ରାଜ୍ୟରେ ୧୧୭୩୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିଲେ । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର ପକ୍ଷରୁ ଟୁଇଟ୍ ଜରିଆରେ ଏହି ସୂଚନା ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ସୁନ୍ଦରଗଡ଼ରୁ ଆଜି ସର୍ବାଧିକ ୨୦୭୭ ଜଣ ଏବଂ ଖୋର୍ଦ୍ଧା ଜିଲ୍ଲାରୁ ୧୬୧୧ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । କଟକରୁ ୯୧୬, ଅନୁଗୁଳରୁ ୫୮୦, ସମ୍ବଲପୁରରୁ ୫୪୩, ବରଗଡ଼ରୁ ୪୬୨, ପୁରୀରୁ ୪୫୩, ବାଲେଶ୍ୱରରୁ ୪୩୭, ବଲାଙ୍ଗୀରରୁ ୪୩୫, ନବରଂଗପୁରରରୁ ୪୨୯, ଝାରସୁଗୁଡ଼ାରୁ ୪୨୫, କଳାହାଣ୍ଡିରୁ ୪୦୧ ଓ ଭଦ୍ରକରୁ ୩୮୨ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିଭଳି ନୂଆପଡ଼ା ଜିଲ୍ଲାରୁ ୨୬୧ ଜଣ, ଗଂଜାମରୁ ୨୧୮, ନୟାଗଡ଼ରୁ ୨୧୫, ସୁବର୍ଣ୍ଣପୁରରୁ ୨୧୩, କେନ୍ଦୁଝରରୁ ୨୧୦, ରାୟଗଡ଼ାରୁ ୧୭୬, ମୟୂରଭଂଜରୁ ୧୭୫, କେନ୍ଦ୍ରାପଡ଼ାରୁ ୧୫୬, ଢେଙ୍କାନାଳରୁ ୧୩୭, ଦେବଗଡ଼ରୁ ୧୩୬, ଜଗତସିଂହପୁରରୁ ୧୩୦, କୋରାପୁଟରୁ ୧୧୮, ଯାଜପୁରରୁ ୧୦୪, ଗଜପତିରୁ ୧୦୧, ବୌଦ୍ଧରୁ ୯୨, କନ୍ଧମାଳରୁ ୬୯, ମାଲକାନଗିରିରୁ ୬୩ ଓ ରାଜ୍ୟ ପୁଲରୁ ୩୫୭ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ।

## ପାୱାର ଏମ୍ପ୍ଲୋଇଜ ୟୁନିୟନର ଭର୍ଚୁଆଲ ବୈଠକ

### 'ଟାଟା ପାୱାର'ର ଠିକା କାର୍ଯ୍ୟଧାରାକୁ ନେଇ ଅସନ୍ତୋଷ

ବାଲେଶ୍ୱର,୧୬/୦୫ (ନି.ପ୍ର): ନେସ୍କୋ ପାୱାର ଏମ୍ପ୍ଲୋଏଜ ୟୁନିୟନର ସଭାପତି ଜଗଦୀଶ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଟାଟା ପାୱାର ନର୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଅଧୀନସ୍ଥ ୫ ଗୋଟି ଜିଲାର ନେତୃମଣ୍ଡଳୀଙ୍କୁ ନେଇ ଭର୍ଚ୍ୟୁଆଲ ବୈଠକ ଅନୁଷ୍ଠିତ ହୋଇଯାଇଛି । ୟୁନିୟନର ସାଧାରଣ ସମ୍ପାଦକ ତାରାକାନ୍ତ ପଟ୍ଟନାୟକ, ଉପ-ସାଧାରଣ ଜ୍ୟୋତିକୃଷ୍ଣ ବେହେରା, କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର ବେରା, ସିଇଡି ସମ୍ପାଦକ ଦେବାଶିଷ ପଣ୍ଡା, ବିଇଡି ସମ୍ପାଦକ ସପନ କୁମାର ଦାସ ପ୍ରମୁଖ ଏଥିରେ ଯୋଗଦେଇ ସାମ୍ପ୍ରତିକ ସ୍ଥିତିରେ ବିଦ୍ୟୁତ ଉପଭୋକ୍ତାଙ୍କୁ ଉତ୍ତମ ସେବା ପ୍ରଦାନରେ ବିଦ୍ୟୁତ କର୍ମଚାରୀମାନେ ଦୈନନ୍ଦିନ ଜୀବନରେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଏଥିରେ ଆଲୋଚନା କରିଥିଲେ। ୫ ଗୋଟି ଜିଲାରେ ୨ଲକ୍ଷ ୫୦ ହଜାର ବିଦ୍ୟୁତ ଉପଭୋକ୍ତା ଥିବା ସମୟରେ ସେମାନଙ୍କୁ ସେବା ପ୍ରଦାନ ପାଇଁ ସେତେବେଳେ ୫ ହଜାର ୮ଶହ ୮୦ ଜଣ କର୍ମଚାରୀ କାର୍ଯ୍ୟ କରଥିଲେ। ସମ୍ପ୍ରତି ଉପଭୋକ୍ତା ବା ଗ୍ରାହକଙ୍କ ସଂଖ୍ୟା ୧୯ ଲକ୍ଷ ଟପିଥିବା ବେଳେ କର୍ମଚାରୀଙ୍କ ସଂଖ୍ୟା ୫ ହଜାର ୮ଶହରୁ ହ୍ରାସ ପାଇ ୨ହଜାର ୭ଶହରେ ପହଞ୍ଚିଛି। ଫଳରେ ଗ୍ରାହକଙ୍କୁ ସେବା ପ୍ରଦାନରେ ଏହା ଅନ୍ତରାୟ ହୋଇଥିବା ସଙ୍ଗଠନର କର୍ମକର୍ତ୍ତାମାନେ କହିଥିଲେ। ଅନ୍ୟପକ୍ଷରେ ବିଦ୍ୟୁତ ବଣ୍ଟନ ଦାୟିତ୍ୱ ନେଇଥିବା ଟାଟା ପାୱାର ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ସଂସ୍ଥା କର୍ମଚାରୀ ସଂଖ୍ୟା ବୃଦ୍ଧି ପରିବର୍ତ୍ତେ ସମସ୍ତ କାର୍ଯ୍ୟକୁ ଠିକାଦାରଙ୍କ ମାଧ୍ୟମରେ କରିବା ଦୁର୍ଭାଗ୍ୟଜନକ ବିଷୟ ବୋଲି ସେମାନେ ମତ ପ୍ରକାଶ କରିଥିଲେ। ନିମ୍ନମାନର ସାମଗ୍ରୀ ବ୍ୟବହାର ଯୋଗୁଁ କର୍ମଚାରୀଙ୍କ ଜୀବନ ପ୍ରତି ଏବେ ବିପଦ ଦେଖାଦେଇଛି। ସବୁଠାରୁ ବଡ଼କଥା ହେଲା ୨ମାସ ଧରି ଦାୟିତ୍ୱ ନେଇଥିବା ଟାଟା ପାୱାରର ଅଧିକାରୀମାନେ ସଂଘ ସହ କୌଣସି ଆଲୋଚନା ମଧ୍ୟ କରୁ ନାହାନ୍ତି ବୋଲି ଏହି ବୈଠକରେ କର୍ମକର୍ତ୍ତାମାନେ ଆରୋପ ଉଠାଇଥିଲେ। ୫ଗୋଟି ଜିଲାର ପ୍ରତ୍ୟେକ ସେକ୍ସନରେ ଖାଲି ପଡ଼ିଥିବା ପଦବୀ ପୂରଣ ନେଇ ମଧ୍ୟ କୌଣସି ପଦକ୍ଷେପ ନେଉ ନାହାନ୍ତି। ଫଳରେ ଏହାକୁ ନେଇ କର୍ମଚାରୀ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଥିବା ସେମାନେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏନେଇ ତୁରନ୍ତ ଉଚିତ ପଦକ୍ଷେପ ନେବାକୁ ବୈଠକରେ କର୍ମକର୍ତ୍ତାମାନେ ଟାଟା ପାୱାରର ଅଧିକାରୀଙ୍କୁ ନିବେଦନ କରିଛନ୍ତି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo